


ଆଜିଠୁ ମହିଳା
ଟି-୨୦ ବିଶ୍ୱକପ
 କ୍ରୀଡ଼ା ପୃଷ୍ଠାରେ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-344 FRIDAY 12 JUNE 2026 PAGE-16 ₹ 7.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୩୪୪ ଶୁକ୍ରବାର ୧୨ ଜୁନ୍ ୨୦୨୬ ପୃଷ୍ଠା-୧୬ ଟ.୭.୦୦



3001/34/2627

୨ ବର୍ଷରେ ଗୁଣା ବିକାଶ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ବିକାଶର ଧାରା ଓଡ଼ିଶା ସାରା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ରାଜ୍ୟ ସରକାରଙ୍କ ୨ ବର୍ଷର ଉପଲବ୍ଧି ସମ୍ବଳିତ ପ୍ରଦର୍ଶନୀର
## ଶୁଭ ଉଦ୍‌ଘାଟନ

ମୁଖ୍ୟ ଅତିଥି

## ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର**
ମନ୍ତ୍ରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର-ଭୁବନେଶ୍ୱର

### ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ

- "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭାରମ୍ଭ
- ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସଠାରୁ ଇନଫୋସିଟି ଭାୟା ଏକାମ୍ର କାନନ ରାସ୍ତାର ଉଦ୍‌ଘାଟନ
- ୫୭୪ କୋଟି ଟଙ୍କାର ଜନାଶ୍ରୟ ଭବନ, ୟୁନିଟ୍-୨, ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନ
- ଜୟଦେବ ବିହାର ଓ ନନ୍ଦନକାନନ ରୋଡ଼ର କାର୍ଯ୍ୟାରମ୍ଭ
- ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଲେଡି ସୁପରଭାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନର ଶୁଭାରମ୍ଭ
- "ସୁଭଦ୍ରା ଶକ୍ତି ସଂବାଦ" ର ଶୁଭାରମ୍ଭ

**୧୨ ଜୁନ୍ ୨୦୨୬ | ଅପରାହ୍ଣ ୪:୦୦ ଘଟିକା | ଇଡ଼କୋ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର**

OIPR-3001/3029/2/26-27/0014



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

# ଖଡ଼ଗେ, ପୱନ ଖେରାଙ୍କ ସମେତ ୧୮ ପ୍ରାର୍ଥୀ ନିର୍ବାଚିତ

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ରାଜ୍ୟସଭାର ଖାଲି ପଡ଼ିଥିବା ୨୬ଟି ଆସନ ମଧ୍ୟରୁ ୧୮ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଦଳର ଗଣମାଧ୍ୟମ ଓ ପ୍ରଚାର ମୁଖ୍ୟ ପୱନ ଖେରା କର୍ଣ୍ଣାଟକରୁ ନିର୍ବାଚିତ ହୋଇଛନ୍ତି। ଅବଶିଷ୍ଟ ୮ଟି ଆସନ ପାଇଁ ଆସନ୍ତା ଜୁନ୍ ୧୮ରେ ମତଦାନ ଅନୁଷ୍ଠିତ ହେବ। ତେବେ ଏହି ନିର୍ବାଚନରେ ବିଜେପିକୁ ବଡ଼ ସଫଳତା ମିଳିଛି। ନିର୍ବାଚିତ ୧୮ ଜଣଙ୍କ ମଧ୍ୟରେ ବିଜେପିର ୧୦ ଜଣ, କଂଗ୍ରେସର ୪ ଜଣ, ଟିଡିପିର ୩ ଜଣ ଏବଂ ଜନସେନା ପାର୍ଟିର ଜଣେ ପ୍ରାର୍ଥୀ ରହିଛନ୍ତି। ବିଜେପି ଗୁଜରାଟର ସମସ୍ତ ୪ଟି ଆସନ ଏବଂ ମଧ୍ୟପ୍ରଦେଶର ସମସ୍ତ ୩ଟି ଆସନରେ ବିଜୟ ଲାଭ କରିଛି। ଏହି ରାଜ୍ୟଗୁଡ଼ିକରେ କଂଗ୍ରେସ ନିଜର ଆସନ ହରାଇଥିବା ବେଳେ ବିଜେପି ୨ଟି ଅତିରିକ୍ତ ଆସନ ହାସଲ କରିବାରେ ସଫଳ ହୋଇଛି। ସେପଟେ କର୍ଣ୍ଣାଟକରେ କଂଗ୍ରେସ ୩ଟି ଆସନ ଜିତିଥିବା ବେଳେ ଏନଡିଏ ଗୋଟିଏ ଆସନରେ ବିଜୟୀ ହୋଇଛି। ରାଜସ୍ଥାନରେ କିନ୍ତୁ ସ୍ଥିତି ଅପରିବର୍ତ୍ତିତ ରହିଛି। ସେଏଠାରେ ବିଜେପି ୨ଟି ଏବଂ କଂଗ୍ରେସକୁ ଗୋଟିଏ ଆସନ ପ୍ରାପ୍ତ ହୋଇଛି। ଜୁନ୍ ୧୮ରେ ଝାଡ଼ଖଣ୍ଡର ୨ଟି ଏବଂ ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ, ମିଜୋରାମ, ମହାରାଷ୍ଟ୍ର ଓ ତାମିଲନାଡୁର ଗୋଟିଏ ଲେଖାଏଁ ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ୨୪୫ ସଦସ୍ୟ ବିଶିଷ୍ଟ ଉଚ୍ଚ ସଦନରେ ବର୍ତ୍ତମାନ ଏନଡିଏର ସାଂସଦ ସଂଖ୍ୟା ୧୪୭ରେ ପହଞ୍ଚିଛି। ଅନ୍ୟପଟେ ବିରୋଧୀ ଦଳଙ୍କ ପାଖରେ ୬୭ ଜଣ ଏବଂ କୌଣସି ମେଣ୍ଟରେ ନଥିବା ଆଞ୍ଚଳିକ ଦଳଗୁଡ଼ିକ ପାଖରେ ୨୮ ଜଣ ସାଂସଦ ରହିଛନ୍ତି।

**ବଳକା ୮ ରାଜ୍ୟସଭା ଆସନ ପାଇଁ ୧୮ ରେ ମତଦାନ**

## ମୀନାକ୍ଷୀଙ୍କ ପ୍ରାର୍ଥିପତ୍ର ନାକଚ ମାମଲା: ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ମଧ୍ୟପ୍ରଦେଶ ରାଜ୍ୟସଭା ନିର୍ବାଚନ ପାଇଁ ନିଜର ପ୍ରାର୍ଥିପତ୍ର ଖାରଜ ହେବା ପରେ କଂଗ୍ରେସ ନେତ୍ରୀ ମୀନାକ୍ଷୀ ନଟରାଜନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିର୍ବାଚନ ସତ୍ୟପାଠରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଇଥିବା ଅଭିଯୋଗରେ ତାଙ୍କ ନାମାଙ୍କନପତ୍ରକୁ ନାକଚ କରାଯାଇଥିଲା। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସେ ଦାୟର କରିଥିବା ଆବେଦନର ଶୁଣାଣି ଶୁକ୍ରବାର ଦିନ ସର୍ବୋଚ୍ଚ ଅଦାଲତରେ ଅନୁଷ୍ଠିତ ହେବ। ସର୍ବୋଚ୍ଚ ଅଦାଲତର ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ବିଚାରପତି ଅତୁଲ ଏସ ଚାନ୍ଦୁରକରଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ତେବେ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ସମୟରେ ଏହି ଆବେଦନ କେତେଦୂର ଗ୍ରହଣଯୋଗ୍ୟ, ସେ ନେଇ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ମୀନାକ୍ଷୀଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି ଯୁକ୍ତି ବାଢ଼ିଛନ୍ତି ଯେ, କେବଳ ଦୁଇ ବର୍ଷ ବା ତା'ଠାରୁ ଅଧିକ ସଜା ହୋଇପାରୁଥିବା ଅପରାଧିକ ମାମଲା ବିଷୟରେ ସୂଚନା ଦେବା ଆବଶ୍ୟକ, ମାତ୍ର ଏହି ମାମଲାରେ କେବଳ ସମନ ଜାରି କରାଯାଇଥିଲା।

## ସିଆଇଡି ଅଫିସରେ ହାଜର ହେଲେ ଅଭିଷେକ ବାନାର୍ଜୀ

କୋଲକାତା/ଗୁଆହାଟୀ, ୧୧।୬(ଏଜେନ୍ସି): ବିଧାୟକଙ୍କ ଦସ୍ତଖତ ଜାଲିଆତି ମାମଲାରେ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ ଆଜି ସିଆଇଡି ଅଫିସରେ ହାଜର ହୋଇଛନ୍ତି। ଏହି ମାମଲାରେ ଦୀର୍ଘ ସମୟ ଧରି ଅଧିକାରୀମାନେ ତାଙ୍କୁ ପଚରାଉଚରା କରିଛନ୍ତି। ଏହି ମାମଲାରେ ତାଙ୍କୁ ଗିରଫ କରାଯାଇପାରିବ ନାହିଁ ବୋଲି କଲିକତା ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୨୦୨୧ ମସିହାର ଏକ ପୁରୁଣା ମାମଲାରେ ତ୍ରିପୁରାର ଏକ କୋର୍ଟ ଅଭିଷେକଙ୍କୁ ସମନ ଜାରି କରି ଆସନ୍ତା ଜୁନ୍ ୨୨ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ ମସିହାରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗିରଫ ହୋଇଥିବା ୧୪ ଜଣ ଟିଏମସି କର୍ମୀଙ୍କୁ ମୁକ୍ତ କରିବା ପାଇଁ ଅଭିଷେକ ଏବଂ ଅନ୍ୟ ନେତାମାନେ ତ୍ରିପୁରାର ଖୋୱାଇ ଥାନାକୁ ଯାଇଥିଲେ। ସେଠାରେ ସେମାନେ ପୋଲିସ ଅଧିକାରୀଙ୍କ ସହ ଦୁର୍ବ୍ୟବହାର ଓ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

## ପେଣ୍ଟାଗନରେ ବିଷାକ୍ତ ଗ୍ୟାସ୍ ଲିକ୍, ତାଲା ପଡ଼ିଲା

ୱାସିଂଟନ୍, ୧୧।୬(ଏଜେନ୍ସି): ଆମେରିକା ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ ପେଣ୍ଟାଗନରେ ଏକ ସମ୍ଭାବ୍ୟ ବିଷାକ୍ତ ପଦାର୍ଥ କିମ୍ବା ବାୟୁ ଗୁଣବତ୍ତା ସମସ୍ୟାକୁ ନେଇ ଗୁରୁବାର ହଇଚଇ ସୃଷ୍ଟି ହୋଇଛି। ପେଣ୍ଟାଗନ ପ୍ରବକ୍ତା ଶନ୍ ପାର୍ନେଲଙ୍କ ସୂଚନା ଅନୁଯାୟୀ, ବିଲ୍ଡିଂ ମଧ୍ୟରେ ଥିବା ସ୍ୱୟଂଚାଳିତ ମନିଟରିଂ ସିଷ୍ଟମ୍ ଏକ ଆଲର୍ଟ ଜାରି କରିଥିଲା। ସୁରକ୍ଷା ଦୃଷ୍ଟିରୁ ବିଲ୍ଡିଂର ଅନେକ ମହଲାକୁ ତୁରନ୍ତ ଲକଡାଉନ୍ କରାଯିବା ସହ କିଛି ଅଂଶରୁ କର୍ମଚାରୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବାୟୁର ମାନ ପରୀକ୍ଷା ପାଇଁ ଦୁଇ ଘଣ୍ଟା ସମୟ ଲାଗିଥିଲା। ଘଟଣାସ୍ଥଳରେ ବିଭିନ୍ନ ଏଜେନ୍ସିର ଜରୁରୀକାଳୀନ ପ୍ରତିକ୍ରିୟା ଦଳ ମୁତୟନ ହୋଇଥିଲେ। ପ୍ରାଥମିକ ସତର୍କତା ପରେ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଥିଲେ ହେଁ, କିଛି ସମୟ ପରେ ସ୍ଥିତି ସ୍ପଷ୍ଟ ହୋଇଥିଲା। ସିଏନ୍‌ଏନ୍ ଅନୁଯାୟୀ, ଏହି ସମ୍ପୂର୍ଣ୍ଣ ଘଟଣାଟି ଏକ ମିଥ୍ୟା ସତର୍କତା ଥିଲା। ପରୀକ୍ଷା ପରେ କୌଣସି କ୍ଷତିକାରକ ବିଷାକ୍ତ ପଦାର୍ଥ ମିଳିନଥିବା ଜଣାପଡ଼ିଛି। ତେବେ ପେଣ୍ଟାଗନ ଅଧିକାରୀମାନେ ଏପର୍ଯ୍ୟନ୍ତ ଏହି ଆଲର୍ଟ କେଉଁ କାରଣରୁ ସୃଷ୍ଟି ହୋଇଥିଲା ସେ ନେଇ ସ୍ପଷ୍ଟ ସୂଚନା ପ୍ରଦାନ କରିନାହାଁନ୍ତି। କିନ୍ତୁ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ସମସ୍ତ ପଦକ୍ଷେପ ନିଆଯାଇଥିବାରୁ କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ।

## ଆସାମରେ ଭୂମିକମ୍ପ

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଆଜି ରାତିରେ ଆସାମରେ ଭୂମିକଂପ ଅନୁଭୂତ ହୋଇଛି। ଆଜି ରାତି ୯ଟା ପରେ ହୋଇଥିବା କମ୍ପନର ତୀବ୍ରତା ୪.୭ ଥିବା ମପାଯାଇଛି। ଏହାର ଝଟକା ସମଗ୍ର ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଅନୁଭୂତ ହୋଇଛି। ତେବେ ଏହା ଯୋଗୁଁ କୌଣସି କ୍ଷୟକ୍ଷତି ହୋଇଛି କି ନାହିଁ, ତାହାର ରିପୋର୍ଟ ମିଳିନାହିଁ। ତେବେ ଏହାକୁ ନେଇ ଲୋକେ ଆତଙ୍କିତ ଅଛନ୍ତି।

# ହରିୟାଣାରେ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଆତଙ୍କ: ଜିମ୍ ମାଲିକଙ୍କୁ ଗୁଳି କରି ହତ୍ୟା



ହାନ୍ସି (ହରିୟାଣା), ୧୧।୬(ଏଜେନ୍ସି): ହରିୟାଣାର ହାନ୍ସି ସହରରେ ଗୁରୁବାର ସକାଳେ ଜଣେ ଜିମ୍ ମାଲିକଙ୍କୁ ଦିନଦ୍ୱିପ୍ରହରରେ ଗୁଳି କରି ହତ୍ୟା କରାଯାଇଛି। ବାଇକରେ ଆସିଥିବା ଦୁଇଜଣ ଦୁର୍ବୃତ୍ତ ମାତ୍ର ୫ ସେକେଣ୍ଡ ମଧ୍ୟରେ ପ୍ରାୟ ୧୦ ରାଉଣ୍ଡ ଗୁଳି ଚଳାଇ ଜିମ୍ ସଞ୍ଚାଳକ କପିଳଙ୍କୁ ହତ୍ୟା କରିଛନ୍ତି। କୁଖ୍ୟାତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟୀ କରିଛି। ସକାଳ ପ୍ରାୟ ୫:୩୦ ସମୟରେ କପିଳ ଯୁବକ-ଯୁବତୀମାନଙ୍କୁ ବ୍ୟାୟାମ ଶିଖାଉଥିବା ବେଳେ ହେଲମେଟ ପିନ୍ଧିଥିବା ଦୁଇ ଆକ୍ରମଣକାରୀ ତାଙ୍କ ମୁଣ୍ଡ ଓ ପିଠିକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ହିଁ କପିଳଙ୍କ ମୃତ୍ୟୁ ହୋଇଥିଲା। ଏହି ଗୁଳିକାଣ୍ଡରେ ଶିଖା ନାମକ ଜଣେ ମହିଳା ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ହତ୍ୟାକାଣ୍ଡ ପରେ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ହରି ବକ୍ସର ଏକ ଅଡିଓ ବାର୍ତ୍ତା ଜାରି କରି ଏହି ହତ୍ୟା ପାଇଁ ନିଜ ଗ୍ୟାଙ୍ଗକୁ ଦାୟୀ କରିଛି। ପୂର୍ବ ଶତ୍ରୁତା ଓ ଚେତାବନୀକୁ ଅବଜ୍ଞା କରିବା ଯୋଗୁଁ କପିଲଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛି। ଏହି ଅଡିଓ ବାର୍ତ୍ତାରେ ଦିଲ୍ଲୀରେ ହୋଇଥିବା ଏକ ଗୁଳିକାଣ୍ଡ ପାଇଁ ମଧ୍ୟ ଗ୍ୟାଙ୍ଗ ନିଜକୁ ଦାୟୀ କରିଛି। ଏଥିସହ ବଲିଉଡ ଅଭିନେତା ସଲମାନ ଖାନଙ୍କ ନିକଟତର ହେଉଥିବା ବ୍ୟକ୍ତିମାନଙ୍କୁ ଯେତେ ସୁରକ୍ଷା ମିଳିଲେ ବି ଛଡ଼ାଯିବ ନାହିଁ ବୋଲି ସେଥିରେ ଧମକ ଦିଆଯାଇଛି। ଏହି ସମ୍ପୂର୍ଣ୍ଣ ଘଟଣାର ସିସିଟିଭି ଚିତ୍ର ସାମ୍ନାକୁ ଆସିବା ପରେ ପୋଲିସ ଓ ଫୋରେନସିକ ଦଳ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ବିଦେଶରେ ରହୁଥିବା ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଗିରଫ କରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି।

# ତ୍ରିପୁରା ମେଡିକାଲ କଲେଜରେ 'ଆର ଜି କର' କାଣ୍ଡ



ଆଗରତାଲା, ୧୧।୬(ଏଜେନ୍ସି): ତ୍ରିପୁରା ଶାନ୍ତିନିକେତନ ମେଡିକାଲ କଲେଜ ପରିସରରୁ ଜଣେ ମହିଳା କର୍ମଚାରୀଙ୍କ ରହସ୍ୟମୟ ମୃତଦେହ ଉଦ୍ଧାର କରାଯାଇଛି, ଯାହା କୋଲକାତାର ଚର୍ଚ୍ଚିତ ଆର ଜି କର ମାମଲା ଭଳି ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କଲେଜର ପରୀକ୍ଷା ବିଭାଗରେ କାର୍ଯ୍ୟରତ ୨୪ ବର୍ଷୀୟା ମନୀଷା ଦାସଙ୍କ ମୃତଦେହ ହଷ୍ଟେଲର ତୃତୀୟ ମହଲାରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ମୃତ ମହିଳାଙ୍କ ମା' ଏହାକୁ ସ୍ପଷ୍ଟ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହ କଲେଜ କର୍ତ୍ତୃପକ୍ଷ ଏଥିରେ ସାମିଲ ଥିବା ଦାବି କରିଛନ୍ତି। ଦୁଷ୍କର୍ମ ପରେ ହତଶ କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଜଣକୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ଏହି ମେଡିକାଲ କଲେଜ ବିଭିନ୍ନ ପ୍ରଶାସନିକ ଅନିୟମିତତା ପାଇଁ ବିବାଦ ଘେରରେ ରହିଆସିଛି।

## ଉପସାଗରରେ ଆମେରିକାର ଆକ୍ରମଣ

# ୩ ଭାରତୀୟ ନାବିକଙ୍କ ମୃତ୍ୟୁ




**■ ପ୍ରତିବାଦ ଜଣାଇଲା ଭାରତ**
**■ ଠିକ୍ କରିଛୁ, କହିଲା ଆମେରିକା**

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଓମାନ ଉପକୂଳ ନିକଟରେ ଆମେରିକା ସେନା ଦ୍ୱାରା ଏକ ତେଲ ବାହୀ ଜାହାଜ ଉପରେ ହୋଇଥିବା ଆକ୍ରମଣରେ ନିଖୋଜ ଥିବା ୩ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ର ସେବାୟନ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ସୂଚନା ଦେଇ ଘଟଣାକୁ ଅତ୍ୟନ୍ତ 'ଦୁଃଖଦାୟକ' ବୋଲି ଆଖ୍ୟା ଦେଇଛନ୍ତି। ମୃତ ନାବିକମାନେ ହେଲେ- ଡେକ୍ କ୍ୟାଡେଟ୍ ଆଦିତ୍ୟ ଶର୍ମା, ଇଞ୍ଜିନ ଫିଟର ଶିବାନନ୍ଦ ଚୌରାସିଆ ଏବଂ ଚିଫ୍ ଇଞ୍ଜିନିୟର ପଟନାଲା ସୁରେଶ। ପାଲାଉର ପତାକା ଧାରୀ ତେଲ ଟ୍ୟାଙ୍କର୍ 'ଏମଟି ସେଟେବେଲୋ' ଉପରେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ବାୟୁସେନା ସଠିକ୍ ଗୋଳାବାରୁଦ ସାହାଯ୍ୟରେ ଆକ୍ରମଣ କରିଥିଲା। ଏହି ଜାହାଜରେ ୨୪ ଜଣ ଭାରତୀୟଙ୍କ ସମେତ ମୋଟ ୨୮ ଜଣ କ୍ରୁ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ୨୧ ଜଣ ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଆମେରିକା ସେନା ପକ୍ଷରୁ କୁହାଯାଇଛି ଯେ, ଇରାନୀୟ ତେଲ ଉପରେ ଲାଗିଥିବା କଟକଣାକୁ ଏହି ଜାହାଜ ଉଲ୍ଲଂଘନ କରୁଥିଲା। ଆମେରିକା ସେନାର ନିର୍ଦ୍ଦେଶକୁ ବାରମ୍ବାର ଅମାନ୍ୟ କରି ଜାହାଜଟି ଇରାନରୁ ତେଲ ପରିବହନ କରୁଥିବାରୁ ଓମାନ ଗଲ୍‌ଫରେ ଏହାକୁ ଆକ୍ରମଣ କରି ଅଚଳ କରାଯାଇଥିଲା। ମନ୍ତ୍ରୀ ସୋନୋୱାଲ କହିଛନ୍ତି ଯେ, ମୋଦୀ ସରକାର ଶୋକସନ୍ତପ୍ତ ପରିବାର ସହ ଦୃଢ଼ ଭାବରେ ଠିଆ ହୋଇଛନ୍ତି। ଉଦ୍ଧାର ହୋଇଥିବା ନାବିକମାନଙ୍କୁ ତୁରନ୍ତ ଦେଶକୁ ଫେରାଇ ଆଣିବା ଏବଂ ମୃତକଙ୍କ ପାର୍ଥିବ ଶରୀରକୁ ସମ୍ମାନର ସହ ସ୍ୱଦେଶ ଆଣିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାରତ ଏହି ଆକ୍ରମଣକୁ କଡ଼ା ନିନ୍ଦା କରିଛି। ଏହି ସାମୁଦ୍ରିକ ଅଞ୍ଚଳରେ ଚାଲିଥିବା ସଂଘର୍ଷ ଯୋଗୁଁ ଏପରି ଆକ୍ରମଣ ଚିନ୍ତାଜନକ ବୋଲି ଭାରତ କହିଛି ଏବଂ ସ୍ଥିତି ସୁଧାରିବାକୁ ଆହ୍ୱାନ ଦେଇଛି। ଏହି ଘଟଣାକୁ ନେଇ ନୂଆଦିଲ୍ଲୀରେ ଥିବା ଆମେରିକାର ରାଷ୍ଟ୍ରଦୂତଙ୍କୁ ସମନ କରାଯାଇ ଭାରତ ପକ୍ଷରୁ ଦୃଢ଼ ପ୍ରତିବାଦ ପତ୍ର ଦାଖଲ କରାଯାଇଛି। ମଧ୍ୟ-ପ୍ରାଚ୍ୟ ଯୁଦ୍ଧ କାରଣରୁ ହର୍ମୁଜ ପ୍ରଣାଳୀରେ ସାମୁଦ୍ରିକ ଚଳାଚଳ ପ୍ରଭାବିତ ହୋଇଛି। ଗୋଟିଏ ପଟେ ଇରାନ ଏହି ପଥକୁ ଅବରୋଧ କରିଥିବା ବେଳେ ଏପ୍ରିଲ ମାସରୁ ଆମେରିକା ମଧ୍ୟ ନିଜର କଟକଣା ଜାରି ରଖିଛି। ଏହି ଦୁଇ ଶକ୍ତିଙ୍କ ମଧ୍ୟରେ ଚାଲିଥିବା ଛାୟା ଯୁଦ୍ଧରେ ତିନି ଜଣ ନିରୀହ ଭାରତୀୟ ନାବିକଙ୍କ ଜୀବନ ଯିବା ଅନ୍ତର୍ଜାତୀୟ ସ୍ତରରେ ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି।

ସାମୁଦ୍ରିକ ବାଣିଜ୍ୟ ଜାହାଜ ଉପରେ ହେଉଥିବା ଆକ୍ରମଣକୁ ନେଇ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଗଲ୍‌ଫ ବା ଉପସାଗରୀୟ ଅଞ୍ଚଳରେ ଚାଲିଥିବା ଇରାନ ସଂଘର୍ଷ ଯୋଗୁଁ ଅନେକ ଭାରତୀୟ ନାଗରିକ ପ୍ରାଣ ହରାଇଛନ୍ତି ଏବଂ କେତେକ ନିଖୋଜ ଅଛନ୍ତି ବୋଲି ଭାରତ ଜାତିସଂଘକୁ ଜଣାଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ହରୀଶ ପର୍ବଥାନେନୀ କହିଛନ୍ତି ଯେ, ଗଲ୍‌ଫ ଅଞ୍ଚଳରେ ପ୍ରାୟ ୧ କୋଟି ଭାରତୀୟ ବସବାସ କରୁଛନ୍ତି ଏବଂ ସେମାନଙ୍କ ସୁରକ୍ଷା ଭାରତ ପାଇଁ ସର୍ବୋଚ୍ଚ ପ୍ରାଥମିକତା। ଓମାନ ଉପକୂଳରେ ଭାରତୀୟ କ୍ରୁ-ମେମ୍ବର ଥିବା ବାଣିଜ୍ୟିକ ଜାହାଜ 'ସେଟେବେଲୋ' ଉପରେ ଆମେରିକାର ଆକ୍ରମଣକୁ ନେଇ ଭାରତ ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତଙ୍କ ନିକଟରେ ଦୃଢ଼ ପ୍ରତିବାଦ ମଧ୍ୟ ଜଣାଇଛି।

# ଜୋର୍‌ଦାର୍ ପ୍ରବେଶ ପରେ ଅଟକିଗଲା ମୌସୁମୀ

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆରମ୍ଭରୁ ଦ୍ରୁତ ଗତିରେ ଆଗକୁ ବଢ଼ିବା ପରେ ଏବେ ଏହାର ଗତିପଥ ମନ୍ଥର ହୋଇଯାଇଛି। ଜୁନ୍ ୪ ରେ କେରଳ ଛୁଇଁବା ପରେ ଏହା ଦକ୍ଷିଣ ଭାରତ, ଆରବ ସାଗର, ବଙ୍ଗୋପସାଗର ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଶୀଘ୍ର ବିସ୍ତାର ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହାର ଗତି ସ୍ଥିର ହୋଇଯାଇଥିବାରୁ ମଧ୍ୟ, ପଶ୍ଚିମ ଏବଂ ଉତ୍ତର-ପଶ୍ଚିମ ଭାରତର ବଡ଼ ଅଂଶ ଏବେ ବି ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି। ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ଅନୁଯାୟୀ, ମୌସୁମୀର ଗତି କମିବା ପଛରେ କିଛି ନିର୍ଦ୍ଦିଷ୍ଟ କାରଣ ରହିଛି। ଆରବ ସାଗର ଏବଂ ବଙ୍ଗୋପସାଗରରେ ଦୀର୍ଘ ସମୟ ହେବ କୌଣସି ଲଘୁଚାପ, ଅବପାତ କିମ୍ବା ବାତ୍ୟା ସୃଷ୍ଟି ହୋଇନାହିଁ। ୨୦୨୫ ଶେଷ ଆଡ଼କୁ ଆସିଥିବା 'ଦିତୱା' ବାତ୍ୟା ପରେ କୌଣସି ବଡ଼ ପାଣିପାଗ ପ୍ରକ୍ରିୟା ଦେଖାଯାଇ ନାହିଁ। ସାଧାରଣତଃ ଏହି ଲଘୁଚାପଗୁଡ଼ିକ ସମୁଦ୍ରରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁକୁ ସ୍ଥଳଭାଗ ଆଡ଼କୁ ଟାଣିବାରେ ସାହାଯ୍ୟ କରନ୍ତି, ଯାହା ମୌସୁମୀକୁ ଦ୍ରୁତଗାମୀ କରେ। ଏହି ବ୍ୟବସ୍ଥା ଅଭାବରୁ ମୌସୁମୀ କେବଳ ନିଜର ସ୍ୱାଭାବିକ ପ୍ରବାହ ଉପରେ ନିର୍ଭର କରୁଛି, ଯାହାଫଳରେ ଗତି ଧିମା ହୋଇଛି। ବର୍ତ୍ତମାନ ମୌସୁମୀ ବାୟୁ କେବଳ ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳରେ ଶକ୍ତିଶାଳୀ ରହିଛି, ଯେଉଁଥିପାଇଁ ସେଠାରେ ଭଲ ବର୍ଷା ହେଉଛି। କିନ୍ତୁ ଦେଶର ଭିତର ଏବଂ କେନ୍ଦ୍ରୀୟ ଭାଗରେ ଏବେ ବି ଗରମ ଅନୁଭୂତ ହେଉଛି। ପାଣିପାଗ ବିଶେଷଜ୍ଞଙ୍କ ମତରେ, ମୌସୁମୀ ସବୁବେଳେ ସମାନ ଗତିରେ ଆଗକୁ ବଢେ ନାହିଁ। ଏହା ପର୍ଯ୍ୟାୟକ୍ରମେ ଗତି କରିଥାଏ; କିଛି ଦିନ ଦ୍ରୁତ ଗତିରେ ବଢ଼ିବା ପରେ କିଛି ସମୟ ପାଇଁ ଅଟକିଯାଏ ଏବଂ ପୁଣି ସକ୍ରିୟ ହୁଏ। ଏ ବର୍ଷ ମଧ୍ୟ ସେଭଳି ଦେଖିବାକୁ ମିଳୁଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ମୌସୁମୀ ଧିମା ହେଲେ ମଧ୍ୟ ଏହା ଉତ୍ତର-ପୂର୍ବର ସମସ୍ତ ରାଜ୍ୟ, ସିକିମ ଏବଂ ପଶ୍ଚିମବଙ୍ଗର କିଛି ଅଂଶକୁ ସଫଳତାର ସହ ଛୁଇଁ ସାରିଛି। ମୌସୁମୀର ଆଗାମୀ ଯାତ୍ରା ସମ୍ପୂର୍ଣ୍ଣ ଭାବେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ନୂଆ ଲଘୁଚାପ ଉପରେ ନିର୍ଭର କରେ।

# ମଣିପୁର ପୁଣି ଅଶାନ୍ତ

ଇମ୍ଫାଲ, ୧୧।୬(ଏଜେନ୍ସି): ମଣିପୁରରେ ଜାତିଗତ ହିଂସା ଘଟଣାରେ କାମଜୋଙ୍ଗ ଜିଲ୍ଲାର କୁଲ୍ଲା କୁକି ଗ୍ରାମରେ ସନ୍ତ୍ରାସବାଦୀମାନେ କୁକି ସମ୍ପ୍ରଦାୟର ୨ ଜଣଙ୍କୁ ଗୁଳି କରି ହତ୍ୟା କରିବା ସହ ୩୦ରୁ ଅଧିକ ଘର ପୋଡ଼ି ଦେଇଥିବା ସୂଚନା ମିଳିଛି। ଅନ୍ୟପଟେ, କାଙ୍ଗପୋକପି ଜିଲ୍ଲାରେ ନାଗା ସମ୍ପ୍ରଦାୟର ୬ ଜଣ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗତ ମେ ୧୩ରେ ଲୈଲନ୍ ଭାଇଫେଇ ଗ୍ରାମରୁ ଅପହୃତ ହୋଇଥିବା ୬ ଜଣ ବ୍ୟକ୍ତିଙ୍କର ଏହି ମୃତଦେହ ବୋଲି ପୁଲିସ ସନ୍ଦେହ କରିଛି। ପ୍ରାୟ ୨୯ ଦିନ ପରେ କରମ ଭାଇଫେଇ ଗ୍ରାମରୁ ଏହି ଶବଗୁଡ଼ିକ ମିଳିଥିଲା। ବୁଧବାର ବିଳମ୍ବିତ ରାତିରେ ଏହି ୬ଟି ମୃତଦେହକୁ ପୋରୋମପାଟ ସ୍ଥିତ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। ଭିଡ଼ ନିୟନ୍ତ୍ରଣ ବାହାରକୁ ଯିବାରୁ ପୁଲିସକୁ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଏହି ଘଟଣାର ତଦନ୍ତ ପାଇଁ ଏନଆଇଏ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସି ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏହି ହତ୍ୟାକାଣ୍ଡକୁ ବିରୋଧ କରି ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଛି। ସେନାପତି ଜିଲ୍ଲାର କାରୋଙ୍ଗ ଅଞ୍ଚଳରେ ଉତ୍ତ୍ୟକ୍ତ ଲୋକେ ମାଲବାହୀ ଟ୍ରକରେ ନିଆଁ ଲଗାଇବା ସହ ନାଗା ପିପୁଲ୍ସ ଫ୍ରଣ୍ଟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଛନ୍ତି। ଏଥିସହିତ ତମେଙ୍ଗଲଙ୍ଗ ଜିଲ୍ଲାର ଟାମେଇ ଅଞ୍ଚଳରେ ମଧ୍ୟ ଅଶାନ୍ତି ଦେଖାଦେଇଛି। ପୂର୍ବରୁ ଜୁନ୍ ୮ ରେ କୁକି ବିଦ୍ରୋହୀଙ୍କ ଗୁଳିମାଡ଼ରେ ଜଣେ ନାଗା ଗ୍ରାମର ସୁରକ୍ଷାକର୍ମୀ ପ୍ରାଣ ହରାଇଥିଲେ। ଏକ ଆରଟିଆଇ ତଥ୍ୟରୁ ଗତ ୩ ବର୍ଷ ମଧ୍ୟରେ ମଣିପୁର ହିଂସା ଯୋଗୁଁ ୭୩୧ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

**■ କୁକି ସମ୍ପ୍ରଦାୟର ୨ଜଣଙ୍କୁ ହତ୍ୟା**
**■ ୩୦ ଘରକୁ ଜାଳିଦେଲେ**

# ବିମାନ ଦେଖିଲେ ଡରୁଛନ୍ତି ପରିବାର



**ଅହମଦାବାଦ ବିମାନ ଦୁର୍ଘଟଣାକୁ ବର୍ଷେ**



ଅହମଦାବାଦ, ୧୧।୬(ଏଜେନ୍ସି): ଠିକ୍ ବର୍ଷକ ତଳେ ଗୁଜରାଟର ଅହମଦାବାଦଠାରେ ଘଟିଥିବା ସେହି ସେହି ଭୟଙ୍କର ବିମାନ ଦୁର୍ଘଟଣାକୁ ଆଜି ଏକ ବର୍ଷ ପୂରିଛି। ସମୟ ବଦଳି ଯାଇଛି ସତ, କିନ୍ତୁ ସେହି ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖିନାହିଁ। ଆଜି ବି ସେହି ଭୟାବହ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଆନ୍ଦୋଳିତ କରୁଛି। ରିପୋର୍ଟ ଅନୁଯାୟୀ, ଦୁର୍ଘଟଣାର ବର୍ଷେ ପରେ ମଧ୍ୟ ପରିବାରର ସଦସ୍ୟମାନେ ଏଭଳି ମାନସିକ ଆଘାତରେ ଅଛନ୍ତି ଯେ ସେମାନେ ଏବେ ବିମାନରେ ବସିବାକୁ ଅତ୍ୟନ୍ତ ଭୟ କରୁଛନ୍ତି। ସେହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମୀୟମାନେ ଏବେ ଏକ ଗଭୀର ମାନସିକ ସମସ୍ୟା ଦେଇ ଗତି କରୁଛନ୍ତି। ଅନେକ ପରିବାରର ସଦସ୍ୟ ନିଜର ଦୈନନ୍ଦିନ ଜୀବନକୁ ସ୍ୱାଭାବିକ କରିବା ପାଇଁ ଆଜି ବି ମାନସିକ ରୋଗ ବିଶେଷଜ୍ଞଙ୍କ ସାହାଯ୍ୟ ନେଉଛନ୍ତି ଏବଂ ସେମାନଙ୍କର ନିୟମିତ କାଉନସେଲିଂ ଚାଲିଛି। ଗତ ବର୍ଷ ଆଜିର ଦିନରେ ଅହମଦାବାଦ ବିମାନବନ୍ଦର ନିକଟରେ ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାନ୍ତ୍ରିକ ତ୍ରୁଟି ଏବଂ ଖରାପ ପାଣିପାଗ ଯୋଗୁଁ ଘଟିଥିବା ଏହି ଅଘଟଣରେ ଅନେକ ନିରୀହ ଯାତ୍ରୀ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ବର୍ଷେ ବିତିଯାଇଥିଲେ ମଧ୍ୟ ମୃତକଙ୍କ ପରିବାର ଲୋକେ ବିମାନ ସେବା ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଛନ୍ତି। ସରକାର ଓ ବିମାନ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ଆର୍ଥିକ ସହାୟତା ସେମାନଙ୍କ ପରିବାରର ଶୂନ୍ୟସ୍ଥାନକୁ ପୂରଣ କରିପାରିନାହିଁ। ସେମାନଙ୍କର କହିବା କଥା ଯେ, ବିମାନ ଯାତ୍ରାକୁ ଏଭଳି ସୁରକ୍ଷିତ କରାଯାଉ ଯେମିତି ଭବିଷ୍ୟତରେ ଆଉ କେହି ନିଜର ପ୍ରିୟଜନଙ୍କୁ ଏମିତି ନ ହରାନ୍ତୁ। ଅହମଦାବାଦ ବିମାନ ଦୁର୍ଘଟଣାର ପ୍ରଥମ ବାର୍ଷିକୀ ଆମକୁ ମନେ ପକାଇଦିଏ ଯେ, ଯେକୌଣସି ବଡ଼ ଦୁର୍ଘଟଣା କେବଳ କିଛି ସେକେଣ୍ଡ ମଧ୍ୟରେ ଶେଷ ହୋଇଯାଏ, କିନ୍ତୁ ଏହା ପଛରେ ଛାଡ଼ିଯାଉଥିବା କ୍ଷତ ଏବଂ ମାନସିକ ଆଘାତ ସମ୍ପୃକ୍ତ ପରିବାରକୁ ସାରା ଜୀବନ ବହନ କରିବାକୁ ପଡ଼ିଥାଏ। ପୀଡ଼ିତ ପରିବାରକୁ ମାନସିକ ସ୍ତରରେ ସୁସ୍ଥ କରିବା ପାଇଁ ସାମାଜିକ ଏବଂ ପରିବାରିକ ସମର୍ଥନର ଅତ୍ୟନ୍ତ ଆବଶ୍ୟକତା ରହିଛି।

## ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଇସ୍ତଫା

ଲଣ୍ଡନ, ୧୧।୬(ଏଜେନ୍ସି): ବ୍ରିଟେନର ପ୍ରତିରକ୍ଷା ସଚିବ ଜନ୍ ହିଲି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସରକାରଙ୍କ ସାମରିକ ଖର୍ଚ୍ଚ ଯୋଜନା ଦେଶର ସୁରକ୍ଷା ପାଇଁ ଆବଶ୍ୟକ ସମ୍ବଳ ଯୋଗାଇବାରେ ବିଫଳ ହୋଇଥିବା ଦର୍ଶାଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ କିର ଷ୍ଟାରମର୍‌ଙ୍କ ନେତୃତ୍ୱାଧୀନ ସରକାର ପାଇଁ ଏହା ଏକ ବଡ଼ ଝଟକା ବୋଲି କୁହାଯାଉଛି। ଜନ୍ ହିଲି ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନର ବିପଜ୍ଜନକ ସମୟରେ ଦେଶର ସୁରକ୍ଷା ପାଇଁ ଯେତିକି ପୁଞ୍ଜି ବିନିଯୋଗ ଆବଶ୍ୟକ, ସରକାରଙ୍କ ନୂତନ ଯୋଜନା ତା'ଠାରୁ ବହୁତ କମ୍ ଥିବା ଦର୍ଶାଇଛନ୍ତି।

# ଗୃହିଣୀମାନେ ହେଉଛନ୍ତି 'ରାଷ୍ଟ୍ର ନିର୍ମାତା': ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ବିଚାର ସମୟରେ ଦେଶର କୋଟି କୋଟି ମହିଳାଙ୍କ ସମ୍ମାନ ଏବଂ ସେମାନଙ୍କ ଦେୟବିହୀନ ପରିଶ୍ରମକୁ ରାଷ୍ଟ୍ର ନିର୍ମାଣ ଦିଗରେ କରୁଥିବା କାର୍ଯ୍ୟ ବୋଲି କହିଛନ୍ତି। ଘର ସମ୍ଭାଳୁଥିବା ମହିଳାମାନଙ୍କ ପାଇଁ 'ଗୃହିଣୀ' ଶବ୍ଦଟି ଅତି ଛୋଟ ଏବଂ ବାସ୍ତବରେ ସେମାନେ ଜଣେ ଜଣେ 'ରାଷ୍ଟ୍ର ନିର୍ମାତା' ବୋଲି ଜଷ୍ଟିସ୍ ସଞ୍ଜୟ କରୋଲଙ୍କ ନେତୃତ୍ୱରେ ଗଠିତ ବେଞ୍ଚ କହିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ଜଣେ ଗୃହିଣୀଙ୍କ ଦ୍ୱାରା କରାଯାଉଥିବା ବିନା ଦରମାର ପରିଶ୍ରମ ପରିବାରକୁ ସୁଦୃଢ଼ କରିବା ସହ ଭବିଷ୍ୟତ ପିଢ଼ିକୁ ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହି ଅବଦାନର ଅସ୍ୱୀକାର୍ଯ୍ୟ ଆର୍ଥିକ ମୂଲ୍ୟ ରହିଛି। ଦୁର୍ଘଟଣାଜନିତ ମୃତ୍ୟୁ ମାମଲାରେ କ୍ଷତିପୂରଣ ଧାର୍ଯ୍ୟ କରିବା ସମୟରେ କେବଳ ଆର୍ଥିକ କ୍ଷତିକୁ ନୁହେଁ, ବରଂ ସେହି ମହିଳାଙ୍କ ଦ୍ୱାରା ପରିବାରକୁ ଦିଆଯାଉଥିବା ସେବା ଓ ଯତ୍ନର ମୂଲ୍ୟକୁ ମଧ୍ୟ ବିଚାରକୁ ନିଆଯିବା ଉଚିତ ବୋଲି କୋର୍ଟ କହିଛନ୍ତି। ମୋଟର ଦୁର୍ଘଟଣା ମାମଲାରେ କ୍ଷତିପୂରଣ ରାଶି ନିର୍ଦ୍ଧାରଣ କରିବା ମାମଲା ବିଚାର ବେଳେ ସୁପ୍ରିମକୋର୍ଟ ଏହି ରାୟ ଦେବା ସହ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। କୋର୍ଟ 'ଘରୋଇ ସେବା ହରାଇବା' ବାବଦକୁ ମାସିକ ୩୦, ୦୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏହାସହ ଗୃହିଣୀଙ୍କ ଭବିଷ୍ୟତର ଅବଦାନକୁ ମଧ୍ୟ କ୍ଷତିପୂରଣ ଗଣନା ସମୟରେ ଅନ୍ତର୍ଭୁକ୍ତ କରିବାକୁ କୁହାଯାଇଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ବିବାହର ଅର୍ଥ ଜଣେ ଚାକରାଣୀ ନିଯୁକ୍ତି କରିବା ନୁହେଁ, ବରଂ ଘରୋଇ ଦାୟିତ୍ୱ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କର ମିଳିତ କର୍ତ୍ତବ୍ୟ। ଜଣେ ବିବାହିତା ଡାକ୍ତର ବା ଅନ୍ୟ କୌଣସି ପେଶାରେ ରହି ନିଜର କ୍ୟାରିୟର ଗଢ଼ିବାକୁ ଇଚ୍ଛା ପ୍ରକାଶକଲେ ତାହାକୁ ସ୍ୱାମୀ ବା ଶ୍ୱଶୁର ଘର ପ୍ରତି କ୍ରୁରତା ବୋଲି କୁହାଯାଇପାରିବ ନାହିଁ। ପୀଡ଼ିତ ପରିବାର ଯେପରି ଦୀର୍ଘ ଦିନ ଧରି ଆଇନଗତ ଲଢେଇ ନକରନ୍ତି, ସେଥିପାଇଁ ସମସ୍ତ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ମୋଟର ଦୁର୍ଘଟଣା କ୍ଷତିପୂରଣ ମାମଲାଗୁଡ଼ିକର ତଦାରଖ କରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-344 ♦FRIDAY ♦12 JUNE 2026 ♦PAGE-16 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୪୪ ♦ଶୁକ୍ରବାର ♦୧୨ ଜୁନ୍ ୨୦୨୬ ♦ପୃଷ୍ଠା-୧୬ ♦ଟ.୭.୦୦




ଭାରତୀୟ ଜୁନିଅର ଦଳରେ ଦ୍ରାବିଡ଼ଙ୍କ ପୁଅ ଅନ୍ୱୟ

▶କ୍ରୀଡ଼ା ପୃଷ୍ଠାରେ...





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର 30 ଜୁନ 2026 ପର୍ଯ୍ୟନ୍ତ ବୈଧ ଅଟେ । ପଲ୍‌ସର୍ N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର୍, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444• **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441 • Puri MSB BAJAJ 7077735752 • Pipili MSB BAJAJ 7077735755 • Brahmagiri MSB BAJAJ 7008198739 Sakhigopal MSB BAJAJ 9124590859 • Jankia BHARAT BAJAJ 9348768960** •Cuttack: **Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211** • Rahama MAITREE BAJAJ 9668801781, **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979 • **Chandikhole** TARINI BAJAJ 9937310800, • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781.

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-344 ◆FRIDAY ◆12 JUNE 2026 ◆PAGE-16 ◆₹ 7.00
◆ବର୍ଷ-୪୩ ◆ସଂଖ୍ୟା-୩୪୪ ◆ଶୁକ୍ରବାର ◆୧୨ ଜୁନ୍ ୨୦୨୬ ◆ପୃଷ୍ଠା-୧୬ ◆ଟ.୭.୦୦

# ରାଜଧାନୀରେ ଦୁଇ ଟ୍ରେନ୍ ମୁହାଁମୁହିଁ ଧକ୍କା



■ ଭୁବନେଶ୍ୱର ୧୧।୬ (ସମିସ): ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେସନ ସନ୍ନିକଟ ଝାରପଡ଼ା ରେଳ ଟ୍ରାକ ନିକଟରେ ଆଜି ଦୁଇଟି ଟ୍ରେନ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଟ୍ରେନ ଦୁଇଟିର ସମ୍ମୁଖ ଇଞ୍ଜିନି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଏଥିରେ ଯାତ୍ରୀଙ୍କର କୌଣସି କ୍ଷୟକ୍ଷତି ହୋଇନାହିଁ।

ସୂଚନା ଅନୁସାରେ, ଆଜି(ଗୁରୁବାର) ସକାଳେ ଭୁବନେଶ୍ୱର ଷ୍ଟେସନରୁ ଆସୁଥିବା ଏକ ଯାତ୍ରୀବାହୀ ଟ୍ରେନ ମଞ୍ଚେଶ୍ୱର ଦିଗରୁ ଆସୁଥିବା ଏକ ଟ୍ରେନ୍‌କୁ ଦେଲା ଧକ୍କା ଦେଇଥିଲା। କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱରର ୪ ନମ୍ବର ପ୍ଲାଟଫର୍ମରେ ଲାଗିଥିଲା ଓ ଟ୍ରାକ ଚେଞ୍ଜ ବେଳେ, ବ୍ରେକରେ ସମସ୍ୟା ହେବାରୁ କିଛି ରାସ୍ତା ଗଡ଼ି ଯାଇଥିଲା। ଫଳରେ ଅନ୍ୟ ଟ୍ରେନ୍ ସହ ଧକ୍କା ହୋଇଥିଲା। ଯଦିଓ ଏଥିରେ କୌଣସି ମୃତାହତର ସୂଚନା ମିଳିପାରି ନାହିଁ, ତେବେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପୁଲିସ, ରେଳବାଇ କର୍ମଚାରୀ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲେ। ଘଟଣା ସମ୍ପର୍କରେ ପୂର୍ବତଟ ରେଳବାଇ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ସମୟୋଚିତ ହସ୍ତକ୍ଷେପ ଯୋଗୁଁ ଏକ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିଛି। ଘଟଣା ସମୟରେ ଉଭୟ ରେକ୍ ଖାଲି ଥିବାରୁ ଦୁର୍ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇନାହାନ୍ତି। ରେଳ ଅଧିକାରୀ ଏବଂ ବୈଷୟିକ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରୋଲିଂ ଷ୍ଟକ୍ ସୁରକ୍ଷିତ ରଖିବା ଏବଂ ପରିସ୍ଥିତିର ମୂଲ୍ୟାଙ୍କନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ। ମୁଖ୍ୟ ଲାଇନରେ ଟ୍ରେନ୍ ପରିଚାଳନା ଏବଂ ଯାତ୍ରୀ ସେବା ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି।

# ଓଡ଼ିଶା ଏରୁଣ୍ଡି ଡେଇଁ ଅଟକିବ ମୌସୁମୀ

■ ଭୁବନେଶ୍ୱର,୧୧।୬(ସମିସ): ରାଜ୍ୟକୁ ମୌସୁମୀ ଆସିବ ଆସିବ ବୋଲି ଆଇଏମ୍‌ଡି କହୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ମୌସୁମୀ ଓଡ଼ିଶା ଛୁଇଁପାରି ନାହିଁ। ଯଦିଓ ରଜ ପୂର୍ବରୁ ମୌସୁମୀ ଓଡ଼ିଶା ଛୁଇଁବା ନେଇ ଯଥେଷ୍ଟ ସମ୍ଭାବନା ରହିଛି, ମାତ୍ର ମୌସୁମୀ କିଛି ଜିଲ୍ଲାକୁ ଛୁଇଁ ଦେଇ ଏହା ପରେ ଏହି ପ୍ରକ୍ରିୟା ସ୍ଥଗିତ ରହିଯାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ମୁଖ୍ୟତଃ ବଙ୍ଗୋପସାଗରରେ କୌଣସି ଲଘୁଚାପ କିମ୍ବା ଅବପାତ ସୃଷ୍ଟି ନ ହେଉ ଥିବାରୁ ଓଡ଼ିଶା ପାଇଁ ଏବେ ମୌସୁମୀ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଉପକୂଳ ତୁଳନାରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଅଞ୍ଚଳରେ ଜଳୀୟବାଷ୍ପର ଜମାଟ ବାନ୍ଧିବା ପ୍ରକ୍ରିୟା ଅଧିକ ଶକ୍ତିଶାଳୀ ହେଉଛି। ଏହି ବଦଳୁଥିବା ପାଗର ପ୍ରଭାବ ଓଡ଼ିଶାରେ ମୌସୁମୀ ଆଗମନର ସମୟ ଏବଂ ବର୍ଷାର ବଣ୍ଟନ ଉପରେ ପଡ଼ିବ। ଏହି କ୍ରମରେ ଉପକୂଳରେ ମୌସୁମୀ ପ୍ରବେଶ ୧୨-୧୩ ଜୁନ୍ ମଧ୍ୟରେ ହୋଇପାରେ। ୧୨-୧୩ ତାରିଖ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆନୁଷ୍ଠାନିକ ଭାବେ ପ୍ରବେଶ କରିବା ପାଇଁ ପରିବେଶ ଅନୁକୂଳ ରହିଛି। ସାଧାରଣତଃ ଦକ୍ଷିଣରୁ ଉତ୍ତରକୁ କ୍ରମାଗତ ଭାବେ ମୌସୁମୀ ଆଗକୁ ବଢ଼େ। କିନ୍ତୁ ଏଥର ସେପରି ନହୋଇ ଓଡ଼ିଶାର ପ୍ରାୟ ସମଗ୍ର ଉପକୂଳ ଅଞ୍ଚଳ ଏକ ସ୍ୱଳ୍ପ ସମୟ ବ୍ୟବଧାନ ମଧ୍ୟରେ ମୌସୁମୀ ଋତୁରେ ପ୍ରବେଶ କରିବ। ମୌସୁମୀର ପ୍ରଥମ ପ୍ରଭାବ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଉପରେ ପଡ଼ିବାର ସମ୍ଭାବନା ଅଛି। ଏହି ସମୟରେ ମଧ୍ୟମରୁ ସ୍ଥାନେ ସ୍ଥାନେ ପ୍ରବଳ ଏବଂ ▶ପୃଷ୍ଠା-୧୩

# ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ; ଆକ୍ରମଣ ଧମକରୁ ଓହରିଲେ



## ଚୂଡ଼ାନ୍ତ ଫଇସଲା ନ ହେବା ପର୍ଯ୍ୟନ୍ତ ହର୍ମୁଜରେ ଜାରି ରହିବ ନୌସେନା ଅବରୋଧ

## ଭେନେଜୁଏଲା ଭଳି ଇରାନର ସମସ୍ତ ତୈଳ ଓ ଗ୍ୟାସ ଭଣ୍ଡାର ଦଖଲ ପାଇଁ ଧମକ ଦେଇଥିଲେ

■ ୱାଶିଂଟନ, ୧୧।୬ (ଏଜେନ୍ସି): ଆଜି ରାତିରେ ଇରାନ ଉପରେ ସବୁଠାରୁ ଭୟଙ୍କର ଆକ୍ରମଣ କରାଯିବ। ଇରାନର ତେଲ ଭଣ୍ଡାର ଥିବା ଖାର୍ଗ ଦ୍ୱୀପକୁ ଆମେରିକା ସେନା ଦଖଲ କରିବ। କେବଳ ସେତିକି ନୁହେଁ; ଭେନେଜୁଏଲା ଭଳି ଇରାନର ସମସ୍ତ ତୈଳ ଓ ଗ୍ୟାସ୍ ପ୍ରତିଷ୍ଠାନକୁ ଅକ୍ତିଆର କରାଯିବ। ଆଜି ସକାଳେ ଏଭଳି ଧମକ ଦେଇଥିବା ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଅପରାହ୍ନରେ ତାଙ୍କ ମତ ବଦଳାଇଛନ୍ତି। ସେ କହିଛନ୍ତି ଯେ ଇରାନ ଉପରେ ଆଜି ରାତିରେ ଆକ୍ରମଣ ହେବ ନାହିଁ। ଇରାନର ବରିଷ୍ଠ ନେତାମାନଙ୍କ ସହିତ ଶାନ୍ତି ଆଲୋଚନା ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ତେଣୁ ଇରାନ ଉପରେ ଆକ୍ରମଣ ଯୋଜନାକୁ ସେ ବାତିଲ କରିଥିବା ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ତେବେ ରାଜିନାମା ନେଇ ଚୂଡ଼ାନ୍ତ ଫଇସଲା ନହେବା ପର୍ଯ୍ୟନ୍ତ ହର୍ମୁଜରେ ନୌସେନା ଅବରୋଧ ଜାରି ରହିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଆଜି ସକାଳେ ସାମାଜିକ ଗଣମାଧ୍ୟମ 'ଟ୍ରୁଥ' ସୋସିଆଲରେ ବିବୃତି ଦେଇ ରାଷ୍ଟ୍ରପତି ଟ୍ରମ୍ପ କହିଥିଲେ ଯେ ଆମରିକାର ଆକ୍ରମଣରେ ଇରାନର ନୌସେନା, ବାୟୁସେନା, ରାଡାର ସମେତ ସମସ୍ତ ପ୍ରତିରକ୍ଷା ଶକ୍ତି ଓ ଭିତ୍ତିଭୂମି ଧ୍ୱଂସ ହୋଇଯାଇଛି। ଆଉ ଯାହା ବାକି ରହିଛି, ତାହାକୁ ଆଜି ରାତିରେ ଧ୍ୱଂସ କରିଦିଆଯିବ। ଏହାସହିତ ଇରାନର ସମସ୍ତ ତୈଳ ଓ ଗ୍ୟାସ ବଜାର ଆମେରିକା ନିୟନ୍ତ୍ରଣରେ ଆସିବ। ଭେନେଜୁଏଲାରେ ଆମେରିକାର ଏଭଳି ରଣନୀତି ସଫଳ ହୋଇଥିବାରୁ ଏହାକୁ ଇରାନରେ ମଧ୍ୟ କାର୍ଯ୍ୟକାରୀ କରାଯିବ। ସେ କହିଥିଲେ ଯେ ହର୍ମୁଜରେ ଆମେରିକାର ଆପାଚେ ହେଲିକପଟର ଉପରେ ଆକ୍ରମଣ କରି ଇରାନ ଭୁଲ କରିଛି ଏବଂ ଏହାର ଜବାବରେ ତୀବ୍ର ଆକ୍ରମଣ କରାଯିବ। ତାଙ୍କର ଏଭଳି ଧମକ ପରେ ଉପସାଗର ଅଞ୍ଚଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ, ଇରାନ ଓ ଆମେରିକା ମଧ୍ୟରେ ଏକ ଅସ୍ଥାୟୀ ଚୁକ୍ତି ପାଇଁ ଆଲୋଚନା ଜାରି ରହିଛି। ଉଭୟ ପକ୍ଷ ମଧ୍ୟରେ ଜବତ ହୋଇଥିବା ଇରାନୀୟ ପାଣ୍ଠିର ମୁକ୍ତିକୁ ନେଇ ମତଭେଦ ରହିଥିବା ଜଣାପଡ଼ିଛି। ଇରାନ ୬ରୁ ୧୨ ବିଲିୟନ ଡଲାର ତୁରନ୍ତ ମୁକ୍ତ କରିବାକୁ ଚାହୁଁଥିବା ବେଳେ ଆମେରିକା ପର୍ଯ୍ୟାୟକ୍ରମେ ସେହି ପାଣ୍ଠି ମୁକ୍ତ କରିବାକୁ ଚାହୁଁଛି। ସାମରିକ କାର୍ଯ୍ୟାନୁଷ୍ଠାନ ସହିତ ଓ କୂଟନୈତିକ ଆଲୋଚନା ଏକାସାଙ୍ଗରେ ଚାଲିଥିବାରୁ ମଧ୍ୟପ୍ରାଚ୍ୟର ପରିସ୍ଥିତି ଅଧିକ ସମ୍ବେଦନଶୀଳ ହୋଇପଡ଼ିଛି।

ଗତ ରାତିରେ ଆମେରିକା ପକ୍ଷରୁ ଇରାନ ଉପରେ ଜୋରଦାର ବିମାନ ଆକ୍ରମଣ କରାଯାଇଥିବା ବେଳେ, ଏହାର ଜବାବରେ ଇରାନ ମଧ୍ୟ ପାଲଟା ଆକ୍ରମଣ କରିଛି। ଆମେରିକୀୟ ସେନା(ସେଣ୍ଟକମ୍) ଇରାନର ସିରିକ, ମିନାବ, ବନ୍ଦର ଅବ୍ବାସ ଏବଂ ଗୋରଗାନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟିକୁ ଟାର୍ଗେଟ କରିଛି। ଟ୍ରମ୍ପଙ୍କ ଅନୁଯାୟୀ, ଇରାନ ଭିତରେ ୪୯ଟି 'ଟୋମାହକ୍' କ୍ରୁଜ୍ ମିସାଇଲ୍ ମାଧ୍ୟମରେ ଏହି ଆକ୍ରମଣ କରାଯାଇଛି। ଇରାନର ଆକ୍ରମଣାତ୍ମକ ଆଭିମୁଖ୍ୟର ଜବାବ ଏବଂ ଆତ୍ମରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଆମେରିକା କହିଛି। ଆମେରିକାର ଏହି ଆକ୍ରମଣ ପରେ ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍ସ୍' ପକ୍ଷରୁ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇରାନ ଜୋର୍ଡାନରେ ଥିବା ଆମେରିକାର 'ଅଲ୍-ଅଜରାକ' ଏୟାରବେସ୍ ଉପରେ ୧୨ଟି ବାଲିଷ୍ଟିକ ମିସାଇଲ୍ ମାଡ଼ କରିଥିବା ଦାବି କରିଛି। ଏହା ସହିତ କୁଏତ ଏବଂ ବହାରେନରେ ଥିବା ପ୍ରାୟ ୧୮ ଟି ଆମେରିକୀୟ ସାମରିକ ଘାଟିକୁ ମଧ୍ୟ ଇରାନ ଟାର୍ଗେଟ କରିଛି। ଏହି ଆକ୍ରମଣ ପରେ ବହାରେନରେ ସାଇରନ ବାଜିବା ସହ କୁଏତ ନିଜର ଆକାଶମାର୍ଗକୁ ସ୍ଥଗିତ ରଖିଛି। ଉତ୍ତେଜନା ବୃଦ୍ଧି ପାଇବା ପରେ ଇରାନ ପକ୍ଷରୁ ସେହି ଅଞ୍ଚଳର ସବୁଠାରୁ ବ୍ୟସ୍ତବହୁଳ ଏବଂ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ 'ହର୍ମୁଜକୁ ବନ୍ଦ କରିଦିଆଯାଇଛି।

'ନିତି' ଆୟୋଗ ପରିଚାଳନା ପରିଷଦର ୧୧ତମ ବୈଠକ

# ଦେଶର ବିକାଶରେ ଓଡ଼ିଶା ହେବ ସୁଦୃଢ଼ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୧୧।୬ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଦୂରଦୃଷ୍ଟି ପୂର୍ବ ଭାରତକୁ ଦେଶର ପରବର୍ତ୍ତୀ ବିକାଶର ପେଣ୍ଠସ୍ଥଳୀରେ ପରିଣତ କରୁଛି ଓ ଓଡ଼ିଶା ଏହି ପରିବର୍ତ୍ତନର ଅଗ୍ରଭାଗରେ ରହି ଗର୍ବିତ। ଦେଶର ବିକାଶରେ ଓଡ଼ିଶା ଏକ ସୁଦୃଢ଼ ସ୍ତମ୍ଭ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ନିତି' ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡବଲ୍-ଇଞ୍ଜିନ ସରକାରଙ୍କ ଅଧୀନରେ ଓଡ଼ିଶା ଆର୍ଥିକ ଶୃଙ୍ଖଳା ରକ୍ଷା କରିବା ସହ ଦୃଢ଼ ଅଭିବୃଦ୍ଧି ବଜାୟ ରଖିଛି। ୨୦୨୫-୨୬ ବର୍ଷରେ ଓଡ଼ିଶା ୭.୯ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିଛି। 'ଫିସ୍କାଲ ହେଲ୍‌ଥ ଇଣ୍ଡେକ୍ସ ୨୦୨୬'ରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆଜି ରାଜ୍ୟରେ ୯୦,୦ ୦୦ କୋଟିରୁ ଅଧିକ ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ଯାହା ଯୋଗାଯୋଗକୁ ସୁଦୃଢ଼ କରିବା ସହ ନୂତନ ଅର୍ଥନୈତିକ ସୁଯୋଗ ସୃଷ୍ଟି କରୁଛି। ସାଗରମାଳା ଏବଂ ପିଏମ୍ ଗତି ଶକ୍ତି ଅଧୀନରେ ଓଡ଼ିଶା ଦ୍ରୁତ ଗତିରେ ଏକ ପ୍ରମୁଖ ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ ହବ୍ ଭାବରେ ଉଭା ହେଉଛି। ▶ପୃଷ୍ଠା-୧୩

# ଦୁର୍ଘଟଣାରେ ବାପ-ଝିଅ ମୃତ



■ ସମ୍ବଲପୁର, ୧୧।୬ (ସମିସ) : ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଭତରା ଶଙ୍କରମଠ ଝଙ୍କାର ବନ୍ଧ ନିକଟରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପା ଓ ଝିଅର ମୃତ୍ୟୁ ହୋଇଯାଇଛି। ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥ ନଂ. ୧୫ରେ ଏକ କାର୍ ପ୍ରଥମେ ଏକ ବ୍ୟାଟେରୀ ଅଟୋକୁ ଧକ୍କା ଦେବାରୁ ତାହା ଯାଇ ସମ୍ମୁଖରେ ଯାଉଥିବା ସିମେଣ୍ଟ ମିକ୍ସର ଟ୍ରକ୍ ସହ ଧକ୍କା ହୋଇଥିଲା। ଫଳରେ ଧନୁପାଲିର ଅଟୋଚାଳକ ସୁରେନ୍ଦ୍ର ବେହେରା ଓରଫ କାଳିଆ (୩୫) ଏବଂ ତାଙ୍କ ନାବାଳିକା ଝିଅ ଶୁଭଶ୍ରୀ (୫) ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଧନୁପାଲି ପୁଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ବାପ ଝିଅଙ୍କ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା କାର ଚାଳକ ସହ ଆରୋହୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ସୁରେନ୍ଦ୍ର ନିଜ ବ୍ୟାଟେରୀ ଚାଳିତ ଅଟୋରେ ତାଙ୍କ ଝିଅ ଶୁଭଶ୍ରୀଙ୍କୁ ସାଙ୍ଗରେ ନେଇ ଯାଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସି ଏକ କାର୍ ତାଙ୍କ ଅଟୋକୁ ପଛପଟୁ ଧକ୍କାଦେଇ ଭାରସାମ୍ୟ ହରାଇ ନିକଟସ୍ଥ ଏକ ପୋଖରୀ ▶ପୃଷ୍ଠା-୧୩

# ମମତାଙ୍କ ପାଇଁ ଅଣ୍ଟା ଭିଡ଼ିଲେ ଶତ୍ରୁଘ୍ନ

■ ନୂଆଦିଲ୍ଲୀ / କୋଲକାତା, ୧୧।୬ (ଏଜେନ୍ସି): ନିଜ ଦଳ ଭିତରେ ଭୀଷଣ ବିଦ୍ରୋହର ସମ୍ମୁଖୀନ ହୋଇଥିବା ଟିଏମ୍‌ସି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢ଼ି ଚାଲିଥିବା ବେଳେ ତାଙ୍କ ପ୍ରତି ସମର୍ଥନ ଘୋଷଣା କରିଛନ୍ତି ବରିଷ୍ଠ ଅଭିନେତା ତଥା ଦଳୀୟ ସାଂସଦ ଶତ୍ରୁଘ୍ନ ସିହ୍ନା।

## ଦୀପକ ଅଧିକାରୀ, ବାବୁଲ ସୁପ୍ରିୟୋ ମଧ୍ୟ ସମର୍ଥନ ଦୋହରାଇଲେ

## ଲୋକସଭାରେ 'ବିଦ୍ରୋହୀ' ଟିଏମ୍‌ସି ସାଂସଦଙ୍କୁ ନେଇ ସସପେନ୍ସ



ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଥିବା ନେଇ ଚାଲିଥିବା ଚର୍ଚ୍ଚା ଉପରେ ବିରାମ ଲଗାଇ ମମତା ବାନାର୍ଜୀଙ୍କ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରିଛନ୍ତି ଶତ୍ରୁଘ୍ନ ସିହ୍ନା। ସେ କେବେହେଲେ ଦିଦିଙ୍କ ସାଥ୍ ଛାଡ଼ିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଦଳର ଅନ୍ୟ ଦୁଇ ଜଣ ସାଂସଦ ବାବୁଲ ସୁପ୍ରିୟୋ ଏବଂ ଦୀପକ ଅଧିକାରୀ (ଦେବ) ମଧ୍ୟ ମମତାଙ୍କ ପ୍ରତି ସମର୍ଥନ ଘୋଷଣା କରି କହିଛନ୍ତି ଯେ ବିପଦ ▶ପୃଷ୍ଠା-୧୩

## କଲ୍ୟାଣ ବାନାର୍ଜୀଙ୍କ ଧମକ

■ କୋଲ୍‌କାତା, ୧୧।୬ (ଏଜେନ୍ସି): ଅଭିଷେକ ବାନାର୍ଜୀଙ୍କୁ ନେଇ କ୍ଷୁବ୍ଧ ଥିବା ଟିଏମ୍‌ସିର ବରିଷ୍ଠ ନେତା ତଥା ସାଂସଦ କଲ୍ୟାଣ ବାନାର୍ଜୀ ଆଜି ଦଳର ସର୍ବୋଚ୍ଚ ନେତ୍ରୀ ମମତା ବାନାର୍ଜୀଙ୍କୁ ଧମକ ଦେଇଛନ୍ତି। ଅଭିଷେକଙ୍କୁ ଟିଏମସିରୁ ସବୁ ପଦବୀରୁ ବିଦା ନକଲେ ସେ ଦଳ ଛାଡ଼ିଦେବେ ବୋଲି କହିଛନ୍ତି। ଆମ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କୁ ବାଛିବାକୁ ପଡ଼ିବ ବୋଲି ସେ ମମତାଙ୍କୁ ଜଣାଇଦେଇଛନ୍ତି। ଜାଲ୍ ଦସ୍ତଖତ ମାମଲା ଏବଂ ସିଆଇଡି ଚଢ଼ଉ ସହ ଜଡ଼ିତ ଆଇନଗତ ▶ପୃଷ୍ଠା-୧୩

## ରାଜ୍ୟସଭାରୁ ଇସ୍ତଫା ଦେଲେ ଟିଏମ୍‌ସିର ଆଉ ଜଣେ ସାଂସଦ

### ସୁଖେନ୍ଦୁ, ସୁସ୍ମିତାଙ୍କ ପରେ ପ୍ରକାଶ ବଡ଼ାଇକ

### ଗୋଟିଏ ସପ୍ତାହରେ ତୃତୀୟ ଘଟଣା







■ ନୂଆଦିଲ୍ଲୀ, ୮।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖ୍ୟ ମମତା ବାନାର୍ଜୀଙ୍କ ପାଇଁ ସଙ୍କଟ ଦିନକୁ ଦିନ ଗଭୀର ହେବାରେ ଲାଗିଛି। ସୁଖେନ୍ଦୁ ଶେଖର ରାୟ ଏବଂ ସୁସ୍ମିତା ଦେବଙ୍କ ପରେ ▶ପୃଷ୍ଠା-୧୩

# ଦୁର୍ଦ୍ଧାନ୍ତ ପ୍ରଫୁଲ୍ଲକୁ ଏନ୍‌କାଉଣ୍ଟର୍



■ ଭଦ୍ରକ, ୧୧।୬ (ସମିସ): ଦୁର୍ଦ୍ଧାନ୍ତ ଅପରାଧୀ ପ୍ରଫୁଲ୍ଲ ମଲ୍ଲିକ ଓରଫ ପପୁକୁ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଏନ୍‌କାଉଣ୍ଟର କରି ଧରିଛି। ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରାଜ୍ୟର ବିଭିନ୍ନ ଥାନାରେ ପପୁ ନାମରେ ୨୨ଟି ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି। ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୩ଟାରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି।

ଅପରାଧିକ ଘଟଣା ଘଟାଇବା ପାଇଁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଲ' କଲେଜ ନିକଟସ୍ଥ ନୂଆସାହିକୁ ନିଜ ଗ୍ରୁପ୍ ସହ ପପୁ ଆସିଥିଲା। ପପୁ ଓ ତା'ର ଜଣେ ସହଯୋଗୀ ସହ ପଲ୍‌ସର ବାଇକ୍‌ରେ ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର ନେଇ ଆସିଥିବା ଖବର ପୁଲିସ ପାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଖବର ପାଇ ଇନ୍ସପେକ୍ଟର୍ ସୁବ୍ରତ ଦାସ ଓ ତାଙ୍କର ୩ ଜଣ ସହଯୋଗୀଙ୍କୁ ନେଇ ତାଙ୍କୁ ପିଛା କରିଥିଲେ। ପୁଲିସକୁ ଦେଖି ପ୍ରଥମେ ପପୁ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳେଇଥିଲା। ପୁଲିସ ପ୍ରତି ଉତ୍ତରରେ ଫାୟାରିଂ କରିଥିଲେ ଓ ଗୁଳି ତା'ର ଡାହାଣ ଗୋଡ଼ରେ ବାଜିଥିଲା। ଅନ୍ୟ ସହଯୋଗୀ ଫେରାର୍ ହୋଇଥିବା ସୂଚନା ମିଳିଛି।

ପପୁ ନାମରେ ବାଲେଶ୍ୱର ଜିଲ୍ଲାର ସୋର, ଖଇରା ଥାନା, ▶ପୃଷ୍ଠା-୧୩

# ସରକାରକୁ ପୂରିଲା ୨ ବର୍ଷ: ଆଗକୁ ଅନେକ ଆହ୍ୱାନ

■ ଭୁବନେଶ୍ୱର, ୧୧।୬ (ସମିସ): ଆସନ୍ତାକାଲି ରାଜ୍ୟରେ ବିଜେପି ସରକାରଙ୍କୁ ୨ ବର୍ଷ ପୂରଣ ହେବାକୁ ଯାଉଛି। ବିଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ବ୍ୟାପକ ବିକାଶ ନେଇ ସରକାରୀ ଦଳ ଦୃଢ଼ୋକ୍ତି ପ୍ରକାଶ କରୁଥିବାବେଳେ ବିରୋଧୀ ସରକାରଙ୍କୁ ପ୍ରତିଶ୍ରୁତି ଅପୂରଣୀୟତାର କାଠଗଡ଼ାକୁ ଟାଣୁଛନ୍ତି। ଆଇନଶୃଙ୍ଖଳା ସ୍ଥିତି ଏବଂ ବିକାଶମୂଳକ କାର୍ଯ୍ୟକୁ ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି ବିରୋଧୀ। ତେବେ ଗତ ୨ ବର୍ଷ ତୁଳନାରେ ତୃତୀୟ ବର୍ଷ ସରକାରଙ୍କ ପାଇଁ ସବୁଠାରୁ ଆହ୍ୱାନ ତଥା ପରୀକ୍ଷାର ବର୍ଷ ହେବ ବୋଲି ରାଜନୀତିକ ମହଲରେ ମତ ପ୍ରକାଶ ପାଇଛି। ୨ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ଏଯାବତ୍ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ନିଗମ ଓ ବୋର୍ଡରେ ନିଯୁକ୍ତି ହୋଇପାରି ନାହିଁ। ଯାହାକୁ ନେଇ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହି ସମୟରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ପରି ମନ୍ତ୍ରୀ ପରିଷଦ ଗଠନ ଓ ନିଗମ ନିଯୁକ୍ତି ସରକାରଙ୍କ ପାଇଁ ଆହ୍ୱାନ ହୋଇପାରେ। ଅନ୍ୟପକ୍ଷରେ ଚଳିତ ବର୍ଷ ଶେଷାର୍ଦ୍ଧରେ ଛାତ୍ରସଂସଦ ନିର୍ବାଚନ, ଆସନ୍ତା ବର୍ଷ ପ୍ରଥମ ପ୍ରଥମାର୍ଦ୍ଧରେ ପଞ୍ଚାୟତ ଓ ପୌର ନିର୍ବାଚନ ସରକାରଙ୍କ ଲୋକପ୍ରିୟତା ତଉଲିବ ବୋଲି କୁହାଯାଉଛି।

ରାଜନୀତି ସମୀକ୍ଷକଙ୍କ ମତ ଅନୁସାରେ ବିଗତ ୨ ବର୍ଷରେ ବିଭିନ୍ନ କ୍ଷେତ୍ରରେ ସରକାରଙ୍କୁ ଅପବାଦ ମୁଣ୍ଡାଇବାକୁ ପଡ଼ିଛି। ଧାନ କ୍ରୟରେ ଅବ୍ୟବସ୍ଥା, ୩୧୦୦ ଟଙ୍କାର ଭତ୍ତା ପ୍ରଦାନ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି, ମହିଳା ସୁରକ୍ଷାକୁ ନେଇ ସରକାରଙ୍କୁ ବାରମ୍ବାର ସମାଲୋଚିତ ହେବାକୁ ପଡ଼ିଛି। ସେହିପରି ବିକାଶମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିବା, ରଙ୍ଗବଦଳ

## ବର୍ଷପୂର୍ତ୍ତି ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ନିଯୁକ୍ତି

## ଲୋକପ୍ରିୟତା ତଉଲିବ ପଞ୍ଚାୟତ ଓ ପୌର ନିର୍ବାଚନ

ନିଷ୍ପତ୍ତିକୁ ନେଇ ମଧ୍ୟ ସାଧାରଣ ଲୋକେ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି। ଅପରପକ୍ଷେ ସମାନ ସମୟରେ ସରକାର ମଧ୍ୟ ବିଭିନ୍ନ କ୍ଷେତ୍ରରେ ସଫଳତାକୁ ନେଇ ଦମ୍ଭୋକ୍ତି ଭରୁଛନ୍ତି। ତେବେ ଏହି ଦୁଇବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ କରି ନ ପାରିବା ଏବଂ ବୋର୍ଡ, ନିଗମରେ ନିଯୁକ୍ତି ପ୍ରଦାନ କରିବାରେ ବିଫଳ ହେବା ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବାରେ ଦକ୍ଷତା ତଥା ସମନ୍ୱୟ ଉପରେ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ତେଣୁ ତୃତୀୟ ବର୍ଷ ପ୍ରାରମ୍ଭରେ ଏହା ସରକାରଙ୍କ ପାଇଁ ବଡ଼ ଆହ୍ୱାନ ସାଜିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ଆସନ୍ତା ମାର୍ଚ୍ଚରେ ପଞ୍ଚାୟତ ଓ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏବେ ସୁଦ୍ଧା ମୁଖ୍ୟ ବିରୋଧୀ ଦଳ ବିଜେଡି ନିଜର ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ ରଖିପାରିଛି। ସମାନ ସମୟରେ ବିଜେପି ଏଯାବତ୍ ସବୁ ଜିଲ୍ଲାରେ ସବୁ ନିର୍ବାଚନମଣ୍ଡଳୀରେ ନିଜର ପ୍ରଭାବ ବିସ୍ତାର କରିପାରେ ସକ୍ଷମ ହୋଇପାରି ନାହିଁ। ତେବେ ରାଜ୍ୟରେ ସରକାର ଥିବାବେଳେ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନ ସରକାରଙ୍କ ପାଇଁ ସମ୍ମାନର ପ୍ରଶ୍ନ ଭାବେ ଉଭା ହେବ। ଏହି ନିର୍ବାଚନ ହିଁ ରାଜ୍ୟ ସରକାରଙ୍କ ଲୋକପ୍ରିୟତା ନିର୍ଣ୍ଣୟ କରିବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି। ଏତଦ୍‌ବ୍ୟତୀତ ନିଜର ନିର୍ବାଚନୀ ପ୍ରତିଶ୍ରୁତି ଯଥା ଓଡ଼ିଶାରେ ଓଡ଼ିଆରେ ମେଡ଼ିକାଲ, ଇଞ୍ଜିନିୟରିଂ ଶିକ୍ଷା, ୧୫ ଲକ୍ଷଙ୍କୁ ପିଏମ୍ ଆବାସ, ୭୫ ହଜାର କିଲୋମିଟରର ରାସ୍ତା, ସମସ୍ତଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ ପୂରଣ ସରକାରଙ୍କ ପାଇଁ ପ୍ରମୁଖ ଆହ୍ୱାନ ପାଲଟିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।





ଟ୍ରାଫିକ୍ ପୁଲିସର ବିଚିତ୍ର ବ୍ୟବସ୍ଥା

# ଅଚଳ ହେଲାଣି ଆଉଟ୍‌ଡୋର୍ ଡିଜିଟାଲ୍ କିଓସ୍କ

କଟକ, ୧୧।୬(ସମିସ): ସହରରେ ପ୍ରତି ଟ୍ରାଫିକ୍ ପୋଷ୍ଟରେ ଆଉଟ୍‌ଡୋର୍ ଡିଜିଟାଲ୍ କିଓସ୍କୋ (ଓଡିକେ) ନିର୍ମାଣ କରାଯାଇଥିବା ବେଳେ ମାତ୍ର ୯ ମାସରେ ତାହା ଖରାପ ହୋଇଗଲାଣି। ୧୫ଫୁଟ୍ ଲମ୍ବା ଏବଂ ୧୨ଫୁଟ୍ ଓସାର ଲୁହା ପାଇପ୍‌ରେ ଏଠାରେ ରଙ୍ଗୀନ୍ ଡିଜିଟାଲ୍ ଡିସ୍‌ପ୍ଲେ ଲାଗିଥିଲା। ଏହି ଡିସପ୍ଲେ'ରେ ପୁଲିସର ସୂଚନା, ସହରର ଐତିହ୍ୟ ଓ ସଂସ୍କୃତିଭିତ୍ତିକ ସୂଚନା, ମହାନଗର ନିଗମ ସୂଚନା ସହିତ ସିଡିଏର ସମସ୍ତ ସୂଚନା ସମ୍ପର୍କିତ ଅଡିଓ ଓ ଭିଡ଼ିଓ ପ୍ରଦର୍ଶିତ ହେଉଥିଲା। ଜନସାଧାରଣ ଟ୍ରାଫିକ୍ ପୋଷ୍ଟରେ ଭିଡ଼ ଭିତରେ ଅଟକିଥିବା ବେଳେ ଏ ସମ୍ପର୍କରେ ଅବଗତ ହୋଇ ପାରିବେ ବୋଲି ଲକ୍ଷ୍ୟ ରଖାଯାଇଥିଲା। ଏ ବାବଦରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲା। ପ୍ରଥମେ ଏସବୁ ରଙ୍ଗୀନ ଡିସପ୍ଲେ ଲଗାଯିବାକୁ ଦୃଢ଼ ବିରୋଧ କରାଯାଇଥିଲା। କାରଣ ସହରର ବିଭିନ୍ନ ଛକରେ ସ୍ଥାନ ଅଭାବ ରହିଥିବା ବେଳେ ଯେଉଁଠାରେ ଡିସପ୍ଲେ ବୋର୍ଡ ଲଗାଯାଇଛି, ସେଠାରେ ରହିଛି ଟ୍ରାଫିକ୍ ସିଗନାଲ୍ ବୋର୍ଡ। ଯଦି ଡିସ୍‌ପ୍ଲେ ବୋର୍ଡ କାର୍ଯ୍ୟକ୍ଷମ ହେବ ତେବେ ସିଗନାଲ୍ ବୋର୍ଡ ଦୃଶ୍ୟମାନ ହେଉନଥିଲା। ଯାହାଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିଲା। ଏବେ ସାରା ସହରରେ ରହିଛି ମୋଟ୍ ୫୩ଟି ଟ୍ରାଫିକ୍ ପୋଷ୍ଟ। ତନ୍ମଧ୍ୟରୁ ୩୦ଟି ଟ୍ରାଫିକ୍ ପୋଷ୍ଟରେ ସ୍ଥାନର ଅଭାବ ପରିଲକ୍ଷିତ ହୋଇଥିଲେ ମଧ୍ୟ ସେଠାରେ ଏହି ଆଉଟ୍ ଡୋର୍ ଡିଜିଟାଲ୍ କିଓସ୍କ ଲଗାଯିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଏଥିନିମନ୍ତେ ଠିକ୍ ଭାବେ ଯୋଜନା କରାନଯାଇ ତରବରିଆ ଭାବେ ଲକ୍ଷାଧିକ ଟଙ୍କା ବ୍ୟୟରେ ବୋର୍ଡ ଲଗାଇ ଲକ୍ଷାଧିକ ଟଙ୍କା ଚଳୁ କରାଯାଇଥିଲା। ଯଦିଓ ଏ ସମ୍ପର୍କରେ ଡିସିପି ଖିଲାରୀ ଋଷିକେଶ୍ ଦ୍ୟାନଦେଓଙ୍କୁ ଏ ସମସ୍ୟା ବାବଦରେ ସ୍ଥାନୀୟ ଜନସାଧାରଣ ଅବଗତ କରାଇଥିଲେ କୌଣସି ସୁଫଳ ମିଳି ନଥିଲା। ଏବେ ୩୦ଟି ଆଉଟ୍‌ଡୋର୍ ଡିଜିଟାଲ୍ କିଓସ୍କୋ(ଓଡିକେ) ମଧ୍ୟରୁ ୨୨ଟି ଅଚଳ ହୋଇଗଲାଣି। ଅନ୍ୟପଟେ ଚହଟା ଛକ, ଜୁଡ଼ିସିଆଲ ଏକାଡେମୀ ଛକ, ଅରୁଣୋଦୟନଗରସ୍ଥିତ ସିଡିଏ କାର୍ଯ୍ୟାଳୟ ପ୍ରବେଶ ପଥ ଓ ବାଦାମବାଡ଼ି ଛକରେ ଏହି ଓଡିକେ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି।

**■ ରଙ୍ଗୀନ୍ ଡିସ୍‌ପ୍ଲେ ଆଳରେ ଲକ୍ଷାଧିକ ଟଙ୍କା ଚଳୁ**
**■ ଚହଟା, ଜୁଡିସିଆଲ ଏକାଡେମୀ, ଅରୁଣୋଦୟ ମାର୍କେଟ ଓ ବାଦାମବାଡ଼ି ଛକର ଡିସ୍‌ପ୍ଲେ ଅନ୍ଧାର**

ଏହି ଆଉଟ୍‌ଡୋର କିଓସ୍କ ଲଗାଯିବାର ଯେଉଁ ଗାଇଡ୍‌ଲାଇନ୍ ରହିଛି ତାହାକୁ ଟ୍ରାଫିକ୍ ପୁଲିସ ପାଳନ କରିନାହିଁ। ଜନଗହଳି ସ୍ଥାନ ଯଥା ହାଟ, ବଜାର, ଫୁଡ୍‌କୋର୍ଟ ଭଳି ଜାଗାରେ ଏହି କିଓସ୍କ ପ୍ରତିଷ୍ଠା କରାଯିବାର ନିୟମ ରହିଛି। କିନ୍ତୁ ତରବରିଆ ଢଙ୍ଗରେ ଅଣଓସାର ଟ୍ରାଫିକ୍ ଛକଗୁଡ଼ିକରେ ଏହାକୁ ନିର୍ମାଣ କରିବାକୁ ନେଇ ଦୃଢ଼ ବିରୋଧ କରାଯାଉଛି। ପୂର୍ବରୁ ନିଷ୍ପତ୍ତି ହୋଇଥିବା ଯୋଜନାକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଯୋଜନା ଅନୁଯାୟୀ, କଟକ ସହରର ଟ୍ରାଫିକ୍ ପୋଷ୍ଟଗୁଡ଼ିକରୁ ପୁରୁଣା ତଥା ଭଙ୍ଗା ଟ୍ରାଫିକ୍ ପୋଷ୍ଟଗୁଡ଼ିକୁ ହଟେଇ ଦିଆଯିବାର ଥିଲା। ଅତ୍ୟାଧୁନିକ ଟ୍ରାଫିକ୍ ପୋଷ୍ଟ ସ୍ଥାପନ କରାଯାଇଥାଆନ୍ତା। ଏଥିରେ ସୋଲାର୍ ପ୍ୟାନେଲ୍, ବ୍ୟାକ୍‌ଲିଟ୍ ୟୁନିଟ୍, ଏଲ୍‌ଇଡି ଷ୍ଟ୍ରିପ୍ସ, ସ୍ପିକର୍ ଓ ସିସିଟିଭି ଭଳି ବ୍ୟବସ୍ଥା ରହିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଉ ଖରା, ବର୍ଷା, ଶୀତରେ ଟ୍ରାଫିକ୍ ପୁଲିସ ହଇରାଣ ହେବେ ନାହିଁ। ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ବିଶ୍ରାମ ନେବାର ବ୍ୟବସ୍ଥା ରହିଥିଲା। କିଓସ୍କ ପାଖରେ ନିର୍ମାଣ ଶୌଚାଳୟ ହୋଇଥାଆନ୍ତା। ପ୍ରତ୍ୟେକ ଛକରେ ଏହି କିଓସ୍କୋ ବ୍ୟବସ୍ଥା କରାଯିବା ସହିତ ଟ୍ରାଫିକ୍ ପୁଲିସ ସୁରକ୍ଷିତ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ତତ୍କାଳୀନ ଟ୍ରାଫିକ ଏସିପି ସୂଚନା ଦେଇଥିଲେ। ଏଥି ନିମନ୍ତେ ବିଭାଗୀୟ ମଞ୍ଜୁରୀକୁ ଅପେକ୍ଷା କରାଯାଇଥିଲା। ଅନୁମୋଦନ ହେବା ପରେ ଟେଣ୍ଡର୍ ପ୍ରକ୍ରିୟା କରାଯାଇ ଏହି ଯୋଜନାର ରୂପାୟନ କରାଯିବାର ଥିଲା। ପ୍ରଥମ ପର୍ଯ୍ୟାୟରେ ବାଦାମବାଡ଼ି, ମଧୁପାଟଣା, ଜୁଡିସିଆଲ୍ ଏକାଡେମୀ ଛକ, ସତୀଚଉରା ଛକ, ମଙ୍ଗଳାବାଗ, ରାଣୀହାଟଠାରେ ଏହି ଅତ୍ୟାଧୁନିକ କିଓସ୍କ ସ୍ଥାପନ କରାଯିବାର ଯୋଜନା ରହିଥିଲା। ହେଲେ ଏହି ଯୋଜନାକୁ କାର୍ଯ୍ୟକାରୀ ନକରି ଲକ୍ଷାଧିକ ଟଙ୍କା ବ୍ୟୟରେ ଆଉଟ୍ ଡୋର୍ ଡିଜିଟାଲ୍ କିଓସ୍କ (ଓଡିକେ) ନିର୍ମାଣ କରାଯାଇଥିବା ବେଳେ ତାହା ଅଚଳ ହେବା ପରେ ଏବେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ଶ୍ୟାମପ୍ରିୟା କଳା ସଂସ୍ଥାନ ପକ୍ଷରୁ 'ପରମ୍ପରା ୨୦୨୬'




ଭୁବନେଶ୍ୱର, ୧୧।୬(ସମିସ): ଶ୍ୟାମପ୍ରିୟା କଳା ସଂସ୍ଥାନ, ଦିଲ୍ଲୀ ପକ୍ଷରୁ ସମର ୱାର୍କସପ୍‌ର ଉଦ୍‌ଯାପନୀ ଦିବସ ଅବସରରେ ବୁଦ୍ଧ ମନ୍ଦିର ନୂତନ ପ୍ରେକ୍ଷାଳୟ ଠାରେ 'ପରମ୍ପରା ୨୦୨୬' ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ରବିନାରାୟଣ ପ୍ରସାଦ ମହାନ୍ତିଙ୍କ ସ୍ମୃତିକୁ ମନେପକାଇ ସମର୍ପିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର ଓ ସ୍ୱର୍ଣ୍ଣଲତା ମହାନ୍ତି ଯୋଗଦେଇଥିଲେ। ଏହି ସାଂସ୍କୃତିକ ସନ୍ଧ୍ୟାରେ ସମର ୱାର୍କସପ୍‌ରେ ଶିଖା ଯାଇଥିବା ନୃତ୍ୟକୁ ଡ. ପ୍ରିୟଙ୍କା, ଆକାଂକ୍ଷା, ଐଶ୍ୱର୍ଯ୍ୟା, ଉଷା, ରିୟା, ଶ୍ରୀରାମ ପ୍ରମୁଖ ଦଳଗତ ପରିବେଷଣ କରିଥିଲେ। ଏଥି ସହିତ ଉକ୍ତ ଅନୁଷ୍ଠାନର ପ୍ରତିଷ୍ଠାତା ମନୋରଞ୍ଜନ ନାୟକ ଏବଂ ରାସେଶ୍ୱରୀ ନାୟକ ମଧ୍ୟ ଏକକ ନୃତ୍ୟ ପରିବେଷଣ କରିଥିଲେ। ଡ. ସୁଶୀଲ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ସହିତ ସମ୍ପାଦନ କରିଥିଲେ।

## ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ମାସିକ ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା



ଭୁବନେଶ୍ୱର, ୧୧।୬(ସମିସ): ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ମାସିକ ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା ପ୍ରଫେସର ଡ. କୁମରବର ଦାସଙ୍କ ସଭାପତିତ୍ୱରେ ମଣ୍ଡଳର ଗୋପବନ୍ଧୁ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବକ୍ତା ଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ, ଡ. ଆରତି କର, ବିଜୟ ମହାନ୍ତି ଓ ମନୋଜ ଜେନା ପ୍ରମୁଖ ଯୋଗଦେଇ କୃପାସିନ୍ଧୁଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଟକ ଓ କଲିକତାରେ ନିଜସ୍ୱ ଉଦ୍ୟମରେ ଉଚ୍ଚଶିକ୍ଷା ଲାଭ, ସରକାରୀ ଚାକିରୀ ପ୍ରତି ପ୍ରଲୁବ୍ଧ ନହୋଇ ବନ ବିଦ୍ୟାଳୟରେ ଶିକ୍ଷକତା, ସାହିତ୍ୟ ସାଧନା ମୁଖ୍ୟତଃ 'ଉତ୍କଳ ଇତିହାସ' ରଚନା ପ୍ରଭୃତି ଉପରେ ଆଲୋକପାତ କରିଥିଲେ। ମାତ୍ର ୩୯ ବର୍ଷ ଜୀବନ କାଳ ମଧ୍ୟରେ ଉତ୍କଳ ଜନନୀଙ୍କର ସେ ଯେଉଁ ସେବା କରି ଯାଇଛନ୍ତି ତାହା ଅତୁଳନୀୟ ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ। ଆଲୋଚନାରେ ସୁନୀଲ ମହାପାତ୍ର, କୈଳାଶ ଚନ୍ଦ୍ର ରଥ, ପ୍ରଭାତ କୁମାର ଦାଶ, ରାମ ନାରାୟଣ ମିଶ୍ର, ପ୍ରତାପ ନାୟକ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ରମାକାନ୍ତ ମିଶ୍ର ପରିଚାଳନା କରିଥିଲା ବେଳେ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରଶ୍ମିତା ରାଉତ ଭଜନ ଗାନ କରିଥିଲେ।

## ଶ୍ରୀରାମେଶ୍ୱର ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଚୟନ




ଭୁବନେଶ୍ୱର, ୧୧।୬(ସମିସ): ଶ୍ରୀ ରାମେଶ୍ୱର ବରିଷ୍ଠ ନାଗରିକ ସଂଘର ବାର୍ଷିକ ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଆଇଆରସି ଭିଲେଜ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପ୍ରାଧିକାରୀଙ୍କ ମାଧ୍ୟମରେ ଆଗାମୀ ଦୁଇବର୍ଷ ପାଇଁ ସଭାପତି ବଂଶୀଧର ପରିଡ଼ା, ଉପସଭାପତି ରମାକାନ୍ତ ମହାନ୍ତି, ସମ୍ପାଦକ ସୁବାସ ଚନ୍ଦ୍ର ବିଶ୍ୱାଳ, ସହଯୋଗୀ ସମ୍ପାଦକ ଗିରିଶ ଚନ୍ଦ୍ର ଶତପଥୀ, ଯୁଗ୍ମ ସମ୍ପାଦକ କେଦାର ନାଥ ପଟ୍ଟନାୟକ, କୋଷାଧ୍ୟକ୍ଷ ଜଗଦୀଶ ସାହୁ, ସହକୋଷାଧ୍ୟକ୍ଷ ଅଜିତ ସାହୁ ଓ ସମୀକ୍ଷକ ଭାବେ ବଂଶୀଧର ସାହୁ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ପ୍ରସାଦ ରୁଥ୍, ଜୟରାମ ସେଠି, ରତିକାନ୍ତ କର, ଭବାନୀ ପ୍ରସାଦ ପଟ୍ଟନାୟକ, କାର୍ତ୍ତିକ ବାରିକ, ଶରତ ଚନ୍ଦ୍ର ମହାନ୍ତି ଓ ମୋଚିରାମ ସାହୁ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ଉପଦେଷ୍ଟା କୃପାସିନ୍ଧୁ ସାହୁ ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ଉତ୍ସବରେ ଶପଥ ପାଠ କରାଇଥିଲେ। ଏହି ଅବସରରେ ସମ୍ପାଦକ ହରିହର ବରାଳ ସଂଘ ପାଇଁ କରାଯାଇଥିବା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିବା ସହିତ ନୂତନ କର୍ମକର୍ତ୍ତା ମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ଶାନ୍ତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାର ସହର ପରିବର୍ତ୍ତନ ମଡେଲ୍ ଅଧ୍ୟୟନ କଲେ ରାଜସ୍ଥାନର ପ୍ରତିନିଧି

ଭୁବନେଶ୍ୱର, ୧୧।୬(ସମିସ): ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) ସହଯୋଗରେ ଆୟୋଜିତ ଏକ ଅନୁଭୂତି ବିନିମୟ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜସ୍ଥାନ ଅର୍ବାନ ଡ୍ରିଙ୍କିଂ ୱାଟର, ସିୱରେଜ୍ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର କର୍ପୋରେସନ୍ ଲିମିଟେଡ୍, ଜୟପୁରର ଏକ ୯ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ଗସ୍ତ କରି ରାଜ୍ୟର ସହରାଞ୍ଚଳ ବିକାଶ, ଜଳଯୋଗାଣ, ପରିମଳ ବ୍ୟବସ୍ଥାପନା ଏବଂ ନାଗରିକ-କୈନ୍ଦ୍ରିକ ଶାସନ ବ୍ୟବସ୍ଥାର ସଫଳ ମଡେଲଗୁଡ଼ିକର ଅଧ୍ୟୟନ କରିଛନ୍ତି। ଗସ୍ତ ଅବଧିରେ ପ୍ରତିନିଧି ଦଳ ଭୁବନେଶ୍ୱର ଓ ପୁରୀର ବିଭିନ୍ନ ପ୍ରମୁଖ ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ଓଡ଼ିଶା ଅର୍ବାନ ଏକାଡେମୀ ଠାରେ



ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସହିତ ଆଲୋଚନା କରିଥିଲେ। ଶ୍ରୀମତୀ ପାଢ଼ୀ ଓଡ଼ିଶାର ସହରାଞ୍ଚଳ ପରିବର୍ତ୍ତନର ଯାତ୍ରା ଏବଂ ବିଭିନ୍ନ ଅଭିନବ ପଦକ୍ଷେପ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଥିଲେ। ସେ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ସହରାଞ୍ଚଳ ବିକାଶ କ୍ଷେତ୍ରରେ ଦେଶବ୍ୟାପୀ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଶେଷକରି 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ମିଶନ ମାଧ୍ୟମରେ ୨୪ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଦେଶର ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଅନୁକରଣୀୟ ମଡେଲ୍ ଭାବେ ପ୍ରତିଷ୍ଠିତ ହୋଇପାରିଛି। ଏହା ସହିତ ସହର ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ସମନ୍ୱିତ ସହର ଯୋଜନା, ଆଧୁନିକ ଗଣପରିବହନ, ଡିଜିଟାଲ୍ ଓ ପ୍ରଯୁକ୍ତି-ନିର୍ଭର ଶାସନ ବ୍ୟବସ୍ଥା ଏବଂ ସ୍ଥାୟୀ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ସେ ଅବଗତ କରାଇଥିଲେ। ରାଜସ୍ଥାନ ପ୍ରତିନିଧି ଦଳ ଓଡ଼ିଶାର ସହରାଞ୍ଚଳ ସେବା ପ୍ରଦାନ ବ୍ୟବସ୍ଥା, ନବୀନ ଚିନ୍ତାଧାରା ଏବଂ ଫଳପ୍ରଦ କାର୍ଯ୍ୟାନ୍ୱୟନକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଗସ୍ତ ଦୁଇ ରାଜ୍ୟ ମଧ୍ୟରେ ଜ୍ଞାନ ବିନିମୟ, ପରସ୍ପର ଶିକ୍ଷଣ ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଓଡ଼ିଶା ଅର୍ବାନ ଏକାଡେମୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନୃତ୍ୟ ପ୍ରତିଭା ପକ୍ଷରୁ 'ରଜ ପ୍ରତିଭା ଉତ୍ସବ'



ଭୁବନେଶ୍ୱର, ୧୧।୬(ସମିସ): ଓଡିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ୧୪ ତମ ରଜ ପ୍ରତିଭା ଉତ୍ସବ -୨୦୨୬ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ତିନୋଟି ଶୈଳୀରେ ଏକକ, ଦ୍ୱୈତ୍ୟ ଓ ଦଳଗତ ଓଡିଶୀ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ପ୍ରତିବର୍ଷ ଭଳି ଏଥର ମଧ୍ୟ ଅନୁଷ୍ଠାନ ପକ୍ଷରୁ ଓଡ଼ିଶାର ପାରମ୍ପରିକ ଧାର୍ମିକ ଉତ୍ସବ ରଜ ଉତ୍ସବର ଆୟୋଜନ କରାଯାଇଛି। ଏହି ଅବସରରେ ଚଳିତ ବର୍ଷ 'ରଜ ପ୍ରତିଭା ସମ୍ମାନ ୨୦୨୬' ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଆ ଅଭିନେତ୍ରୀ କୁମାରୀ ଦିବ୍ୟା ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ଦିବ୍ୟା ମହାନ୍ତିଙ୍କ ଏକକ ନୃତ୍ୟ ପରିବେଷଣରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏହାପରେ ନୃତ୍ୟ ପ୍ରତିଭାର ଛାତ୍ରଛାତ୍ରୀମାନେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରସ୍ତୁତ ଏକ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ 'ନଟରାଜ' ପରିବେଷଣ କରିଥିଲେ। ଯାହା ରବୀନ୍ଦ୍ରନାଥ ଠାକୁରଙ୍କ କାବ୍ୟମୟ ଦୃଷ୍ଟିକୋଣ ମାଧ୍ୟମରେ ନଟରାଜଙ୍କ ଦିବ୍ୟ ବିଶ୍ୱନୃତ୍ୟକୁ ଉପସ୍ଥାପନ କରାଯାଇଥିଲା। ପରେ ଅନୁଷ୍ଠାନର ବରିଷ୍ଠ ନୃତ୍ୟଶିଳ୍ପୀମାନେ ମଙ୍ଗଳାଚରଣରେ ଶିବ ସ୍ତୁତି, ଅଭିନୟ 'ଦଶାବତାର', କାହିଁ ଗଲ୍ଲେ ମୁରଲୀ ଫୁଙ୍କା, ମିତ ଚାହଁରେ ପରା, ଚତୁର୍ଭୁଜ ଜଗନ୍ନାଥ ଏବଂ ନ ଯା ଯମୁନାରେ ଉପସ୍ଥାପନ କରାଯାଇଥିଲା। ପରେପରେ ଓଡ଼ିଆ ଭଜନ, ଶାସ୍ତ୍ରୀୟ ଫ୍ୟୁଜନ୍, ସମ୍ବଲପୁରୀ ରିମିକ୍ସ ଏବଂ ରଜ ମଉଜ ଆଦି ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷ ପ୍ରସ୍ତୁତିରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମା'ମାନଙ୍କ ଦ୍ୱାରା ଏକ ଓଡ଼ିଆ ଐତିହ୍ୟବାହୀ ଶାଢ଼ୀ ୱାକ୍ ସାଂସ୍କୃତିକ ଫ୍ୟାଶନ୍ ୱାକ୍ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ରାଜଶ୍ରୀ, ଦେବବ୍ରତ, ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିବା ବେଳେ ସଂଯୋଜନା କରିଥିଲେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡା। ଉତ୍ସବରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଅନିରୁଦ୍ଧ ଦାସ, ଅନୁଷ୍ଠାନ ସଭାପତି ଡ. ରଜନୀ ରଞ୍ଜନ ଦାଶ, ଉପସଭାପତି ବଙ୍କିମ ଚନ୍ଦ୍ର ନାୟକ, ସମ୍ପାଦିକା ପ୍ରତିଭା ପଣ୍ଡା ଯୋଗଦେଇଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରି ଏକକ, ଡୁଏଟ୍ ଓ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।

# ଶିବ ପ୍ରସାଦ ସାହୁଙ୍କୁ 'ପଦ୍ମଶ୍ରୀ ପ୍ରଫେସର ରାଧାମୋହନ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୧୧।୬(ସମିସ): ବିଶିଷ୍ଟ ସମାଜ ସେବୀ ତଥା ପ୍ରସିଦ୍ଧ ପରିବେଶବିତ୍ ପ୍ରଫେସର୍ ରାଧାମୋହନଙ୍କ ପଞ୍ଚମ ଶ୍ରାଦ୍ଧ ଦିବସ ଅବସରରେ ପଦ୍ମଶ୍ରୀ ରାଧାମୋହନ ସ୍ମୃତି କାର୍ଯ୍ୟକ୍ରମ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଭାରତ ସରକାରଙ୍କର ପିପିଭିଏଫ୍‌ଆରଏ ଅଧ୍ୟକ୍ଷ ଡ. ତ୍ରିଲୋଚନ ମହାପାତ୍ର, କର୍ଣ୍ଣାଟକର ଜୈବ ବିବିଧତା ସଂରକ୍ଷକ ତଥା ସହଜ ସମୃଦ୍ଧାର ପ୍ରତିଷ୍ଠାତା ଜି. କୃଷ୍ଣ ପ୍ରସାଦ ଯୋଗଦାନ ଯୋଗଦେଇ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବାକୁ ହେଲେ ଜୈବ ବିବିଧତା ସଂରକ୍ଷଣକୁ ପ୍ରାଧାନ୍ୟ ଦବାକୁ ପଡ଼ିବ ବୋଲି କହିଛନ୍ତି। ଏହାସହ ଦେଶୀ ବିହନ, ଦେଶୀ ଚାଷ ଯାତ୍ରାରେ ପ୍ରଫେସର ରାଧାମୋହନ ଓ ସମ୍ଭବ ସଂଗଠନର ସୁଦୀର୍ଘ ପ୍ରଭାବ ଉପରେ ଉଲ୍ଲେଖ କରିଥିଲେ। ଦେଶୀ ବିହନ ତଥା ପାରମ୍ପରିକ ଖାଦ୍ୟଶସ୍ୟର ସଂରକ୍ଷଣ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ବରଗଡ଼ ଜିଲ୍ଲା ଅଧିନସ୍ଥ ଅହିଂସା କ୍ଲବ୍‌ର ପ୍ରତିଷ୍ଠାତା ଶିବ ପ୍ରସାଦ ସାହୁଙ୍କୁ ତାଙ୍କ ଦୀର୍ଘବର୍ଷର ଦେଶୀ ବିହନ ସଂରକ୍ଷଣ ତଥା ଜୈବ ବିବିଧତା ସଂରକ୍ଷଣ ଏବଂ ପ୍ରାକୃତିକ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ପଦ୍ମଶ୍ରୀ ପ୍ରଫେସର ରାଧାମୋହନ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ପ୍ରଫେସର ରାଧାମୋହନ ନୟାଗଡ଼ ଜିଲ୍ଲାର ୧୭ ଖଣ୍ଡ ଗାଁ କୁ ପ୍ରେରିତ କରି ଜଙ୍ଗଲ ସୃଷ୍ଟି କରିଥିବା କାର୍ଯ୍ୟକୁ ନେଇ କ୍ଷୁଦ୍ର ଚଳଚିତ୍ର 'ପୁନର୍ଜୀବନ' ପ୍ରଦର୍ଶିତ ହୋଇଥିଲା। ସେହିପରି ସମ୍ଭବ ଦ୍ୱାରା ପ୍ରାୟୋଜିତ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ପ୍ରତିଯୋଗିତାରେ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ବର୍ଷ ତମାମ ରାଜ୍ୟରେ ବୃକ୍ଷ ରୋପଣ କାର୍ଯ୍ୟ ମାଧ୍ୟମରେ ପ୍ରଫେସର ରାଧାମୋହନଙ୍କୁ ସବୁଜ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିବାକୁ ଡ. ମହମ୍ମଦ ଇମ୍ରାନ ଅଲ୍ଲୀ ନିବେଦନ କରିଛନ୍ତି।କାର୍ଯ୍ୟକ୍ରମକୁ ଡ. ବିଶ୍ୱଭାରତୀ, ଅମରାବତୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଡ. ପଦ୍ମଶ୍ରୀ ସାବରମତି ଧନ୍ୟବାଦ ଅର୍ପଣ କରିଥିଲେ।



## 'ସପ୍ତଶଯ୍ୟା ନୃତ୍ୟ ସଙ୍ଗୀତ ମହୋତ୍ସବ' ଉଦ୍‌ଯାପିତ



ଭୁବନେଶ୍ୱର, ୧୧।୬(ସମିସ): ଦେବାନ୍ସି ଡ୍ୟାନ୍ସ ଏକାଡେମୀ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେଉଥିବା 'ସପ୍ତଶଯ୍ୟା ନୃତ୍ୟ ସଙ୍ଗୀତ ମହୋତ୍ସବ' ଉଦଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନସଚିବ ଦେବପ୍ରସାଦ ଦାଶ, ସାମାଜିକ କର୍ମୀ ଅବିନାଶ ସାମଲ, ନାଟ୍ୟଗୁରୁ ପ୍ରଦୀପ ମିଶ୍ର, ଏକାଡେମୀର ନିର୍ଦ୍ଦେଶକ ଗୁରୁ ଗୌରିଶଙ୍କର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେବାନ୍ସି ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ଓଡିଆ ଘରେ ପାଳନ କରୁଥିବା ବିଭିନ୍ନ ପର୍ବ ପର୍ବାଣୀକୁ ନେଇ ନୃତ୍ୟ ପରିବେଷଣ କରିଥିଲେ। ଯାହାର ନୃତ୍ୟ ସଂଯୋଜନା କରିଥିଲେ ଗୁରୁ ଗୌରୀଶଙ୍କର ଦାଶ। ଏହାପରେ ଓଡିଶୀ ନୃତ୍ୟ 'ହରି ଓଁ.. ପରିବେଷିତ ଥିଲା। ପରେ ଶିଳ୍ପୀମାନେ ଲୋକନୃତ୍ୟରେ ସମ୍ବଲପୁରୀ, ପଲ୍ଲୀ ନୃତ୍ୟରେ ଗ୍ରାମ୍ୟ ଜୀବନର ପ୍ରତିଛବି ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ଦି ବ୍ଲୁସ୍ ଅନୁଷ୍ଠାନ ପକ୍ଷରୁ ର୍‌ୟାମ୍ପ୍ ଶୋ ପ୍ରଦର୍ଶନ ସହ ଶେଷରେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦ୍ୟାଶା, ଅନୁସୂୟା ନାଥ, ଛନ୍ଦା ମିଶ୍ର ପ୍ରମୁଖ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ। ଏହି ଅବସରରେ ଏକ ସେମିନାର୍ ଆୟୋଜିତ ହୋଇଥିଲା। ଏଥିରେ ପ୍ରତିଷ୍ଠିତ ଗୁରୁ ତଥା ପ୍ରତିଷ୍ଠିତ କଳାକାରମାନେ ଉପସ୍ଥିତ ରହି ନୃତ୍ୟ ସଙ୍ଗୀତର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସୁଶ୍ରୀ ସୋମା ମହାପାତ୍ର ସଂଯୋଜନା କରିଥିଲେ।

## ଜଳବାୟୁ ପରିବର୍ତ୍ତନ ଦୃଶ୍ୟପଟ୍ଟରେ କୃଷି ଓ କୃଷକ ସଚେତନତା କର୍ମଶାଳା

ଭୁବନେଶ୍ୱର, ୧୧।୬(ସମିସ): ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଇକୋ ସଂସ୍ଥାର ସହଯୋଗ କ୍ରମେ ମଧୁସୂଦନ ସମବାୟ ପରିଚାଳନା ପ୍ରତିଷ୍ଠାନ ସଭାଗୃହରେ 'ଜଳବାୟୁ ପରିବର୍ତ୍ତନ ଦୃଶ୍ୟପଟରେ ଓଡ଼ିଶାର କୃଷି ଓ କୃଷକ' ଶୀର୍ଷକ ଏକ ରାଜ୍ୟସ୍ତରୀୟ କୃଷକ ସଚେତନତା କର୍ମଶାଳା ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ସମିତିର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ରାଜ୍ୟରୁ ୧୩୦ ଜଣରୁ ଅଧିକ ଚାଷୀ ଏହି କର୍ମଶାଳାରେ ଅଂଶ ଗ୍ରହଣ କରି ଜଳବାୟୁ ପରିବର୍ତ୍ତନ ଦ୍ୱାରା ଚାଷ କାର୍ଯ୍ୟରେ ଉପୁଜିଥିବା ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ପାଇଁ ପାଣିପାଗ ଓ କୃଷି ବିଶେଷଜ୍ଞମାନଙ୍କ ବୈଷୟିକ ପରାମର୍ଶ ଗ୍ରହଣ କରିଥିଲେ। କର୍ମଶାଳାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ, ଭାରତ ସରକାରଙ୍କ ଜଳ ପରିଚାଳନା ପ୍ରତିଷ୍ଠାନର ପ୍ରଧାନ



ବୈଜ୍ଞାନିକ ଡ. ପ୍ରମୋଦ କୁମାର ପଣ୍ଡା, ଆଇଏମଡିର ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାସ, ଓୟୁଏଟିର ପାଣିପାଗ ବିଶେଷଜ୍ଞ ଡ. ତୁଷାର ରଞ୍ଜନ ମହାନ୍ତି, ଓଡ଼ିଶା ସରକାରଙ୍କ ଉଦ୍ୟାନକୃଷି ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ, ଓୟୁଏଟିର ଅବସରପ୍ରାପ୍ତ ପ୍ରଫେସର ତଥା ଛତୁ ବିଶେଷଜ୍ଞ ଡ. ଅଦ୍ୱୈତ କୁମାର ପାତ୍ର, ରାଜ୍ୟ ମହିଳା ନିଗମ ଅଧ୍ୟକ୍ଷା ସ୍ୱାଧୀନବାଳା ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଅନିୟମିତ ଜଳବାୟୁ ପରିବର୍ତ୍ତନରେ କୃଷିକ୍ଷେତ୍ରରେ ଯେପରି ପ୍ରଭାବ ପଡୁଛି ଏହା ଏକ ଚିନ୍ତାର ବିଷୟ ବୋଲି ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସମିତିର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ବିକ୍ରମ ଚନ୍ଦ୍ର ଗଜେନ୍ଦ୍ର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମିତିର ପରିଚାଳନା ପରିଷଦର ନିର୍ଦ୍ଦେଶକ ବୃନ୍ଦାବନ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ ରାଉତ, ବଂଶିଧର ନାୟକ, ଶ୍ୟାମସୁନ୍ଦର ଦୋରା, ବ୍ରଜରାଜ ରାଉତ ପ୍ରମୁଖ ବହୁ ଚାଷବନ୍ଧୁମାନେ ଅଂଶ ଗ୍ରହଣ କରିଥିଲେ।



### ବିପଦ ସାଜିଛି ବାଦାମବାଡ଼ି-ମଧୁପାଟଣା ରାସ୍ତା

# ଡିଭାଇଡର୍‌କୁ ବାଉଁଶ ଭରସା




**କଟକ, ୧୧।୬(ସମିସ)**

ପ୍ରଶାସନିକ ଅବହେଳା ଏବଂ ପୂର୍ତ୍ତ ବିଭାଗର ନିଷ୍କ୍ରିୟତା କାରଣରୁ ସାଧାରଣ ଜନଜୀବନ ବିପଦ ମଧ୍ୟକୁ ଠେଲି ହୋଇଯାଉଛି। ବାଦାମବାଡ଼ି-ମଧୁପାଟଣା ରାସ୍ତାର ପାଲାମଣ୍ଡପ ନିକଟରେ ରାସ୍ତା ଡିଭାଇଡର ଭାଙ୍ଗିଯିବାର ଦୀର୍ଘ ଅଢ଼େଇ ମାସ ବିତିଯାଇଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ। ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ବେଳେ ଏବେ ଅସ୍ଥାୟୀ ଭାବେ ବାଉଁଶ ବାଡ଼ା ଭରସା ହୋଇଛି। ଫଳରେ ଏଠାରେ ଲୋକମାନେ ବିପଦଜନକ ଭାବେ ରାସ୍ତା ପାରି ହେଉଥିବା ଦେଖିବାକୁ ମିଳିଛି। ଅଢ଼େଇ ମାସ ପୂର୍ବରୁ ଏହି ସ୍ଥାନରେ ଓଏସଆରଟିସିର ଏକ ଯାତ୍ରୀବାହୀ ବସ ରାସ୍ତା ଡିଭାଇଡରକୁ ଧକ୍କା ଦେବାରୁ ଡିଭାଇଡରର ଲୁହା ରେଲିଂ ଭାଙ୍ଗିଯିବା ସହ ଦୁଇଟି ଷ୍ଟ୍ରିଟଲାଇଟ ଖୁଣ୍ଟି ଭାଙ୍ଗିଯାଇଥିଲା। ଏହି ସ୍ଥାନରେ ରାସ୍ତା ଡିଭାଇଡର ୧୫ ଫୁଟ ଭାଙ୍ଗିଯାଇଥିଲା। ଏବେ ସୁଦ୍ଧା, ଏହାକୁ ପୁନଃ ନିର୍ମାଣ କରାଯାଇନାହିଁ। ପୂର୍ତ୍ତ ବିଭାଗ ଅଧୀନରେ ଏହି ରାସ୍ତା ପାଇଁ ନୂତନ ଡିଭାଇଡର ରେଲିଂ ଲଗାଯାଇପାରି ନଥିବା ବେଳେ ବାଉଁଶ ବାନ୍ଧି ବାଡ଼ା କରାଯାଇଛି। କଟକ ମହାନଗର ନିଗମ, ପୂର୍ତ୍ତ ବିଭାଗ ଓ ପୁଲିସ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଏପର୍ଯ୍ୟନ୍ତ ରାସ୍ତା ଡିଭାଇଡର ମୁକୁଳା ପଡ଼ିଛି। ଫଳରେ ସାଧାରଣ ଜନଜୀବନ ବିପଦସଙ୍କୁଳ ହୋଇ ରହିଛି। ଭାଙ୍ଗି ପଡ଼ିଥିବା ଏହି ସ୍ଥାନକୁ ସୁରକ୍ଷିତ କରିବା ପାଇଁ ପୂର୍ତ୍ତ ବିଭାଗ ସ୍ଥାୟୀ ନିର୍ମାଣ କରିବା କଥା; ମାତ୍ର ଦୁଇ ଦୁଇ ମାସ ଧରି ଲୋକେ ଦାବି କରି ଆସୁଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ପାଲଟିଛନ୍ତି। ସମ୍ପୃକ୍ତ ସ୍ଥାନରେ କେବଳ କାମଚଳା ଭାବେ କିଛି ବାଉଁଶ ବାନ୍ଧି ଦିଆଯାଇଛି, ଯାହାକି ଯାତାୟାତ କରୁଥିବା ବେଗଗାମୀ ଗାଡ଼ିଗୁଡ଼ିକ ପାଇଁ ବିପଦ ପାଲଟିଛି। ରାସ୍ତାର ଏହି ବିପଜ୍ଜନକ ସ୍ଥିତି ଯୋଗୁଁ ନିୟମିତ ଭାବେ ସେଠାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହା

**ଦୁର୍ଘଟଣାର ଅଢ଼େଇ ମାସ ପରେ ବି ମରାମତି କରିପାରିନି ପୂର୍ତ୍ତ ବିଭାଗ**

ନିକଟରେ ଏକ ଫୁଟଓଭର ବ୍ରିଜ ରହିଥିଲେ ବି ଏହା ବିଶେଷ କାମରେ ଲାଗୁ ନ ଥିବାର ପରିଲକ୍ଷିତ ହୋଇଛି। ଏହି ଫୁଟ ଓଭରବ୍ରିଜ ଉପର ଦେଇ ରାସ୍ତା ପାରି ହେବା ଅପେକ୍ଷା ଅଧିକାଂଶ ଲୋକ ପାଲାମଣ୍ଡପର ଉକ୍ତ ଡିଭାଇଡର ବାଟ ଦେଇ ରାସ୍ତା ପାରି ହେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ତୁରନ୍ତ ଏହି ବାଉଁଶ ବାଡ଼ା ହଟାଇ ସେଠାରେ ସ୍ଥାୟୀ କଂକ୍ରିଟ୍ ନିର୍ମାଣ କିମ୍ବା ଲୁହା ରେଲିଂ ଲଗାଇବା ପାଇଁ ସ୍ଥାନୀୟ ବାସିନ୍ଦା ଦୃଢ଼ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ ଏହାର ସମାଧାନ ନହୁଏ, ଲୋକେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

# ବାରବାଟୀ-କଟକ ବିଜେଡି କର୍ପୋରେଟରଙ୍କ ସମ୍ମିଳନୀ



**କଟକ, ୧୧।୬ (ସମିସ):** କଟକ ମହାନଗର ବିଜୁ ଜନତା ଦଳ ସାଂଗଠନିକ ଜିଲ୍ଲା ସଭାପତି ଆଡଭୋକେଟ୍ ସ୍ୱଦେଶ ଦାସଙ୍କ ଅଧ୍ୟକ୍ଷତାରେ ଆଜି ଝୋଲାସାହିଠାରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ସମସ୍ତ କର୍ପୋରେଟରଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଜୁ ଜନତା ଦଳର ଏଜେଣ୍ଡା ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଛି। ସମସ୍ତ କର୍ପୋରେଟର ନବୀନ ପଟ୍ଟନାୟକଙ୍କ ହାତ ମୁଠା ଟାଣ କରିବା ସହ ବିଜେଡିକୁ ଆହୁରି ଅଧିକ ସୁଦୃଢ଼ କରିବା ପାଇଁ ମତ ବିନିମୟ କରିଥିଲେ। ଏହି ଅବସରରେ ନବନିର୍ବାଚିତ ସଭାପତି ଆଡଭୋକେଟ୍ ଶ୍ରୀ ଦାସଙ୍କୁ ସମସ୍ତ କର୍ପୋରେଟର ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ଦଳର ଆଗାମୀ କାର୍ଯ୍ୟକ୍ରମ ଓ ସହରର ବିକାଶ ଯୋଜନା ପାଇଁ ସମସ୍ତେ ସଂକଳ୍ପ ନେଇଛନ୍ତି। ଏହି ସମ୍ମିଳନୀରେ ସମସ୍ତ କର୍ପୋରେଟରଙ୍କ ସହ ପ୍ରେମାନସୁ ବେହେରା, ଅର୍ଦ୍ଧେନ୍ଦୁ ଶେଖର ମାଝି, ସରୋଜ କୁମାର କର, ଅଶୋକ କୁମାର ସିଂହ, ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାର୍ବୋଲ ଭାଗବତ ଗୋସ୍ୱାମୀ ପୂଜା କମିଟିର ବନ୍ଧୁ ମିଳନ

**କଟକ, ୧୧।୬(ସମିସ):** ସାର୍ବୋଲ ଭାଗବତ ଗୋସ୍ୱାମୀ ମହାଦେବ ପୂଜା କମିଟି ପକ୍ଷରୁ ଓଏମପି ଆଇବିଠାରେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ନବନିର୍ବାଚିତ ସଭାପତି ତଥା କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ପ୍ରମୋଦ ଦାସ ଚଳିତ ବର୍ଷର ସମସ୍ତ ପର୍ବପର୍ବାଣୀକୁ ଶୃଙ୍ଖଳିତ ଭାବେ ପାଳନ କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ମହାନଗର ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ, ସ୍ଥାନୀୟ ଅଞ୍ଚଳର ଅଧିକାରୀ ରବୀନ୍ଦ୍ର ମଲ୍ଲିକ, ମହନ୍ତ ନବଘନ ଦାସ ଓ କର୍ମକର୍ତ୍ତା ପ୍ରଫୁଲ୍ଲ ମଲ୍ଲିକ, କୈଳାସ ବସ୍ତିଆ, ଶ୍ରୀଧର ମଲ୍ଲିକ, ରମେନ ଦାସ, ପ୍ରଦୀପ୍ତ ମଙ୍ଗଲ, ରଞ୍ଜନ ମଲ୍ଲିକ, ପ୍ରଦୀପ୍ତ ମଲ୍ଲିକ, ଦେବାଶିଷ ମହାନ୍ତି, ପ୍ରଦୀପ ମଲ୍ଲିକ, ସରୋଜ ମଲ୍ଲିକ, ରାଜେଶ ମଲ୍ଲିକ, ନିରଞ୍ଜନ ମଲ୍ଲିକ ଓ ଅଭୟ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କମିଟିର ଉପସଭାପତି ପ୍ରବୋଧ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଟେଟ୍ରାହେଡ୍ରନ୍ ପକ୍ଷରୁ ରକ୍ତଦାନ ଶିବିର: ୪୧ ୟୁନିଟ୍ ସଂଗ୍ରହ



**ଟାଙ୍ଗୀ, ୧୧।୬(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ପଦରେ ରେକର୍ଡ ସୃଷ୍ଟି କରିଥିବା ଏବଂ ତାଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ନିମନ୍ତେ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଟେଟ୍ରାହେଡ୍ରନ ଏଡୁକେସନାଲ ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମସ୍ଥ ବାବା ପରମେଶ୍ୱର ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଜିଲ୍ଲା ରେଡକ୍ରସର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏବଂ ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ କମଙ୍ଗ ଏବଂ କାଞ୍ଜିଆ ଗ୍ରାମର ଯୁବଗୋଷ୍ଠୀଙ୍କ ନେତୃତ୍ୱରେ ଏହି ଶିବିରକୁ କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର କଟକର ଚିକିତ୍ସକ ସମେତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ଯୁବ ସଂଗଠକ ବିଶ୍ୱଜିତ ଆଞ୍ଚଲ, ହୃଷୀକେଶ ସାମଲ, ଉଦ୍ୟାନବିତ ପ୍ରଶାନ୍ତ କୁମାର ବସ୍ତିଆ ଓ ଗୌରାଙ୍ଗ ଚରଣ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିବ ଶକ୍ତି ଯୁବକ ସଂଘର ବିଷ୍ଣୁଚରଣ ମାଝୀ, ରୁଦ୍ରନାରାୟଣ ରାଉତ, ମାଧବାନନ୍ଦ ମହାନ୍ତି, ମାନସ ରଞ୍ଜନ ମଲ୍ଲିକ, ମାନସ ରଞ୍ଜନ ବେଉରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଘରୋଇ ହସ୍ପିଟାଲ୍‌ରେ ଅଗ୍ନିକାଣ୍ଡ

**କଟକ, ୧୧।୬(ସମିସ):** ମହାନଦୀ ବିହାରରେ ଥିବା ଏକ ବେସରକାରୀ ହସ୍ପିଟାଲ୍‌ରେ ଆଜି ସନ୍ଧ୍ୟାରେ ଅଗ୍ନିକାଣ୍ଡ ହୋଇଛି। ସର୍ଟସର୍କିଟ୍‌ରୁ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଆୟତ୍ତ କରିଛନ୍ତି। ଏଥିରେ ହସ୍ପିଟାଲ୍ ଭିତରେ ଅନ୍ୟ କିଛି କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। ଉକ୍ତ ବେସରକାରୀ ହସ୍ପିଟାଲ୍‌ର ଆଇସିୟୁ ବାହାରେ ଇଲେକ୍ଟ୍ରିକ୍ ପ୍ୟାନେଲ୍ ବୋର୍ଡ ରହିଛି। ଉକ୍ତ ବୋର୍ଡରେ ବିଦ୍ୟୁତ୍ ଉପକରଣ ଲାଗିଛି। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ଉକ୍ତ ପ୍ୟାନେଲ୍ ବୋର୍ଡରୁ ହଠାତ୍ ନିଆଁ ବାହାରିବା ସହିତ ଶବ୍ଦ ହୋଇଥିଲା। ଏହାସହିତ ସେଠାରୁ ଧୂଆଁ ବାହରି ରୁମ୍‌ରେ ବ୍ୟାପିଯାଇଥିଲା। ପାଖରେ ଆଇସିୟୁ ଥିବାରୁ କାଳେ ନିଆଁ ବ୍ୟାପିଯିବ, ସେଥିପାଇଁ ହସ୍ପିଟାଲ୍ କର୍ମଚାରୀ ଭୟଭୀତ ହୋଇପଡ଼ିଥିଲେ। ତୁରନ୍ତ ଏନେଇ ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା। ବଡ଼ ଅଘଟଣ ଆଶଙ୍କା କରି ପ୍ରଥମେ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଓ






ପରେ ବକ୍ସିବଜାର ଅଗ୍ନିଶମ କର୍ମଚାରୀ ନିଆଁ ଲିଭା ଗାଡ଼ି ସହିତ ଘଟଣାସ୍ଥଳରେ ପହଞ୍ଚି ଅଳ୍ପ ସମୟ ମଧ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ପ୍ରବଳ ଧୂଆଁ ବ୍ୟାପିଥିବାରୁ ଧୂଆଁ ବାହାର କରିବା ଯନ୍ତ୍ର ବ୍ୟବହାର କରାଯାଇଥିଲା। ଅଳ୍ପ ସମୟ ଭିତରେ ସମ୍ପୂର୍ଣ୍ଣ ଧୂଆଁ ହସ୍ପିଟାଲ୍ ରୁମ୍‌ରୁ ବାହାର କରିଦିଆଯାଇଥିଲା। ଏହି ଅଘଟଣରେ କୌଣସି ରୋଗୀ, ଗୁରୁତର ରୋଗୀ କିମ୍ବା ହସ୍ପିଟାଲ୍ କର୍ମଚାରୀ ମୃତାହତ ହୋଇନାହାନ୍ତି।

# ମନମୋହନ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ



**କଟକ, ୧୧।୬(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଥୋରିଆ ସାହିସ୍ଥିତ ଖଦୀ ଭଣ୍ଡାର ପରିସରରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ରବୀନ୍ଦ୍ରନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଯୁବନେତା ଲକ୍ଷ୍ମଣ ନାୟକ ବିପ୍ଳବାତ୍ମକ ସଙ୍ଗୀତ ଗାନ କରି ମନମୋହନ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାନ୍ଧୀବାଦୀ ଯୁବନେତା ତଥା ମନମୋହନ ଚୌଧୁରୀ ସ୍ମାରକୀ ଟ୍ରଷ୍ଟର ସମ୍ପାଦକ ଡାକ୍ତର ବିଶ୍ୱଜିତ ଏହି ଅବସରରେ କହିଥିଲେ ଯେ ସ୍ୱର୍ଗତ ଚୌଧୁରୀ ଆଜୀବନ ବିପ୍ଳବୀ ଥିଲେ। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଭୂଦାନ ଗ୍ରାମଦାନ ଆନ୍ଦୋଳନ ପୁଣି ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନ ତଥା ଜଗତୀକରଣ ବିରୋଧୀ ଆନ୍ଦୋଳନ ପର୍ଯ୍ୟନ୍ତ ସମସ୍ତ ଆନ୍ଦୋଳନର ସେ ନେତୃତ୍ୱ ନେଇଥିଲେ। ରବୀନ୍ଦ୍ର ମହାନ୍ତି କହିଥିଲେ ଯେ ଦିନଟିଏ ବିଦ୍ୟାଳୟ ଯାଇ ନଥିବା ମନମୋହନ ଷୋହଳଟି ଦେଶୀ ବିଦେଶୀ ଭାଷାରେ ପାରଙ୍ଗମ ଥିଲେ। ରାକେଶ ରଞ୍ଜନ ସେଠୀ, ଅନିମା କୁମାରୀ ରାୟ, ସାଗର ଦାସ, ଜୁବୁଲି ମହାରଣା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଯୁବ ସଂସ୍କାର ନିର୍ମାଣ ଶିବିର ଉଦ୍‌ଯାପିତ

**କଟକ, ୧୧।୬(ସମିସ):** ଭାରତୀୟ ଯୋଗ ସଂସ୍ଥାନର କଟକ ଯୋଗ ଜିଲ୍ଲା ପକ୍ଷରୁ ସିଡିଏ ସେକଟର ୬ସ୍ଥିତ ଜୟପ୍ରକାଶ ନାରାୟଣ ପାର୍କ ଯୋଗକେନ୍ଦ୍ରରେ ଆୟୋଜିତ ୫ ଦିନିଆ ଯୁବ ସଂସ୍କାର ନିର୍ମାଣ ତଥା ଯୋଗ ଓ ପ୍ରାଣାୟାମ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରାୟ ୭୦ ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଆଧ୍ୟାତ୍ମିକ ଗୁରୁ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ କହିଲେ ଯେ ପିଲାମାନଙ୍କୁ ଆଦର୍ଶ ମଣିଷ ରୂପେ ଗଢି ତୋଳିବାରେ ଯୋଗାଭ୍ୟାସର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱାମୀଜୀ




ଶିବିରରେ ଯୋଗ ଦେଇଥିବା ବିଦ୍ୟାର୍ଥୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଜିଲ୍ଲା ପ୍ରମୁଖ କେଦାରନାଥ ଜାଲି, ଡ଼ଃ ଶୈଳଜା ନନ୍ଦିନୀ ଜେନା ଭାଷଣ ଦେଇ ଶିବିରର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଯୋଗ ପ୍ରଶିକ୍ଷକ ରାଜକିଶୋର ଦାଶ, କବିତା ପ୍ରଧାନ, ସୁଧାଂଶୁବାଳା ମହାନ୍ତି, କବିତା ମିଶ୍ର ପ୍ରମୁଖ ଯୋଗାଭ୍ୟାସ କରାଇଥିଲେ। ଉପଦେଷ୍ଟା ଡ଼ଃ ସତ୍ୟ ରାୟଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ସମାରୋହକୁ ଶଶିଭୂଷଣ ପ୍ରଧାନ, ଉତ୍କଳ ଭୂଷଣ ରାଉତରାୟ, ଜୟନ୍ତୀ ମଲ୍ଲିକ, ମାନସ୍ୱନୀ ପ୍ରଧାନ, ନନ୍ଦିତା ନାୟକ, ବାବାଜୀ ଚରଣ ବେହେରା, ନିର୍ମଳ ରାୟ ପ୍ରମୁଖ ପରିଚାଳନା କରିଥିଲେ।

### ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ଗର୍ଜିଲା ଓଜେସି

# ଡିଜିପିଙ୍କ ଅଫିସ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ

**କଟକ, ୧୧।୬(ସମିସ)**

ରାଜ୍ୟରେ ବିପର୍ଯ୍ୟସ୍ତ ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୁଲିସ ନିର୍ଯାତନା ପ୍ରତିବାଦରେ ଆଜି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କଟକସ୍ଥିତ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳର ଶତାଧିକ କର୍ମୀ ଓ ନେତୃବୃନ୍ଦ ସ୍ଥାନୀୟ ଜେଲ୍ ରୋଡ୍‌ଠାରୁ ଏକ ଶୋଭାଯାତ୍ରାରେ ବାହାରି ସରକାର ବିରୋଧୀ ନାରାବାଜି ଦେଇଥିଲେ। ଡିଜିପିଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ

**ଥାନାରେ ପୁଲିସ ନିର୍ଯାତନା ରାଜ୍ୟ ପାଇଁ କଳଙ୍କ ସଦୃଶ: ମୋକିମ**

ପ୍ରତିବାଦ ସଭାରେ ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ ଯୋଗଦେଇ ରାଜ୍ୟ ସରକାର ଏବଂ ପୁଲିସ ପ୍ରଶାସନ ଉପରେ ବର୍ଷିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି ଏବଂ ସାଧାରଣ ଜନତା ଏବେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ରାଜଧାନୀ ଭୁବନେଶ୍ୱରରେ ବଢୁଥିବା ହତ୍ୟାକାଣ୍ଡ ଏବଂ ଚାଞ୍ଚଲ୍ୟକର ସୌମ୍ୟ ହତ୍ୟାକାଣ୍ଡ ରାଜ୍ୟରେ ଅପରାଧୀଙ୍କ ବେପରୁଆ ମନୋଭାବକୁ ସ୍ପଷ୍ଟ କରୁଛି। ୨୦୨୪ରୁ ୨୦୨୫ ମଧ୍ୟରେ ଅପରାଧ ହାରରେ ୭.୩%




ବୃଦ୍ଧି ଘଟିଥିବା ବେଳେ ପୁଲିସ ଏହାକୁ ରୋକିବାରେ ବିଫଳ ହୋଇଛି ବୋଲି ମୋକିମ ଉଦବୋଧନ ଦେଇ କହିଥିଲେ। ସେହିଭଳି ବାରଙ୍ଗ ଥାନାରେ ରାକେଶ ବେହେରା ଏବଂ କବିସୂର୍ଯ୍ୟନଗର ଥାନାରେ ଜଣେ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ ସାହୁଙ୍କୁ ଥାନା ଭିତରେ ମରଣାନ୍ତକ ନିର୍ଯାତନା ଦିଆଯିବା ଓ ପରବର୍ତ୍ତୀ ସମୟରେ ସୁଶାନ୍ତଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ନିନ୍ଦନୀୟ। ଯାହା ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟ ପାଇଁ କଳଙ୍କ ସଦୃଶ ବୋଲି ସେ କହିଥିଲେ। ଏହି ଆନ୍ଦୋଳନ ପରେ ଓଡ଼ିଶା ଜନତା କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ଡିଜିପିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଘଟଣାଗୁଡ଼ିକର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରିବା ସହ ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ସାରା ରାଜ୍ୟରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରତିନିଧିମଣ୍ଡଳୀରେ ପ୍ରଶାନ୍ତ ଶତପଥୀ, ସତ୍ୟଦୀପ ବିଶ୍ୱାଳ, ବଦ୍ରିନାରାୟଣ ମହାନ୍ତି, ଶୁଭେନ୍ଦୁ ମଲ୍ଲିକ, ଗିରିବାଳା ବେହେରା, ଅନିଲ ବେଉରା, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ରମାକାନ୍ତ ବେହେରା ପ୍ରମୁଖ ଡିଜିପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନିକୁଞ୍ଜ ପଶାୟତ, ଶରତଚନ୍ଦ୍ର ସେଠୀ, ଶୈଳବାଳା ଜେନା, ମନୋଜ ଜେନା, ପ୍ରତାପ ପରିଡ଼ା, ବିରେନ୍ଦ୍ର ଦାସ, କେଦାର ପୃଷ୍ଟି, ସଂଗ୍ରାମ କିଶୋର ମାଝି, ଦୀପକ ପରିଡ଼ା, ସୂର୍ଯ୍ୟକାନ୍ତ ରାଉତ, ବିଦ୍ୟାଧର ମହାନ୍ତି, ନରେଶ ମହାନ୍ତି, ସଞ୍ଜୟ ରାୟ, ମନୋଜ ଜେନା, ସେକ ବାରିକଉଦ୍ଦୀନ, କାଳୀପ୍ରସାଦ ମଲ୍ଲିକ, ନଜିବୁର ରେହେମାନ ଖାନ, ସୋମନାଥ ରାଉତ, ଆର୍ଯ୍ୟବୀର ଲେଙ୍କା, ସୁରଜିତ ସାହୁ, ସ୍ମୃତିରଞ୍ଜନ ରାଉତ, ସନ୍ତୋଷ ପାତ୍ର, ସୁନୀଲ ପଣ୍ଡା, ବାବୁ ସାହୁ, ସେକ ଗୁଲାମ ମୋଇଉଦ୍ଦିନ, ସୟଦ ରମଜାନ ଅଲ୍ଲି, ସେକ ବାବଜାନି, ସଦାବ ସଲାମ, ଗୁଲଜାର ଅହମ୍ମଦ, ଦେବେନ୍ଦ୍ର ପ୍ରସାଦ ଶେଠୀ, ସେକ ଇମତିଆଜ, ପୂର୍ବତନ କର୍ପୋରେଟର ଅନିତା ନାୟକ, ଗୌରୀ ଦାସ, କାଞ୍ଚନ ଦାସ, ସେକ ସମ୍ମିମଉଲ୍ଲା, ଚାରୁଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

15001/63/2627

୨ ବର୍ଷରେ ଗୁଣା ବିକାଶ



# ବିକାଶର ଧାରା, ଓଡ଼ିଶା ସାରା



**ସୁଭଦ୍ରା ଯୋଜନା**
**୧ କୋଟି**ରୁ
ଅଧିକ ମହିଳା ଆର୍ଥିକ ସଶକ୍ତ

**ଲକ୍ଷପତି ଦିଦି**
**୨୩.୪୬ ଲକ୍ଷ**
ମହିଳାଙ୍କ ନୂତନ ପରିଚୟ

**ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା**
କିଶୋରୀ, ମା' ଓ ଶିଶୁଙ୍କ ପୋଷଣ
ସଶକ୍ତିକରଣର ନୂଆ ଅଧ୍ୟାୟ

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**
ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ
୧,୩୦୦ରୁ ଉର୍ଦ୍ଧ୍ୱ ଦମ୍ପତିଙ୍କ ବିବାହ ସମ୍ପନ୍ନ



ଆୟୁଷ୍ମାନ ଭାରତ -
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
**୩.୪୬ କୋଟି** ଲୋକ ଉପକୃତ



ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନା
**୫୭ଲକ୍ଷ**ରୁ ଅଧିକ ହିତାଧିକାରୀଙ୍କୁ
ସହାୟତା

ବୃତ୍ତିଗତ ଶିକ୍ଷାରେ
ଅନୁସୂଚିତ ଜନଜାତିଙ୍କ ପାଇଁ
**୨୨.୫%**,
ଅନୁସୂଚିତ ଜାତିଙ୍କ ପାଇଁ
**୧୬.୨୫%**
SEBC ପାଇଁ **୧୧.୨୫%**
ସଂରକ୍ଷଣ

**୪୪,୮୭୫** ଶିଶୁ ବାଟିକା ମାଧ୍ୟମରେ
**୩.୨ ଲକ୍ଷ** ଶିଶୁ ଉପକୃତ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
**୧୨ ହଜାର କୋଟି**ରେ **୨,୨୦୦** ବିଦ୍ୟାଳୟର
ସୁଦୃଢ଼ୀକରଣ ପରିକଳ୍ପନା



ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା
୨ ବର୍ଷରେ **୩.୨୨ ଲକ୍ଷ** ଜନଜାତି
ଛାତ୍ରଛାତ୍ରୀ ଉପକୃତ



**₹୩.୬ ଲକ୍ଷ କୋଟି** ପୁଞ୍ଜିନିବେଶରେ
୩୪ ପ୍ରକଳ୍ପ ଯୋଗେ
**୨,୫୨,୦୦୦** ନିଯୁକ୍ତି ସୃଷ୍ଟି



**₹୬ ହଜାର କୋଟି**
ବ୍ୟୟରେ ରାଜ୍ୟରେ
ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ
୩୯,୭୬୦ ଗ୍ରାମୀଣ ପରିବାରକୁ
ବିଦ୍ୟୁତ ସଂଯୋଗ

**₹୧୭ ହଜାର କୋଟି**ରେ
୯,୦୦୦ କି.ମି. ରାସ୍ତା ଓ ୫୭ଟି
ସେତୁ ନିର୍ମିତ

MMSY
**୧୧,୫୯୬** କିଲୋମିଟର ସବୁଦିନିଆ ଗ୍ରାମ୍ୟ ରାସ୍ତା
ଏବଂ ସେତୁ ବନ୍ଧନ ଯୋଜନାରେ **୫୬୬**ଟି ସେତୁ ନିର୍ମିତ



ପ୍ରଧାନମନ୍ତ୍ରୀ ଆବାସ ଯୋଜନା
ଅନ୍ତ୍ୟୋଦୟ ଗୃହ ଯୋଜନା
ପ୍ରାୟ **୫ ଲକ୍ଷ** ପରିବାରଙ୍କୁ
ମିଳିଛି ପକ୍କାଘର

ଖାଦ୍ୟ ସୁରକ୍ଷା ଯୋଜନା
**୩ କୋଟି**ରୁ ଉର୍ଦ୍ଧ୍ୱ
ହିତାଧିକାରୀଙ୍କୁ ସହାୟତା

**₹ ୪,୮୭୦ କୋଟି**ରେ
ସମୃଦ୍ଧ ସହର ଯୋଜନା ଆରମ୍ଭ



ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା
**୪ ଲକ୍ଷ**ରୁ ଅଧିକ ଗୋପାଳକଙ୍କୁ
**₹୩୨୬ କୋଟି**ର ଆର୍ଥିକ ସହାୟତା ପ୍ରଦାନ



ସମୃଦ୍ଧ କୃଷକ ଯୋଜନା
**୧୯ ଲକ୍ଷ** ଚାଷୀଙ୍କୁ
**₹୧୩ ହଜାର କୋଟି**ର
ଇନ୍‌ପୁଟ୍ ସହାୟତା ପ୍ରଦାନ

ସିଏମ କିଷାନ ଯୋଜନା
୩ ହଜାର କୋଟିରେ
**୫୧ ଲକ୍ଷ** ଚାଷୀ ଉପକୃତ



ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା
ଯୋଜନାରେ
**୩ କୋଟି**ରୁ ଅଧିକ
ଲୋକ ହେବେ ଉପକୃତ

**୨.୭୮ ଲକ୍ଷ** ହେକ୍ଟର ଜମିକୁ
ନିଶ୍ଚିତ ଜଳସେଚନ ସୁବିଧା

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0063

# ବକେୟା ଭତ୍ତା ଦାବି; ରାଜ୍ୟପାଳଙ୍କୁ ସ୍ମାରକପତ୍ର

## ପଞ୍ଚାୟତସମିତି କାର୍ଯ୍ୟାଳୟ ସମ୍ମୁଖରେ ଆଠଗଡ଼ ବ୍ଲକ୍ ବିଜେଡି ଓ ହିତାଧିକାରୀଙ୍କ ଧାରଣା





ଆଠଗଡ଼, ୧୧।୬ (ସମିସ):

ଆଠଗଡ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନ୍ତର୍ଭୁକ୍ତ ୯୯୫୪ ଜଣ ହିତାଧିକାରୀଙ୍କୁ ୩ ମାସ ହେବ ଭତ୍ତା ମିଳୁନାହିଁ। ହିତାଧିକାରୀଙ୍କ ମଧ୍ୟରେ ୨୭୬ ଜଣ ୮୦ ଶତକଡାରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ, ୭୨୭ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ୯୯୪ ଜଣ ଆଶାୟୀ ରହିଛନ୍ତି। ଦୀର୍ଘ ୩ ମାସ ଧରି ବ୍ୟାଙ୍କ ଖାତାକୁ ଟଙ୍କା ଆସୁ ନଥିବାରୁ ଏହି ହିତାଧିକାରୀମାନେ ଔଷଧ ଆଦି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାରେ ହଇରାଣ ହେଉଛନ୍ତି। ସରକାର ଓ ପ୍ରଶାସନ ପକ୍ଷରୁ କୌଣସି ସଠିକ ତାରିଖ ତଥା ପ୍ରତିଶ୍ରୁତିର ତାଳମେଳ ରହୁନଥିବାରୁ ହିତାଧିକାରୀମାନେ ବାରମ୍ବାର ବ୍ୟାଙ୍କ ଦୌଡ଼ି ନିରାଶ ହେଉଛନ୍ତି। ଏହାର ପ୍ରତିବାଦରେ ଆଠଗଡ ବ୍ଲକ ବିଜେଡି ଓ ବିଭିନ୍ନ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ପକ୍ଷରୁ ଆଠଗଡ ପଞ୍ଚାୟତସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ଆଠଗଡ ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଠଗଡ ବ୍ଲକ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସରକାର ୨ ବର୍ଷ ଶାସନ ପୂର୍ତ୍ତିର ଉତ୍ସବ ମନାଇ ଜନସାଧାରଣଙ୍କ ଦୁର୍ଦ୍ଦଶାର ଅଟ୍ଟହାସ୍ୟ କରୁଛନ୍ତି ବୋଲି କହିଥିଲେ। ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ମିନତୀ ଗାଗରାଇ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ଉପାଧ୍ୟକ୍ଷା ବାସନ୍ତି ରାଉଳ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ମିତାଲି ରାଉତ, ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ବିନୋଦ ମାଝି ଅଜିତ ଦାସ, ଶକ୍ତିକାନ୍ତ ସାହୁ, ଜ୍ଞାନରଞ୍ଜନ ଦାଶ, କଲ୍ୟାଣୀ ଖଟୁଆ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦିପ୍ତ ଦାସ, ଲଳିତେନ୍ଦୁ ସେନାପତି ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ପଞ୍ଚାୟତସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଗ୍ରହଣ କରି କାର୍ଯ୍ୟାଳୟସ୍ଥିତ ପ୍ରକୋଷ୍ଠରେ ଆଲୋଚନା କରି ଏ ମାସ ସୁଦ୍ଧା ଭତ୍ତା ମିଳିଯିବ ବୋଲି ଆଶ୍ୱାସନା ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଟାଙ୍ଗୀ, ୧୧।୬(ସମିସ): କେନ୍ଦ୍ର ସରକାର ୧୨ ବର୍ଷ ଏବଂ ରାଜ୍ୟ ସରକାର ୨ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ରାଜ୍ୟରେ ଦୁଃଖୀ, ଦରିଦ୍ରଙ୍କ କଥା ଭୁଲି ଯାଇଛନ୍ତି। ଏଭଳି ଅଭିଯୋଗ କରି ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଗରିବ କଲ୍ୟାଣ ଯୋଜନାରେ ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ଭତ୍ତା ତିନି ମାସ ହେଲା ପାଉନାହାନ୍ତି। ଯାହାଫଳରେ ନିଜେ ଚଳିବା ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି। ଭତ୍ତା ପ୍ରଦାନ ନିମନ୍ତେ ଟାଙ୍ଗୀ ଚୌଦ୍ୱାର ସିପିଆଇଏମ୍ ଆଞ୍ଚଳିକ କମିଟିର ସମ୍ପାଦକ ରମେଶଚନ୍ଦ୍ର ବେହେରା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଏନ୍ଏନ୍ ରାଜଲକ୍ଷ୍ମୀ ଓଝାଙ୍କୁ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରିଛନ୍ତି। ବ୍ଲକରେ ପଡିରହିଥିବା ବିଭିନ୍ନ ଯୋଜନାର କୋଟି କୋଟି ଟଙ୍କାକୁ ଭତ୍ତାଧାରୀଙ୍କୁ ପ୍ରଦାନ କରାଯାଉ ଏବଂ ଭତ୍ତା ଟଙ୍କା ଆସିଲେ ଭରଣା କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।



## ଝାମ୍ପିନେଲେ ଲକ୍ଷାଧିକ ଟଙ୍କା

ତ୍ରିଶୂଳିଆ, ୧୧।୬(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ପୁରୁଣା ବାରଙ୍ଗ ଛକ ନିକଟରେ ଦିନ ଦ୍ୱିପହରରେ ଜଣେ ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ଝାମ୍ପି ନେଇ ଦୁଇ ଦୁର୍ବୃତ୍ତ ଚମ୍ପଟ ମାରିଛନ୍ତି। ସୂଚନା ଅନୁଯାୟୀ, ବାରଙ୍ଗ ବ୍ଲକରେ ଠିକା ଶ୍ରମିକ ଭାବେ କାର୍ଯ୍ୟରତ ଲକ୍ଷ୍ମୀଧର ନନ୍ଦ ଗୁରୁବାର ଅପରାହ୍ନ ପ୍ରାୟ ୩ଟା ସମୟରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖସ୍ଥ ୟୁକୋ ବ୍ୟାଙ୍କରୁ ୪ ଲକ୍ଷ ୭୬ ହଜାର ଟଙ୍କା ଉଠାଇ ବାହାରୁଥିବା ବେଳେ ଏକ କଳା ରଙ୍ଗର ବାଇକରେ ଆସିଥିବା ଦୁଇ ଅଜଣା ଯୁବକ ତାଙ୍କଠାରୁ ଟଙ୍କା ଝାମ୍ପି ନେଇ ଭୁବନେଶ୍ୱର ଦିଗକୁ ପଳାଇଯାଇଥିଲେ। ଘଟଣା ସମ୍ପର୍କରେ ଲକ୍ଷ୍ମୀଧର ନନ୍ଦ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କଲା ପରେ ପୁଲିସ ବିଭିନ୍ନ ସ୍ଥାନରେ ତଦନ୍ତ ଓ ଚଢଉ ଜାରି ରଖିଛି।

## ବୁଣାକାରଙ୍କୁ ବୈଷୟିକ ସହାୟତା ଓ କାର୍ଯ୍ୟକାରିତା ତାଲିମ୍

ତିଗିରିଆ, ୧୧।୬ (ସମିସ): ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ



ଆନୁକୂଲ୍ୟରେ ବୟନ ଶିଳ୍ପ, ହସ୍ତତନ୍ତ ନିର୍ଦ୍ଦେଶକ ତଥା ଆଠଗଡ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଣାକାରଙ୍କର ବ୍ଲକଚେନ ଟେକ୍ନୋଲୋଜିର କାର୍ଯ୍ୟକାରିତା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆପାଟଣାସ୍ଥିତ ନମ୍ବର-୧ ତନ୍ତୁବାୟ ସହଯୋଗ ସମିତି ଲିଃ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ନିର୍ଦ୍ଦେଶକ ସୋମେଶ ଉପାଧ୍ୟାୟ, ଉପନିର୍ଦ୍ଦେଶକ ମଧୁସ୍ମିତା ଦାସ, ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ, ଆଠଗଡ ଜୟପ୍ରକାଶ ନାରାୟଣ ବିଶ୍ୱାଳ ପ୍ରମୁଖ ବୁଣାକାରଙ୍କୁ ଏହି ଜ୍ଞାନକୌଶଳ ବ୍ୟବହାର ଓ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଗୁଜୁରାଟର ଏସଏସବି ଡିଜିଟାଲ ପ୍ରାଇଭେଟ ଲିମିଟେଡ଼ ସଂସ୍ଥା ପକ୍ଷରୁ ନୂଆପାଟଣାର ନମ୍ବର-୨ ତନ୍ତୁବାୟ ସହଯୋଗ ସମିତି ଲିଃ ଓ ମା' ଅନ୍ନପୂର୍ଣ୍ଣା ତନ୍ତୁବାୟ ସହଯୋଗ ସମିତି ଲିଃ ର ବୁଣାକାରଙ୍କୁ ବ୍ଲକଚେନ ଟେକ୍ନୋଲୋଜି ଅନ୍ତର୍ଗତ ଇଣ୍ଟରନେଟ ଅଫ ଥିଙ୍ଗସ (ଆଇଓଟି) ଡିଭାଇସ ବ୍ୟବହାର ଓ କାର୍ଯ୍ୟକାରିତା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏହି ଡିଭାଇସ ବ୍ୟବହାର ଦ୍ୱାରା ବୁଣାକାରଙ୍କ ହସ୍ତତନ୍ତ ସାମଗ୍ରୀର ସଠିକ ଚିହ୍ନଟ କରାଯାଇ ପାରିବା ସହ ଗ୍ରାହକମାନେ ନକଲି ଓ ଅସଲି ହସ୍ତତନ୍ତ ସାମଗ୍ରୀ ସମ୍ପର୍କରେ ସୂଚନା ପାଇପାରିବେ। ଏହାଦ୍ୱାରା ବୁଣାକାରଙ୍କ ଉତ୍ପାଦ ର ଉଚିତ ମୂଲ୍ୟ ପାଇବା ସହ ସେମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ। କାର୍ଯ୍ୟକ୍ରମରେ ଏସଏସବି ଡିଜିଟାଲ ପ୍ରାଇଭେଟ ଲିମିଟେଡର ବ୍ୟବସାୟିକ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ସାମନ୍ତରାୟ ଏହି ଡିଭାଇସର ବ୍ୟବହାର ସମ୍ପର୍କରେ ତାଲିମ ଦେଇଥିଲେ। ଆଠଗଡ ବୟନ ଶିଳ୍ପ ର୍ନିଶେକ କାର୍ଯ୍ୟାଳୟ ସମବାୟ ସମିତି ସମୂହର ଉପ ସହକାରୀ ନିବନ୍ଧକ ଅବିନାଶ ସେଠୀ, ବୟନ ତତ୍ତ୍ୱାବଧାରକ ଟୁନି ମେହେର, ନୂଆପାଟଣା ନମ୍ବର-୧ ତନ୍ତୁବାୟ ସହଯୋଗ ସମିତି ଲିଃ ର ସଭାପତି କେଶବଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା, ବୁଣାକାର ସହଯୋଗ କରିଥିଲେ।

## ପରମହଂସନାଥଙ୍କ ମନ୍ଦିର ସମ୍ମୁଖ ରାସ୍ତାରୁ ଉଚ୍ଛେଦ ଦାବି




କନ୍ଦରପୁର, ୧୧।୬ (ସମିସ): କଟକ ପୂର୍ବାଞ୍ଚଳ ତଥା କଟକ ସଦର ଅନ୍ତର୍ଗତ ପରମହଂସସ୍ଥିତ ପ୍ରସିଦ୍ଧ ଶୈବପୀଠ ପରମହଂସନାଥଙ୍କ ମନ୍ଦିର ସମ୍ମୁଖ ମୁଖ୍ୟରାସ୍ତା ବେଆଇନ ଭାବେ ଜବରଦଖଲକାରୀଙ୍କ କବଜାରେ ଥିବା ଅଭିଯୋଗ ହେଉଛି। ରାସ୍ତାକୁ ମଡାଇ ଜବରଦଖଲକାରୀମାନେ ଦୋକାନ କରିଥିବା ଦେଖାଯାଇଛି। ଯାହାଫଳରେ ମନ୍ଦିରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହିତ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ବିଶେଷ ଭାବେ ଅସୁବିଧା ପରିଲକ୍ଷିତ ହେଉଛି। ସେଥିରେ ମନ୍ଦିର ବେଢ଼ାରେ କୋଟି କୋଟି ଟଙ୍କାରେ ନିର୍ମାଣାଧୀନ କାର୍ଯ୍ୟ ସବୁ ଉକ୍ତ ରାସ୍ତା ପାଇଁ ବାଧକ ସାଜିଛି। ତୁରନ୍ତ ଜନସାଧାରଣ ଓ ଭକ୍ତମାନଙ୍କ ସୁବିଧା ପାଇଁ ଟ୍ରଷ୍ଟି ଥିବା କଟକ ସଦର ତହସିଲଦାର ଉକ୍ତ ବେଆଇନ ଜବରଦଖଲ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି।

## ଘଡ଼ିଆଳ କୁମ୍ଭୀର ଛୁଆ ଉଦ୍ଧାର



ନରସିଂହପୁର, ୧୧।୬ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ମହାନଦୀସ୍ଥିତ ଘୋରାଡ଼ିଆ ଘାଟ ନିକଟରୁ ଏକ ଘଡ଼ିଆଳ କୁମ୍ଭୀର ଛୁଆକୁ ଗ୍ରାମବାସୀ ଗୁରୁବାର ଉଦ୍ଧାର କରିଥିବା ଜଣାପଡିଛି। ଏହି କୁମ୍ଭୀରଟି ମହାନଦୀର ଉପର ମୁଣ୍ଡରୁ ଖସି ଆସିଥିବା ଗ୍ରାମବାସୀ ଅନୁମାନ କରିଥିଲେ। ତେବେ ମହାନଦୀ କୂଳରେ ଗାଧୋଉଥିବା ମହିଳାମାନେ ଦେଖି ଅନ୍ୟ ତୁଠରେ ଥିବା ଲୋକଙ୍କୁ ଡାକି ସେହି କୁମ୍ଭୀରଟିକୁ ଉଦ୍ଧାର କରି ରଖିଥିଲେ। ଗ୍ରାମବାସୀ ସ୍ଥାନୀୟ ବନବିଭାଗକୁ ଖବର ଦେବାପରେ ବନ କର୍ମଚାରୀମାନେ ମହାନଦୀ ନିକଟରେ ପହଞ୍ଚି କୁମ୍ଭୀର ଛୁଆଟିକୁ ଅନ୍ୟତ୍ର ନେଇ ଯାଇଥିଲେ।

## କଦଳୀ ଗଛ ବିବାଦ: ଦୁଇ ଗିରଫ

ଟାଙ୍ଗୀ,୧୧।୬(ସମିସ): ଘରବାଡ଼ି ବିବାଦ ବିଶେଷକରି କଦଳୀ ଗଛ ହାଣିବାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣାରେ ଟାଙ୍ଗୀ ପୁଲିସ୍ ଦୁଇ ଜଣଙ୍କୁ ଗିରଫକରି ଗୁରୁବାର ଅଦାଲତ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ଡ୍ରିମ୍ବ ଫାଣ୍ଡି ଅଧୀନ ତଥା ଜରିପଡ଼ା ପଞ୍ଚାୟତ ଜଗନ୍ନାଥପୁର ବାସିନ୍ଦା ମୁନା ଓରଫ ଅଜିତ କୁମାର ସାହୁ(୪୦) ଓ ହେମନ୍ତ କୁମାର ଜେନା(୫୦)। କଦଳୀଗଛ ହାଣିବା ଘଟଣାକୁ ନେଇ ଉଭୟ ପକ୍ଷ ଗୋବିନ୍ଦପୁର ହାଟରେ ଗଡ଼ାପଡ଼ା ହେବା ସାଧାରଣରେ ଚର୍ଚ୍ଚାକୁ ଆସିଥିବାବେଳେ ଉଭୟ ପକ୍ଷଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଦୁଇଟି ମାମଲା ରୁଜୁ କରିଥିବା ଆଇଆଇସି ବିକାଶ ସେଠୀ ସୂଚନା ଦେଇଛନ୍ତି।

## ଜଗନ୍ନାଥଜୀଉ ଡ୍ରାମାଟ୍ରିକ୍ କ୍ଲବ୍‌ର ନାଟକ ମଞ୍ଚସ୍ଥ



ନରସିଂହପୁର, ୧୧।୬ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ନିଜିଗଡସ୍ଥିତ ଜଗନ୍ନାଥଜୀଉ ଡ୍ରାମାଟ୍ରିକ କ୍ଲବର ୯୦ତମ ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଆୟୋଜିତ ସାମାଜିକ ନାଟକ 'ଛାତିର କୋହକୁ ଦେଖିଛି କିଏ'ଟି ତରୁଣ କଳାକାରଙ୍କୁ ନେଇ ମଞ୍ଚସ୍ଥ ହେଇଯାଉଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ପ୍ରଦୀପ କୁମାର ପଟ୍ଟନାୟକ, ପ୍ରଭାକର ମିଶ୍ର, ସମିତିସଭ୍ୟ ମନୋଜ ପଣ୍ଡା, ମହେଶ୍ୱର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ବୀରକିଶୋର ସାହୁ ସଭାପତିତ୍ୱ କରିଥିଲେ। କ୍ଲବର ସହ ସମ୍ପାଦକ ପ୍ରତାପଚନ୍ଦ୍ର ପଣ୍ଡା ବାର୍ଷିକ ବିବରଣୀ ପାଠ କରଥିଲେ। ଅନୁଷ୍ଠାନକୁ ୮୯ ବର୍ଷ ଧରି ଯେଉଁ ଦିବ୍ୟଙ୍ଗତ ପୁରୁଷମାନେ ବଞ୍ଚାଇ ରଖିଛନ୍ତି ସେମାନଙ୍କୁ ମନେ ପକାଇ କ୍ଲବର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ଝରେଶ୍ୱର ସାହୁ, ସହନିର୍ଦ୍ଦେଶକ ତୁଷାର ଭୂଷଣ ମହାପାତ୍ର, ଶିବପ୍ରସାଦ ଦାଶ, ଅଜୟ ପଣ୍ଡା, ସନାତନ ରଣା, ମହିମା ରଞ୍ଜନ ମହାପାତ୍ର, ସରୋଜ କୁମାର ମହାପାତ୍ର, ସମ୍ପାଦକ ମନୋଜ ପଟ୍ଟନାୟକ ସହଯୋଗ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଦର୍ଶକ ଏବଂ ସ୍ଥାନୀୟ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ବିଜେପିର କନ୍ଦରପୁର ମଣ୍ଡଳସ୍ତରୀୟ ସମାବେଶ

କନ୍ଦରପୁର, ୧୧।୬ (ସମିସ): କନ୍ଦରପୁରଠାରେ ବିଜେପିର ମଣ୍ଡଳସ୍ତରୀୟ ଏକ କର୍ମୀ ସମାବେଶ ନିରଂଜନ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ପ୍ରକାଶ ସେଠୀ ନୂତନ କର୍ମୀଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ସରକାରଙ୍କ ବହୁମୁଖୀ ଯୋଜନାକୁ ଲୋକମାନଙ୍କ ପାଖରେ ପହଞ୍ଚାଇ ସେମାନଙ୍କ ପାଇଁ କାମ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କଟକ ସଦର ବ୍ଲକ ଆମ୍ବ ସଭାପତି ରମାପ୍ରସାଦ ବିଶ୍ୱାଳ, ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ହୃଷୀକେଶ ଜେନା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସର୍ବେଶ୍ୱର ନାୟକ, କିଶନନଗର ମଣ୍ଡଳ ବିଜେପି ସଭାପତି ଚିତ୍ତରଞ୍ଜନ ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, କନ୍ଦରପୁର ସରପଞ୍ଚ ସୁଭାଷିନୀ ରାଉତ, ପ୍ରହରାଜପୁର ସରପଞ୍ଚ ଅବଦୁଲ ୱାହିଦ୍ ଖାଁ, ପୂର୍ବତନ ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ବିଜେପି ଏସସି ମୋର୍ଚ୍ଚା ଜିଲ୍ଲା ସଭାପତି ଯୋଗେନ୍ଦ୍ରନାଥ ଭୋଇ, ଜିଲ୍ଲା ବିଜେପି ଉପସଭାପତି ସୁରେଶଚନ୍ଦ୍ର ଜେନା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ କ୍ଷେତ ବଞ୍ଚାଅ ଅଭିଯାନ



ଭଦ୍ରେଶ୍ୱର,୧୧।୬(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଉଁରିଆ ପଞ୍ଚାୟତ ରାମକାପୁର ଗ୍ରାମର ଭାରତୀ ମଠରେ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ କ୍ଷେତ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟଜ ଫୋର ଏସ ଫୋର ଆର କୃଷକ ଉତ୍ପାଦକ ସଂଗଠନ ମାହାଙ୍ଗା ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲା ବେଳେ ଉତ୍ସବରେ ଫୋର ଏସ ଫୋର ଆରର ନିର୍ଦ୍ଦେଶକ ଦୀନବନ୍ଧୁ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଧାନ ବୈଜ୍ଞାନିକ ଡ଼ଃ ସୁଶାନ୍ତ କୁମାର ଦାଶ ଅତ୍ୟଧିକ ରାସାୟନିକ ସାର ଓ ଔଷଧରୁ ମାଟିକୁ କିପରି ଭାବେ ରକ୍ଷା କରାଯାଇ ପାରିବ ସେ ବିଷୟରେ କ୍ଷେତ୍ର ପ୍ରଦର୍ଶନ ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରଆରଆଇର ବରିଷ୍ଠ ବୈଜ୍ଞାନିକ ମୃତ୍ତିକା ବିଶେଷଜ୍ଞ ଡ଼ଃ ସୁଶାନ୍ତ କୁମାର ନାୟକ ଜଳବାୟୁ ପରିବର୍ତ୍ତନ, ସହନଶୀଳ ଧାନ କିସମଗୁଡିକ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ସୁଧାମୟ ମଣ୍ଡଳ ଫସଲକୁ କିପରି ରୋଗ ଓ ପୋକ ଦାଉରୁ ରକ୍ଷା କରାଯାଇ ପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଗ୍ରଣୀ ଚାଷୀ ଶରତ କୁମାର ସ୍ୱାଇଁ, ସୁଦାମ ଚରଣ ଜେନା, ରାମଚନ୍ଦ୍ର ବେହେରା, ଅମ୍ବିକା ପ୍ରସାଦ ପଟ୍ଟନାୟକ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ। ଫୋର ଏସ ଫୋର ଆରର ଅନ୍ୟତମ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣରେ ଅନିୟମିତତା

ଭଦ୍ରେଶ୍ୱର, ୧୧।୬(ସମିସ):

ମାହାଙ୍ଗା ବ୍ଲକ ପଲ୍ଲୀସାହି-ବଡ଼ଗୋଠ ଗ୍ରାମ୍ୟ ଉନ୍ନୟନ କେନାଲ ବନ୍ଧ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବାର ସାଙ୍ଘାତିକ ଅଭିଯୋଗ ହୋଇଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ନୂତନ ରାସ୍ତାର ସ୍ଥାୟିତ୍ୱ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି। ସୂଚନା ଅନୁଯାୟୀ, କେନାଲ ବନ୍ଧ ରାସ୍ତାର ପୁନରୁଦ୍ଧାର ଓ ନିର୍ମାଣ ନିମନ୍ତେ ସରକାରଙ୍କ ପକ୍ଷରୁ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଥିଲା। ଏହାପରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସମ୍ପୃକ୍ତ ଠିକାଦାରଙ୍କୁ ଏହି କାର୍ଯ୍ୟର ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଗତ ଫେବ୍ରୁଆରୀ ୭ ତାରିଖ ମାହାଙ୍ଗାର ସ୍ୱାଧୀନ ବିଧାୟକଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ ଧୁମ୍‌ଧାମ୍‌ରେ ସମ୍ପନ୍ନ ହୋଇଥିଲା। ତେବେ କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଠିକାଦାର ସରକାରୀ ଅଟକଳ ଅନୁଯାୟୀ କାର୍ଯ୍ୟ କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ କାମ ସରିବାର ମାତ୍ର ଅଳ୍ପ ଦିନ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହେଲାଣି। ଏପରିକି ଅନେକ ସ୍ଥାନରେ ପିଚୁ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଦବି ଯାଇଛି। ରାସ୍ତା ମଝିରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ ରହିଥିଲେ ମଧ୍ୟ ସେଗୁଡ଼ିକୁ ସେଠାରୁ ନ ଉଠାଇ କିମ୍ବା ସ୍ଥାନାନ୍ତର ନ କରି ତା' ଚାରିପାଖରେ ପିଚୁ ପକାଇ

**● ସ୍ଥାୟିତ୍ୱ ନେଇ ସନ୍ଦେହ, ବିଦ୍ୟୁତ ଖୁଣ୍ଟ ନ ଉଠାଇ ପିଚୁ କାମ**
**● ମାସ ନ ପୂରୁଣୁ ସୃଷ୍ଟି ହେଲାଣି ଫାଟ, ତଦନ୍ତ ଦାବି**

ରାସ୍ତା ନିର୍ମାଣ କରି ଦିଆଯାଇଛି, ଯାହାକି ଆଗାମୀ ଦିନରେ ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଅଭିଯୋଗ ହେଉଛି ଯେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ସଲାସୁତରା ଯୋଗୁଁ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ହରିଲୁଟ୍ କରିବା ପାଇଁ ଏଭଳି ମସୁଧା ଚାଲିଛି। ଯନ୍ତ୍ରୀଙ୍କ ପ୍ରୋତ୍ସାହନ ଯୋଗୁଁ ଠିକାଦାର ମନମୁଖୀ ଭାବେ କାମ କରୁଥିଲେ ମଧ୍ୟ ଏହି ଦୁର୍ନୀତି ଉପରେ କେହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏହି ବେଆଇନ କାର୍ଯ୍ୟକଳାପ ଉପରେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତାର ଗୁଣବତ୍ତା ଯାଞ୍ଚ କରିବା ସହ ଦୋଷୀ ଠିକାଦାର ଓ ସହଯୋଗୀ ଯନ୍ତ୍ରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୋରଦାର ଦାବି ହୋଇଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୫.୭୭ ● ପାଉଣ୍ଡ ୧୨୭.୦୯
- ୟୁରୋ ୧୦୯.୮୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୩,୫୦୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୮୩୨.୦୦
- ନିଫ୍ଟି ୨୩,୧୬୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଇଥାନଲ ଇନ୍ଧନ ଉପରୁ ଉତ୍ପାଦ ଶୁଳ୍କ ଛାଡ଼

- ତାଲିକାରେ ୨୨%ରୁ ୩୦% ଇଥାନଲ ମିଶ୍ରିତ ପେଟ୍ରୋଲ
- ଇ ୨୨,ଇ ୨୫,ଇ ୨୭,ଇ ୩୦ରେ ଆଉ ଲାଗିବନି ଉତ୍ପାଦ ଶୁଳ୍କ
- ଇ୨୦ ପେଟ୍ରୋଲ ଉପରେ କୌଣସି ଆଶ୍ୱସ୍ତି ନାହିଁ
- ଚିନି ଏବଂ ଇଥାନଲ ନିର୍ମାତା,ତେଲ କମ୍ପାନୀଙ୍କୁ ସବୁଠୁ ବେଶୀ ଫାଇଦା




ନୂଆଦିଲ୍ଲୀ,୧୧।୬(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ୨୨% ରୁ ୩୦% ଇଥାନଲ୍ ଥିବା ପେଟ୍ରୋଲ ଉପରେ ଆଉ କୌଣସି ଉତ୍ପାଦ ଶୁଳ୍କ ଲାଗୁ କରିବେ ନାହିଁ। କେନ୍ଦ୍ର ସରକାର ୨୨%ରୁ ୩୦% ଇଥାନଲ ମିଶ୍ରିତ ପେଟ୍ରୋଲ (ଇ ୨୨,ଇ ୨୫,ଇ ୨୭,ଇ୩୦)କୁ କେନ୍ଦ୍ରୀୟ ଏକ୍ସାଇଜ ଡ୍ୟୁଟିରୁ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଦେଶର ଅଧିକାଂଶ ସ୍ଥାନରେ ପ୍ରଚଳିତ ୨୦% ଇଥାନଲ୍ ମିଶ୍ରିତ ପେଟ୍ରୋଲ ଉପରେ କୌଣସି ରିଆତି ଦିଆଯାଇନାହିଁ। ଏହି ପଦକ୍ଷେପ ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବ ଏବଂ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା କାହାକୁ ଅଧିକ ଫାଇଦା ମିଳିବ ?

ପେଟ୍ରୋଲରେ ଉଚ୍ଚ-ସ୍ତରୀୟ ଇଥାନଲ୍ ମିଶ୍ରଣକୁ ଉତ୍ପାଦ ଶୁଳ୍କରୁ ମୁକ୍ତ କରିବା ନେଇ ସରକାର ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ଟିକସ ଛାଡ଼ ପେଟ୍ରୋଲର ଚାରୋଟି ନୂତନ ପ୍ରକାର - ଇ ୨୨,ଇ ୨୫,ଇ ୨୭ ଏବଂ ଇ୩୦ କୁ ଅନ୍ତର୍ଭୁକ୍ତ କରିବ। ପ୍ରକୃତରେ ଏହାର ଫାଇଦା ସାଧାରଣ ଜନତାଙ୍କ ସହ ଚିନି ଓ ଇଥାନଲ ଏବଂ ତେଲ କମ୍ପାନୀଙ୍କୁ ମିଳିବ। ଏହି ନିଷ୍ପତ୍ତିର ସବୁଠୁ ବଡ଼ ଲାଭ ଇଥାନଲ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକୁ ମିଳିବ। ଅଧିକ ଇଥାନଲ ଚାହିଦା ବଢ଼ିବା ଯୋଗୁ ଚିନି ମିଲ୍ ଭଳି କାରଖାନା ଆଦିଙ୍କୁ ଲାଭ ମିଳିବ। ସେହିଭଳି ଏହାର ଫାଇଦା ମକା ଏବଂ ଆଖୁ ଚାଷୀଙ୍କୁ ମଧ୍ୟ ମିଳିପାରିବ। ପ୍ରକୃତରେ ଇଥାନଲ ଉତ୍ପାଦନ ପାଇଁ ଆଖୁ ଏବଂ ଶସ୍ୟର ଅବଶେଷର ଆବଶ୍ୟକତା ପଡ଼ିଥାଏ।

ସରକାରଙ୍କ ଏହି ନିଷ୍ପତ୍ତି ପରେ ତେଲ କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ମିଳିପାରେ। କାରଣ ଏହି କମ୍ପାନୀଗୁଡ଼ିକୁ ଏ ପର୍ଯ୍ୟନ୍ତ କ୍ରୁଡ ଅଏଲ ଆମଦାନୀ ଉପରେ ନିର୍ଭର ହେବାକୁ ପଡୁଥିଲା। ଏହି ପଦକ୍ଷେପ ଫଳରେ ଆମଦାନୀ ଉପରେ ନିର୍ଭରତା କମ୍ ହୋଇପାରେ। ହିନ୍ଦୁସ୍ତାନ ପେଟ୍ରୋଲିୟମ, ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଭଳି କମ୍ପାନୀଗୁଡ଼ିକୁ ଇଥାନଲ ଇନ୍ଧନ ବିକ୍ରି ବଢ଼ାଇବାରେ ସହଜ ହୋଇପାରେ। ଭାରତ ଦୁନିଆର ତୃତୀୟ ସବୁଠୁ ବଡ଼ ତେଲ ଆମଦାନୀକାରୀ ରାଷ୍ଟ୍ର। ଏମିତିରେ ଇଥାନଲ ବ୍ୟବହାରକୁ ପ୍ରୋତ୍ସାହନ ଦେବା ଦ୍ୱାରା ତେଲ ଉପରେ ନିର୍ଭରତା କମିବ ଏବଂ ବିଶ୍ୱ ସ୍ତରରେ କ୍ରୁଡ ମୂଲ୍ୟରେ ଲାଗିଥିବା ଅସ୍ଥିରତାର ପ୍ରଭାବକୁ ସୀମିତ କରାଯାଇପାରିବ।

## ନୀତି ଆୟୋଗର ୧୧ତମ ଗଭର୍ଣ୍ଣିଂ କାଉନସିଲ୍ ବୈଠକ

# ଜନସାଂଖ୍ୟିକ ଲାଭାଂଶକୁ ବିକାଶ ଲାଭାଂଶରେ ରୂପାନ୍ତରିତ କରିବାକୁ ରାଜ୍ୟଙ୍କୁ ଆହ୍ୱାନ

ନୂଆଦିଲ୍ଲୀ,୧୧।୬(ଏଜେନ୍ସି): ଗୁରୁବାର ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରଠାରେ ନୀତି ଆୟୋଗର ୧୧ତମ ଗଭର୍ଣ୍ଣିଂ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରିଛନ୍ତି। 'ବିକଶିତ ଭାରତ@୨୦୪୭ ପାଇଁ ସମାବେଶୀ ମାନବ ବିକାଶ' ଚଳିତ ବର୍ଷ ବୈଠକର ମୁଖ୍ୟ ବିଷୟ ଥିଲା। ଏଥିରେ ୨୮ଟି ରାଜ୍ୟ ଏବଂ ୫ଟି କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଳ ଏବଂ ପ୍ରଶାସକମାନେ ଯୋଗଦେଇଥିଲେ। ବୈଠକରେ ପ୍ରଥମ ଥର ପାଇଁ ସମସ୍ତ ୨୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିବା ସ୍ୱୟଂ ଏକ କିର୍ତ୍ତିମାନ ସୃଷ୍ଟି କରିଛି।




ସହଭାଗୀ ସଂଘୀୟ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏକ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକୁ ମିଳିମିଶି କାର୍ଯ୍ୟ କରିବାକୁ ହେବ। ସେ ଗୁରୁତ୍ୱ ଦେଇ କହିଛନ୍ତି ଯେ ବିକଶିତ ଭାରତର ସଂକଳ୍ପ ପ୍ରତ୍ୟେକ ରାଜ୍ୟ, ଜିଲ୍ଲା, ବ୍ଲକ ଏବଂ ଗ୍ରାମର ସାମୂହିକ ସଂକଳ୍ପ ହେବା ଉଚିତ। ଭାରତର ଜନସାଂଖ୍ୟିକ ଶକ୍ତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶର ଯୁବପିଢ଼ି ଏହାର ସବୁଠାରୁ ବଡ଼ ସମ୍ପତ୍ତି, ଯେଉଁଠାରେ ପ୍ରାୟ ୭୦ କୋଟି ଭାରତୀୟଙ୍କ ବୟସ ୨୫ ବର୍ଷରୁ କମ୍। ଜନସାଂଖ୍ୟିକ ଲାଭାଂଶକୁ ବିକାଶ ଲାଭାଂଶରେ ରୂପାନ୍ତରିତ କରିବାକୁ ସେ ରାଜ୍ୟମାନଙ୍କୁ ଆହ୍ୱାନ ଦେଇଛନ୍ତି। ରାଜ୍ୟଗୁଡ଼ିକ ଏକ ଜିଲ୍ଲା-ଏକ ପ୍ରକଳ୍ପ କାର୍ଯ୍ୟକ୍ରମ ଉପରେ ଧ୍ୟାନ ଦେବାକୁ ଏବଂ ଏହାକୁ କେନ୍ଦ୍ର କରି ରପ୍ତାନି-ଭିତ୍ତିକ ରଣନୀତି ପ୍ରସ୍ତୁତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଏଲ୍ ନିନୋ ସ୍ଥିତିରୁ ସୃଷ୍ଟି ହେଉଥିବା ଚିନ୍ତା ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି ଏବଂ ଜଳ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ସହ ପ୍ରାକୃତିକ ଓ ଜୈବିକ ଚାଷ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟଗୁଡ଼ିକୁ ଅପିଲ୍ କରିଛନ୍ତି। ବିଶେଷକରି ଆକାଂକ୍ଷୀ ଜିଲ୍ଲା ମାନଦଣ୍ଡ ମାଧ୍ୟମରେ ଜିଲ୍ଲା ସ୍ତରରେ ପ୍ରଗତିର ମୂଲ୍ୟାଙ୍କନ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବିକଶିତ ଭାରତ@୨୦୪୭ର ଦୂରଦୃଷ୍ଟି ହାସଲ କରିବା ଦିଗରେ ଏକ ମନିଟରିଂ ଫ୍ରେମୱାର୍କ ଏବଂ ୧୦୦ ଦିନିଆ ଓ ୫ ବର୍ଷିଆ ଲକ୍ଷ୍ୟର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ପୁଞ୍ଜିନିବେଶ ଆକର୍ଷିତ କରିବା ପାଇଁ ସୁଶାସନ, ସ୍ୱଚ୍ଛତା ଏବଂ ଭିତ୍ତିଭୂମିର ଗୁରୁତ୍ୱ ଉପରେ ଆଲୋକପାତ କରି ସେ ରାଜ୍ୟଗୁଡ଼ିକୁ ବ୍ରାଣ୍ଡିଂ,ଇଜ୍ ଅଫ୍ ଡୁଇଂ ବିଜନେସ୍ ଏବଂ ଡାଟା ସେଣ୍ଟର ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଭଳି କ୍ଷେତ୍ରରେ ଆସୁଥିବା ସୁଯୋଗଗୁଡ଼ିକ ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ଏଆଇକୁ ଏକ ସୁଯୋଗ ଭାବରେ ଦେଖାଯିବା ଉଚିତ ଏବଂ ଭବିଷ୍ୟତର ଅର୍ଥନୀତି ପାଇଁ ଆବଶ୍ୟକ ଦକ୍ଷତାରେ ଲୋକମାନଙ୍କୁ ସମୃଦ୍ଧ କରିବା ପାଇଁ ଅଧିକ ପ୍ରୟାସ କରିବା ଆବଶ୍ୟକ।

## ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଇନସ୍ୟୁରାନ୍ସ ଅନମୋଲ ଅକ୍ଷୟର ଶୁଭାରମ୍ଭ

ମୁମ୍ବାଇ, ୧୧।୬ : ଆର୍ଥିକ ସେବା କମ୍ପାନୀ ଆଦିତ୍ୟ ବିର୍ଲା କ୍ୟାପିଟାଲର ଜୀବନ ବୀମା ସହାୟକ କମ୍ପାନୀ, ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଆଜି ଅନମୋଲ ଅକ୍ଷୟ ଆରମ୍ଭ ଘୋଷଣା କରିଛି। ଏହା ଏକ ସଞ୍ଚୟ-ମୁଖୀ ଅଂଶଗ୍ରହଣକାରୀ ଜୀବନ ବୀମା ଯୋଜନା ଯାହା ଗ୍ରାହକମାନଙ୍କୁ ଜୀବନର ଅନିଶ୍ଚିତତା ବିରୁଦ୍ଧରେ ସେମାନଙ୍କ ପରିବାରକୁ ସୁରକ୍ଷା ଦେବା ସହିତ ଭବିଷ୍ୟତ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି। ଏଥିରେ ପଲିସିଧାରୀମାନେ ସ୍ନାତକ ଅଧ୍ୟୟନ ଏବଂ ବୃତିଗତ ପାଠ୍ୟକ୍ରମ ଠାରୁ ଆରମ୍ଭ କରି ସ୍ନାତକୋତର ଏବଂ କ୍ୟାରିଅର ଆରମ୍ଭ ପର୍ଯ୍ୟନ୍ତ ପିଲାଙ୍କ ଶିକ୍ଷା ଯାତ୍ରାର ପ୍ରମୁଖ ପର୍ଯ୍ୟାୟ ସହିତ ସଂଯୁକ୍ତ ମାଇଲଖୁଂଟ-ଆଧାରିତ ଆୟ ପେ-ଆଉଟ୍ ବାଛିପାରିବେ।ଏହାକୁ ଝିଅର ବିବାହ, ଘର କିଣିବା, ଅବସର ଯୋଜନା ଇତ୍ୟାଦି ଭବିଷ୍ୟତ ଲକ୍ଷ୍ୟ ପାଇଁ ଏକ ମଧ୍ୟମରୁ ଦୀର୍ଘକାଳୀନ କର୍ପସ ସୃଷ୍ଟି କରିବାକୁ ଚାହୁଁଥିବା ଗ୍ରାହକମାନଙ୍କ ପାଇଁ ଡିଜାଇନ୍ କରାଯାଇଛି। ଅନମୋଲ ଅକ୍ଷୟ ଗ୍ରାହକମାନଙ୍କୁ ଅତିରିକ୍ତ ସୁରକ୍ଷା ବୃଦ୍ଧି ଯେପରିକି ଏକ୍ସଟେଣ୍ଡେଡ୍ ଲାଇଫ୍ କଭର ବିକଳ୍ପ ମାଧ୍ୟମରେ ଅତିରିକ୍ତ ନମନୀୟତା ପ୍ରଦାନ କରେ ଯାହା ଗ୍ରାହକମାନଙ୍କୁ ୭୫ କିମ୍ବା ୮୫ ବର୍ଷ ବୟସ ପର୍ଯ୍ୟନ୍ତ ପରିପକ୍ୱତା ପରେ ସେମାନଙ୍କର ଜୀବନ ବୀମା କଭର ଜାରି ରଖିବାକୁ ସକ୍ଷମ କରିଥାଏ।

## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମକ୍ ଡ୍ରିଲ୍

ଭୁବନେଶ୍ୱର,୧୧।୬(ସମିସ): ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ), ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆର୍‌ଏଫ୍) ର ତୃତୀୟ ବାଟାଲିୟନ, ମୁଣ୍ଡଳି ସହିତ ମିଳିତ ଭାବରେ, ପାରାଦୀପ ବନ୍ଦରର ମୁଖ୍ୟ ଅଗ୍ନିଶମ କେନ୍ଦ୍ରରେ ଏକ ବହୁ-ଏଜେନ୍ସି ସମନ୍ୱୟ ମକ୍ ଡ୍ରିଲ୍ କରିଛନ୍ତି। ଏହି ଅଭ୍ୟାସ ପାରାଦୀପ ଏବଂ ଏହାର ଆଖପାଖରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ସଂସ୍ଥା, ଶିଳ୍ପ ୟୁନିଟ୍ ଏବଂ ପାରସ୍ପରିକ ସହାୟତା ଅଂଶୀଦାରଙ୍କ ଜରୁରୀକାଳୀନ ପ୍ରତିକ୍ରିୟା ଦଳଗୁଡ଼ିକୁ ଏକତ୍ର କରିଥିଲା। ଏଥିରେ ଏନ୍‌ଡିଆର୍‌ଏଫ୍‌ର ଟିମ୍ କମାଣ୍ଡର ରମାକାନ୍ତ ଦାଶ, ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ସନତ କୁମାର ପଟେଲ, ସିଆଇଏସ୍‌ଏଫ୍‌ର ଡେପୁଟି କମାଣ୍ଡାଣ୍ଟ ମନୋଜ କୁମାର ଚୌହାନ ଏବଂ ସିଆଇଏସ୍‌ଏଫ୍‌ର ଅଗ୍ନିଶମ ବିଭାଗ ସହକାରୀ କମାଣ୍ଡାଣ୍ଟ ଆକାଶ ଜୟସ୍ୱାଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଞ୍ଜରଭେଟର ଏବଂ ବନ୍ଦର ସୁବିଧା ସୁରକ୍ଷା ଅଧିକାରୀ (ଡିସି ଏବଂ ପିଏଫ୍‌ଏସ୍‌ଓ), ସହକାରୀ ନିର୍ଦ୍ଦେଶକ (ଡକ୍ ସୁରକ୍ଷା), ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀ, ଅଂଶଗ୍ରହଣକାରୀ ଶିଳ୍ପର ପ୍ରତିନିଧି ଏବଂ ବିଭିନ୍ନ ଜରୁରୀକାଳୀନ ପ୍ରତିକ୍ରିୟା ସଂସ୍ଥାର ସଦସ୍ୟମାନେ ଉପସ୍ଥିତ ଥିଲେ।




## ରାକେଶ କୁମାର ଯାଦବ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ନୂଆ ସିଜିଏମ୍

ଭୁବନେଶ୍ୱର,୧୧।୬(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ରାକେଶ କୁମାର ଯାଦବଙ୍କୁ ଏହାର ଭୁବନେଶ୍ୱର ସର୍କଲର ନୂତନ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବରେ ନିଯୁକ୍ତ କରିଛି। ଶ୍ରୀ ଯାଦବ ୨୦୦୦ ମସିହାରେ ବ୍ୟାଙ୍କରେ ପ୍ରୋବେସନାରୀ ଅଫିସର ଭାବରେ ଯୋଗଦେଇଥିଲେ। ୨୬ ବର୍ଷର ବ୍ୟାଙ୍କିଙ୍ଗ୍ କ୍ୟାରିୟରରେ ଶ୍ରୀ ଯାଦବଙ୍କର ଏସ୍‌ବିଆଇର ରିଟେଲ



ଅପରେସନ୍, କର୍ପୋରେଟ୍ କ୍ରେଡିଟ୍, ଏମ୍‌ଏସ୍‌ଏମ୍‌ଇ, ମାନବ ସମ୍ବଳ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ରହିଛି। ଏହି ନିଯୁକ୍ତି ପୂର୍ବରୁ ସେ ଏନ୍‌ଡବ୍ଲ୍ୟୁ-୩,ମହାରାଷ୍ଟ୍ର ସର୍କଲର ମହାପ୍ରବନ୍ଧକ ଭାବରେ କାର୍ଯ୍ୟ କରୁଥିଲେ। ସେ ଓଡ଼ିଶାରେ ୯୩୪ ରୁ ଅଧିକ ଶାଖା ଏବଂ ୧୧୧ ଟି କାର୍ଯ୍ୟାଳୟରେ ଏସ୍‌ବିଆଇର କାର୍ଯ୍ୟ ତଦାରଖ କରିବେ।

# ରାଜ୍ୟ ଖବର

## କେନ୍ଦ୍ରୀୟ ଡେପୁଟେସନରେ ଯିବେ ସ୍ୱାତୀ ଏସ୍



ଭୁବନେଶ୍ୱର,୧୧।୬(ସମିସ): ଓଡ଼ିଶା କ୍ୟାଡରର ୨୦୧୭ ବ୍ୟାଚ୍‌ର ଆଇପିଏସ୍ ସ୍ୱାତୀ ଏସ୍.କୁମାରଙ୍କ କେନ୍ଦ୍ରୀୟ ଡେପୁଟେସନକୁ ମିଳିଛି ଅନୁମୋଦନ। ରାଜ୍ୟ ପୁଲିସ ପକ୍ଷରୁ ତାଙ୍କର ଡେପୁଟେସନ ସଂକ୍ରାନ୍ତ ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ସମ୍ପ୍ରତି ସେ ଓଡ଼ିଶାରେ ଏସ୍‌ଟିଏଫ୍ ଏସ୍‌ପି ଭାବରେ କାର୍ଯ୍ୟ କରୁଛନ୍ତି ଓ ଖୁବ୍ ଶୀଘ୍ର ସେ କେନ୍ଦ୍ରୀୟ ଇଣ୍ଟେଲିଜେନ୍ସ ବ୍ୟୁରୋର ଉପନିର୍ଦ୍ଦେଶକ ପଦରେ ଯୋଗଦେବେ। ସେ ବିଭିନ୍ନ ଜିଲ୍ଲା ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ କାମ କରି ନିଜର ପ୍ରଶାସନିକ ଦକ୍ଷତାର ପ୍ରମାଣ ଦେଇଛନ୍ତି। ବିଶେଷକରି ଅପରାଧ ନିୟନ୍ତ୍ରଣ, ଗୁପ୍ତ ତଦନ୍ତ ଏବଂ ସଂଗଠିତ ଅପରାଧ ବିରୋଧୀ କାର୍ଯ୍ୟକଳାପରେ ତାଙ୍କ ଅବଦାନ ଉଲ୍ଲେଖନୀୟ ରହିଛି।

## ରାଜଧାନୀରେ ବିଏଲ୍‌ଓଙ୍କୁ ଆକ୍ରମଣ, ଥାନାରେ ଏତଲା

ଭୁବନେଶ୍ୱର, ୧୧।୬(ସମିସ): ଏସ୍‌ଆଇଆର୍ ପ୍ରକ୍ରିୟାରେ ସାମିଲ ଥିବା ଜଣେ ବିଏଲ୍‌ଓ ଅଯୋଧ୍ୟା ନାରାୟଣ ମହାନ୍ତିଙ୍କୁ ଗୁରୁବାର ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ସେ ଭୁବନେଶ୍ୱର ୱାର୍ଡ ନମ୍ବର-୩୫ ବୁଥ୍ ନମ୍ବର ୧୦୩ରେ ସେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ କରୁଥିଲେ। କାଗଜପତ୍ର ଯାଞ୍ଚ କରିବାକୁ ଘରକୁ ଘର ବୁଲୁଥିଲେ। ଏହି ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କିଛି ବ୍ୟକ୍ତିବିଶେଷ ଉତ୍କ୍ଷିପ୍ତ ହୋଇଥିଲେ। ବିଏଲ୍‌ଓଙ୍କୁ ସେମାନେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି, ତାଙ୍କ କାଗଜପତ୍ର ମଧ୍ୟ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଏନେଇ ବିଏଲ୍‌ଓ ଶ୍ରୀ ମହାନ୍ତି ଖାରବେଳନଗର ଥାନାରେ ଅଭିଯୋଗ କରିବା ସହ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଛନ୍ତି।

## ୮ ଦିନ ଧରି ଯନ୍ତାରେ ନରହନ୍ତା ଦନ୍ତା

ବାରିପଦା, ୧୧।୬ (ସମିସ): ୮ ଦିନ ଧରି ଯନ୍ତାରେ ନରହନ୍ତା ଦନ୍ତା। ସପ୍ତାହେ ତଳେ ଅନୁଗୋଳ ସଦର ରେଞ୍ଜରୁ ଶିମିଳିପାଳକୁ ସ୍ଥାନାନ୍ତର ହୋଇ ଆସିଥିବା ନରହନ୍ତା ହାତୀ ଏବେ ମଧ୍ୟ କ୍ରାଲ୍ (କାଠ ଯନ୍ତା)ରେ ରହିଛି। ଗତ ଶୁକ୍ରବାରଠାରୁ ହାତୀକୁ ଶିମିଳିପାଳର ତାଳବନ୍ଧ ବନ୍ୟପ୍ରାଣୀ ରେଞ୍ଜର କାନଛିଣ୍ଡା ଉଦ୍ଧାର କେନ୍ଦ୍ର କ୍ରାଲ୍‌ରେ ସୁରକ୍ଷିତ ଭାବେ ରଖାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚନ୍ଦ୍ର ଗୋଗିନେନୀ କହିଛନ୍ତି ଯେ ପ୍ରତିଦିନ ହାତୀର ଆଚରଣ ଉପରେ ନଜର ରଖାଯାଉଛି। ଖାଦ୍ୟ, ପାଣି ଏବଂ ଆବଶ୍ୟକ ସେବା ପ୍ରଦାନ କରାଯାଉଛି।

# ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର, ପୁଲିସର ମାଡ଼

ମହାକାଳପଡ଼ା, ୧୧।୬ (ସମିସ): ଜଣେ ମହିଳା ସରପଞ୍ଚଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଦୁର୍ବ୍ୟବହାର, ଗାଳିଗୁଲଜ କରାଯିବା ସହ ପୁଲିସ୍ ତାଙ୍କୁ ମାଡ଼ ମାରିଥିବା ଭଳି ସଙ୍ଗିନ୍ ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ, ରାଜନୈତିକ ଚାପରେ ପୁଲିସ ତାଙ୍କୁ ଓ ତାଙ୍କ ଭାଇଙ୍କୁ ମଧ୍ୟ ଥାନାକୁ ନେଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଥାନାରେ ସେ ଅସୁସ୍ଥ ହୋଇପଡ଼ିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ନେଇ ବ୍ଲକ୍‌ର ଭାରପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ଭେଟିବାକୁ ଯାଇଥିଲେ। ସାଙ୍ଗରେ ତାଙ୍କ ଭାଇ ଥିଲେ। ଦାବି ଜଣାଇବା ସମୟରେ ଚାମେଲି ତମାମ ଘଟଣାକୁ ନିଜ ମୋବାଇଲ ଫୋନ୍‌ରେ ରେକର୍ଡ କରିଥିଲେ। ସେଠାରେ ଉପସ୍ଥିତ ଶାସକ ଦଳର କିଛି କର୍ମୀ ଏହାକୁ ବିରୋଧ କରିଥିଲେ। କିଛି ସମୟ ପାଇଁ ଏହି ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। କିଛି ସମୟ ପରେ ମହାକାଳପଡ଼ା ପୁଲିସ ସେଠାରେ ପହଞ୍ଚି ଚାମେଲିଙ୍କୁ ଭିଡିଓ ବନ୍ଦ କରିବାକୁ କହିଥିଲା। କିନ୍ତୁ, ଭିଡିଓ କରିବା ତାଙ୍କର ସାମ୍ବିଧାନିକ ଅଧିକାର ଓ ତାଙ୍କ ମୋବାଇଲ୍ ସେ କାହିଁକି ଦେବେ ବୋଲି ପ୍ରଶ୍ନ କରିଥିଲେ।



ତେବେ କିଛି ସମୟ ପରେ ଚାମେଲି ବ୍ଲକ୍ ପରିସରରୁ ବାହାରିବା ସମୟରେ ତାଙ୍କ ଭାଇଙ୍କୁ ପୁଲିସ ଅଟକାଇବା ସହ ଥାନାକୁ ନେବାକୁ ପ୍ରୟାସ କରିଥିଲା। କେଉଁ ଆଧାରରେ ତାଙ୍କ ଭାଇକୁ ଅଟକାଯାଉଛି ଓ ଥାନାକୁ ନେବାକୁ କୁହାଯାଉଛି, ସେ ସମ୍ପର୍କରେ ପୁଲିସକୁ ସେ ଜବାବ ମାଗିଥିଲେ। ପୁଲିସ କିଛି ନ କହି ବାରମ୍ବାର ତାଙ୍କ ଭାଇକୁ ଥାନାକୁ ନେବାକୁ ଉଦ୍ୟମ କରିଥିଲା। ଚାମେଲିଙ୍କ ଦୀର୍ଘ ସମୟ ପ୍ରତିବାଦ ପରେ ଶେଷରେ ଘଟଣାସ୍ଥଳରେ ପହଞ୍ଚିଥିଲେ ମହାକାଳପଡ଼ା ଥାନା ଅଧିକାରୀ

- ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି
- ସରପଞ୍ଚ ସଂଘର ତୀବ୍ର ପ୍ରତିକ୍ରିୟା
- ଆସନ୍ତାକାଲିଠାରୁ ସରକାରୀ କାର୍ଯ୍ୟରେ କରିବେ ଅସହଯୋଗ

ମାନସ ମଲ୍ଲିକ। ଚାମେଲି ଓ ଶ୍ରୀ ମଲ୍ଲିକଙ୍କ ମଧ୍ୟରେ ମଧ୍ୟ କଥା କଟାକଟି ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଚାମେଲିଙ୍କ ଭାଇକୁ ପୁଲିସ ଥାନାକୁ ଉଠାଇନେବା ପରେ ଚାମେଲିଙ୍କୁ ମଧ୍ୟ ଥାନାକୁ ନେଇଥିଲା ପୁଲିସ। ତାଙ୍କୁ ନେବା ସମୟରେ ତାଙ୍କ ଫୋନ୍‌କୁ ମହିଳା ପୁଲିସ ଛଡ଼ାଇବାକୁ ଉଦ୍ୟମ କରିଥିବା ମଧ୍ୟ ସେ ଜଣାଇଛନ୍ତି। ଆରମ୍ଭରୁ ଥାନାକୁ ଯିବା ପର୍ଯ୍ୟନ୍ତ ସେ ସମସ୍ତ ଘଟଣାବଳୀକୁ ଲାଇଭ୍ ମାଧ୍ୟମରେ ରହି ସମସ୍ତଙ୍କୁ ତାଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ସ୍ୱର ଉଠାଇବା ସହ ସହଯୋଗ ପାଇଁ ନିବେଦନ କରୁଥିବା ସେ ଜଣାଇଛନ୍ତି। ଥାନାରେ ସେ କିଛି ସମୟ ରହିବା ପରେ ତାଙ୍କୁ ହଠାତ୍ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତାଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେଉଥିବା ସେ କହିଥିଲେ। ପୁଲିସ କର୍ମଚାରୀ ତାଙ୍କ ମୋବାଇଲ୍ ଛଡ଼ାଇ ନେଇଯାଇଥିବା ଓ ତାଙ୍କୁ ଆକ୍ରମଣ କରିଥିବା ମଧ୍ୟ ସେ କହିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଉପରେ ହୋଇଥିବା ନିର୍ଯାତନାର ନ୍ୟାୟ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଛନ୍ତି। ଚାମେଲିଙ୍କ ଉପରେ ହୋଇଥିବା ଘଟଣାରେ ପୁଲିସ ଓ ପ୍ରଶାସନକୁ ଦୃଢ଼ ନିନ୍ଦା କରାଯାଇଛି।

ଅପରପକ୍ଷେ, ଏହି ଘଟଣାକୁ ନେଇ ସରପଞ୍ଚ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏହାର ପ୍ରତିବାଦରେ ଆସନ୍ତାକାଲିଠାରୁ ସରପଞ୍ଚମାନେ କୌଣସି ସରକାରୀ କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହାସହ ସରପଞ୍ଚ ସଂଘର ଏକ ପ୍ରତିନିଧିଦଳ ଆସନ୍ତାକାଲି ଚାମେଲିଙ୍କୁ ଭେଟିବା ପରେ ଆଗାମୀ କାର୍ଯ୍ୟପନ୍ଥା ଉପରେ ସ୍ଥିର କରାଯିବ ବୋଲି ସଂଘ ଜଣାଇଛି।

## ସିବିଆଇ ପଞ୍ଝାରେ ଏମ୍‌ସିଏଲ୍ ସିକ୍ୟୁରିଟି ଇନ୍ସପେକ୍ଟର୍

**ରବିବାର ଡ୍ୟୁଟି ଦେବାକୁ ୫ ହଜାର ଲାଞ୍ଚ ମାଗୁଥିଲେ**

ଭୁବନେଶ୍ୱର ୧୧।୬ (ସମିସ): ରବିବାର ଡ୍ୟୁଟି ଦେବା ପାଇଁ ୫ହଜାର ଟଙ୍କା ଲାଞ୍ଚ ମାଗିବା ଅଭିଯୋଗରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍(ଏମ୍‌ସିଏଲ୍)ର ଜଣେ ସିକ୍ୟୁରିଟି ଇନ୍ସପେକ୍ଟରଙ୍କୁ ସିବିଆଇ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ, ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରସ୍ଥିତ ଏମ୍‌ସିଏଲ୍‌ର ଓରିଏଣ୍ଟ ଏରିଆରେ କାର୍ଯ୍ୟରତ। ସିବିଆଇ ପ୍ରେସ୍ ବିବୃତି ଅନୁଯାୟୀ, ଜଣେ ଏମ୍‌ସିଏଲ୍ କର୍ମଚାରୀଙ୍କ ଅଭିଯୋଗ ଆଧାରରେ ଗତ ୧୧ ତାରିଖରେ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗକାରୀଙ୍କୁ ରୋଟେସନାଲ୍ ଭିତ୍ତିରେ ରବିବାର ଡ୍ୟୁଟି ଦେବାକୁ ସିକ୍ୟୁରିଟି ଇନ୍ସପେକ୍ଟର୍‌ଜଣଙ୍କ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗ ପାଇବା ପରେ ତାଙ୍କୁ ଧରିବା ପାଇଁ ସିବିଆଇ ଜାଲ ବିଛାଇଥିଲା। ଅଭିଯୁକ୍ତ ଇନ୍ସପେକ୍ଟର ଅଭିଯୋଗକାରୀଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ଆସନ୍ତାକାଲି କୋର୍ଟରେ ହାଜର କରାଯିବ ବୋଲି ଜଣାଯାଇଛି।

## ବାଲିଅନ୍ତା ଭିଡ଼ ହତ୍ୟା ମାମଲା

# ସିବିଆଇ ତଦନ୍ତ ଦାବି ଦୋହରାଇଲେ ସୌମ୍ୟଙ୍କ ମା'

ଭୁବନେଶ୍ୱର ୧୧।୬ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ରାଜ୍ୟ ପୁଲିସ ହାତରେ ତଦନ୍ତ ଭାର ରହିଲେ ଆଦୌ ନ୍ୟାୟ ମିଳିବନି ବୋଲି ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ପରିବାରଲୋକେ ପ୍ରଥମ ଦିନରୁ ସନ୍ଦେହ କରି ଆସୁଥିଲେ। କମିଶନରେଟ୍ ପୁଲିସ ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଭାର ସମ୍ଭାଳିଲା। କ୍ରାଇମ୍‌ବ୍ରାଞ୍ଚର କାର୍ଯ୍ୟଶୈଳୀ ନେଇ ପୁଣି ସୌମ୍ୟଙ୍କ ପରିବାର ଲୋକେ ମୁଖର ହୋଇ ଉଠିଛନ୍ତି। ତଦନ୍ତ ନୁହେଁ, ଏହା ଏଡିଜିଙ୍କୁ ବଞ୍ଚାଇବାକୁ ଏକ ବଡ଼ ଷଡ଼ଯନ୍ତ୍ର ବୋଲି ମୃତ ସୌମ୍ୟଙ୍କ ମା' କବିତା ସ୍ୱାଇଁ ସିଧାସଳଖ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଏଣୁ, ସୌମ୍ୟ ହତ୍ୟାକାଣ୍ଡର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବାକୁ ତାଙ୍କ ମା' ଗୁରୁବାର ପୁନର୍ବାର ଦାବି କରିଛନ୍ତି।

ଏହା ମଧ୍ୟରେ ସୌମ୍ୟଙ୍କ ମା'ଙ୍କ କ୍ରାଇମ୍‌ବ୍ରାଞ୍ଚ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି।

**ମୁଖ୍ୟ କାର୍ପଟଦାରଙ୍କୁ ଖସାଇବାକୁ ଷଡ଼ଯନ୍ତ୍ର ଅଭିଯୋଗ**

ସୌମ୍ୟଙ୍କ ମୃତ୍ୟୁକୁ ଏକ ମାସରୁ ଅଧିକ ସମୟ ବିତିଗଲାଣି। ହେଲେ ହତ୍ୟାକାଣ୍ଡରେ ସାମିଲ୍ ଥିବା ସମସ୍ତ ଅଭିଯୁକ୍ତ ଏପର୍ଯ୍ୟନ୍ତ ଧରାପଡ଼ିନାହାନ୍ତି। ଅନେକଙ୍କ ଭୂମିକା ଏବେ ବି ସନ୍ଦେହ ଘେରରେ ରହିଛି। ଏହି ହତ୍ୟାକାଣ୍ଡର ମୁଖ୍ୟ କାର୍ପଟଦାରଙ୍କ ପାଖରେ ପହଞ୍ଚିବ କଣ ଓଲଟା ତାଙ୍କୁ କ୍ରାଇମ୍‌ବ୍ରାଞ୍ଚ ସବୁ ପ୍ରକାର ସୁରକ୍ଷା ଦେଉଛି। ସେପଟେ, କ୍ରାଇମ୍‌ବ୍ରାଞ୍ଚ ଟିମ୍ ତଦନ୍ତ ପାଇଁ ସୌମ୍ୟଙ୍କ ଘରେ କେହି ନଥିଲା ବେଳେ ତାଙ୍କ ଘରର ଗୋଟି ଗୋଟି ଜିନିଷକୁ ଯାଞ୍ଚ କରିଛି। ଏପରିକି, ମୁଡ଼ି ଡବା, ଆଉ ଚା ପତି ଡବାବି ଛାଡ଼ି ନଥିଲେ। ବହୁ ସମୟ ପରେ ସେମାନଙ୍କ କଥାବାର୍ତ୍ତାରୁ ଜଣାପଡ଼ିଥିଲା ଯେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଯାଞ୍ଚ ଆଳରେ ସୌମ୍ୟଙ୍କ ଘରେ ପ୍ରବେଶ କରି ସିରିଞ୍ଜ୍ ଖୋଜିବାକୁ ଚେଷ୍ଟା କରୁଛି। ସିରିଞ୍ଜ୍ ଖୋଜି କ୍ରାଇମ୍‌ବ୍ରାଞ୍ଚ କଣ ପ୍ରମାଣିତ କରିବାକୁ ଚେଷ୍ଟା କରୁଛି ବୋଲି ସୌମ୍ୟଙ୍କ ମା' ପ୍ରଶ୍ନ କରିଛନ୍ତି।



ରଥ ଖଳାରୁ... ରଥ ଉପରକୁ ଉଠିଲା ତୃତୀୟ ଭୂଇଁ

ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା

# ଅଗ୍ନିଶମ ଅଧିକାରୀଙ୍କ ବୟାନ ବଢ଼ାଇଲା ସନ୍ଦେହ

କଟକ, ୧୧।୬ (ସମିସ): କଟକ କାଠଯୋଡ଼ି ନଦୀରୁ ଜୁନ୍ ୪ରେ ଉଦ୍ଧାର ହୋଇଥିବା ଡାକ୍ତର ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ମାମଲାରେ ଏକ ବଡ଼ ଖୁଲାସା ହୋଇଛି। ପୁଲିସ ହସ୍ତଗତ କରିଥିବା ଶବ ବ୍ୟବଚ୍ଛେଦ (ପୋଷ୍ଟମର୍ଟମ) ରିପୋର୍ଟ ଅନୁଯାୟୀ, ପାଣିରେ ବୁଡ଼ି ଅଣନିଃଶ୍ୱାସୀ ହେବା ଯୋଗୁଁ ଚନ୍ଦ୍ରିକାଙ୍କ ପ୍ରାଣହାନି ଘଟିଛି। ରିପୋର୍ଟରେ ହତ୍ୟା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ତେବେ ମୃତଦେହ ଉଦ୍ଧାର କରିଥିବା ଅଗ୍ନିଶମ ବାହିନୀର ବୟାନ ମାମଲାକୁ ଅଧିକ ରହସ୍ୟମୟ କରିଦେଇଛି। ବାରଙ୍ଗ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରକାଶ ପାତ୍ରଙ୍କ କହିବା ଅନୁଯାୟୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁ ତଳେ ମାତ୍ର ଏକରୁ ଦେଢ଼ ଫୁଟ୍‌ର ପାଣି ଥିଲା। ସେହି ଅଳ୍ପ ପାଣିରେ ମୃତଦେହଟି ଏକପାଖିଆ ହୋଇ ଉପରୁଆ ପଡ଼ି ରହିଥିଲା। ଏତେ କମ୍ ପାଣିରେ ଜଣେ ବ୍ୟକ୍ତି କେମିତି ବୁଡ଼ି ପ୍ରାଣ ହରାଇବ, ସେ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି, ପ୍ରାୟ ୪୦ରୁ ୪୫ ଫୁଟ୍ ଉପର ବ୍ରିଜ୍‌ରୁ ଜଣେ ମଣିଷ ପଡ଼ିବା ସତ୍ତ୍ୱେ ଶରୀରରେ କୌଣସି ବାହ୍ୟ କ୍ଷତଚିହ୍ନ ନ ରହିବା ମଧ୍ୟ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ।



ଅନ୍ୟପଟେ, ଚନ୍ଦ୍ରିକାଙ୍କ ପରିବାରଲୋକେ ତାଙ୍କ ପୁରୁଷବନ୍ଧୁ ଭୀମସେନ୍ ଟୁଡୁଙ୍କ ବିରୋଧରେ ହତ୍ୟା ଏବଂ ଆତ୍ମହତ୍ୟା ପାଇଁ ଉସୁକାଇବା ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗ ଆଧାରରେ ମାମଲା ରୁଜୁ କରି ପୁଲିସ ତଦନ୍ତକୁ ଜୋରଦାର କରିଛି। ଏହି ଘଟଣା ପରଠାରୁ ଫେରାର୍ ଥିବା ମୁଖ୍ୟ ଅଭିଯୁକ୍ତ ତଥା ପୁରୁଷବନ୍ଧୁ ଭୀମସେନ୍ ଟୁଡୁଙ୍କୁ ଗିରଫ କରିବା ପାଇଁ ପୁଲିସର ଏକ ବିଶେଷ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଗିରଫଦାରୀ ଏଡ଼ାଇବା ପାଇଁ ଭୀମସେନ୍ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବା ବେଳେ ଏହାକୁ ଜୋରଦାର ବିରୋଧ କରାଯିବ ବୋଲି କଟକ ଡିସିପି ଋଷିକେଶ ଖିଲାରୀ ସୂଚନା ଦେଇଛନ୍ତି। ଡିସିପିଙ୍କ କହିବାନୁଯାୟୀ, ଚନ୍ଦ୍ରିକାଙ୍କ କଲ୍ ଡିଟେଲ୍ସ ସମେତ ସମସ୍ତ ଟେକ୍ନିକାଲ ଡାଟାର ଯାଞ୍ଚ ଚାଲିଛି। ଏହି ଘଟଣାରେ ଯଦି ଅନ୍ୟ କାହାର ସମ୍ପୃକ୍ତି ଥାଏ, ତେବେ ସେମାନଙ୍କ ବିରୁଦ୍ଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅପରପକ୍ଷେ, କାଠଯୋଡ଼ି ନଦୀ ଏବେ ମୃତଦେହ ପୋତିବା କିମ୍ବା ଫୋପାଡ଼ିବା ପାଇଁ ସେଫ୍-ଜୋନ୍ ପାଲଟିଛି କି ବୋଲି ସନ୍ଦେହ ପ୍ରକାଶ ପାଇଲାଣି। ଗତ ମେ’ ୨୧ରେ ବ୍ରାହ୍ମଣୀ ଗାଁ ନିକଟରୁ ଏବଂ ମେ’ ୨୬ରେ ସିଟି କଲେଜ ସମ୍ମୁଖ କାଠଯୋଡ଼ିରୁ ଦୁଇଜଣ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମାତ୍ର ଏଯାଏ ପୁଲିସ ସେହି ଦୁଇଟି ମୃତ୍ୟୁ ମାମଲାର ବ୍ୟବଚ୍ଛେଦ ରିପୋର୍ଟକୁ ସାର୍ବଜନୀନ କରିନାହିଁ। ପୁରୁଣା ମାମଲାରେ ପୁଲିସର ଏଭଳି ଶିଥିଳତା ଏବଂ ଚନ୍ଦ୍ରିକା ମୃତ୍ୟୁ ମାମଲାର ଜଟିଳତାକୁ ଦେଖିଲେ, ପୁଲିସ୍ ନିରପେକ୍ଷ ଓ ତ୍ୱରିତ ତଦନ୍ତ କରି ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ଜରୁରୀ ହୋଇପଡ଼ିଛି।

# କାନ୍ତକବିଙ୍କ ନାତି ବାଣୀକଲ୍ୟାଣ ମହାପାତ୍ରଙ୍କ ପରଲୋକ

ତିହିଡ଼ି/ଦୋଳସାହି,୧୧।୬(ସମିସ): କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି, ବିଶିଷ୍ଟ ସମାଜସେବୀ, ଐତିହାସିକ କାଳିମେଘା ମେଳଣ କମିଟି ସଭାପତି ତଥା କାନ୍ତକବି ସ୍ମୃତି ସଂସଦର ସଭାପତି ବାଣୀକଲ୍ୟାଣ ମହାପାତ୍ରଙ୍କ ବୁଧବାର ରାତି ସାଢ଼େ ୩ଟାରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ଗତ କିଛି ବର୍ଷ ହେବ ସେ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ।



ସେ ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ବିଭିନ୍ନ ସଂଗଠନ ଜଡ଼ିତ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। କୁଳଦେବତା ଶ୍ରୀଗୋପୀନାଥଜୀଉଙ୍କ ସେବକ ଭାବେ ଜୀବନର ଶେଷ ଯାଏଁ ଦାୟିତ୍ୱ ତୁଲାଇ ଆସିଥିଲେ। ପରୋକ୍ଷ ରାଜନୀତିରେ ଜଡ଼ିତ ରହିଥିଲେ ହେଁ ତାଙ୍କର ଯଥେଷ୍ଟ ଲୋକପ୍ରିୟତା ଥିଲା। ସେ ୨୦୦୦ ମସିହାରୁ ଅଦ୍ୟାବଧି କାଳିମେଘା ମେଳଣ କମିଟିର ସଭାପତି ପଦ ସହ ଗୋପୀନାଥଜୀଉ ପାଣି ପଞ୍ଚାୟତର ସଭାପତି ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବିଷ୍ଣୁବ୍ରତ ରାଉତରା, ତିହିଡି ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ଯୁବନେତା ସଂଗ୍ରାମ କେଶରୀ ଦାସ, ଭଦ୍ରକ ଓକିଲ ସଂଘ ସଭାପତି ଅରୁଣ ଚାନ୍ଦ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମାଜସେବୀ ସୁରେଶ ମହାନ୍ତି, ଡ. ସଞ୍ଜୟ ଦାସ, ଶିକ୍ଷାବିତ୍ ସୌରେଶ ମହାନ୍ତି, ସମୀର ହୁଇ, ବରିଷ୍ଠ ବଜେପି ନେତା ଦୀନବନ୍ଧୁ ପତି, କାଳିମେଘା ମେଳଣ କମିଟି ସମ୍ପାଦକ ଗଣେଶ ନାୟକ, ତାଳପଦା ସରପଞ୍ଚ ଜୟଶ୍ରୀ ବେହେରା, ସମିତିସଭ୍ୟ ଚିନ୍ତାମଣି ଦାସ, ବିଜେପି ନେତା କ୍ଷୀରୋଦ ମିଶ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ କାଜଲ ମହାପାତ୍ର, ବଡ଼ଭାଇ ଦୈନିକ ‘ସମୟ’ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର, ଅବସରପ୍ରାପ୍ତ କେନ୍ଦ୍ର ଶ୍ରମାୟୁକ୍ତ ଗୋପୀକଲ୍ୟାଣ ମହାପାତ୍ର, ଆଇନଜୀବୀ ଜ୍ୟୋତିପ୍ରକାଶ ମହାପାତ୍ର, ସତ୍ୟପ୍ରକାଶ ମହାପାତ୍ର, ଆଇନଜୀବୀ ପ୍ରେମକଲ୍ୟାଣ ମହାପାତ୍ର, ନାମକଲ୍ୟାଣ ମହାପାତ୍ର, ସାମ୍ବାଦିକ ଉମାକଲ୍ୟାଣ ମହାପାତ୍ର, କୌଶିକ, ପୁଲକ, ସତ୍ୟବ୍ରତ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ପୁଅ ପ୍ରପନ୍ନ ପାରିଜାତ ମହାପାତ୍ର (ପ୍ରସାଦ) ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠ ପୁତ୍ର ପ୍ରଜ୍ଞା ପ୍ରଜ୍ୱଳିତ ମହାପାତ୍ର ଉପସ୍ଥିତ ଥିଲେ।

# ଓସିଏସ୍ ପରୀକ୍ଷାରେ କପି ପଛରେ ବଡ଼ ରାକେଟ୍

କଟକ,୧୧।୬(ସମିସ): ମୋବାଇଲ୍ ଓ ଇୟର-ବଡ୍ ମାଧ୍ୟମରେ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାରେ ଜଣେ ପରୀକ୍ଷାର୍ଥୀ କପି କରିବା ଘଟଣାରେ ଅତି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଏହା ପଛରେ କଟକ ସିଡିଏସ୍ଥିତ ଏବିଆଇଟି ଇଞ୍ଜିନିୟରିଂ କଲେଜର ଏକ



- ଆଲେକ୍ସ ସହ ଏବିଆଇଟିର ପରୀକ୍ଷା ପରିଚାଳକଙ୍କ ରହିଥିଲା ସୁ-ସମ୍ପର୍କ!
- ବାଦାମବାଡ଼ି କୋଚିଂ ସେଣ୍ଟର୍‌ରୁ ଯୋଗାଉଥିଲା ଛାତ୍ରଛାତ୍ରୀ
- ନେଉଥିଲା ଲକ୍ଷାଧିକ ଟଙ୍କାର କମିସନ୍
- ଓସିଏସ୍ ପରୀକ୍ଷାରେ ଏସ୍‌ଓପି ପାଳନ ହୋଇନଥିବା ଅଭିଯୋଗ

ବଡ଼ ରାକେଟ୍‌ର ସଂପୃକ୍ତି ଥିବା କୁହାଯାଉଛି। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଆଲେକ୍ସରାଜ ପାଣି ହିଁ ରାକେଟ୍‌ର ମାଷ୍ଟରମାଇଣ୍ଡ ଏବଂ ଏବିଆଇଟି କଲେଜ ପରୀକ୍ଷା ପରିଚାଳକଙ୍କ ସହ ତା’ର ଦୀର୍ଘ ବର୍ଷ ଧରି ସୁ-ସଂପର୍କ ରହିଥିବା ଚର୍ଚ୍ଚା ଜୋର୍ ଧରିଛି। ଏପରିକି, ଏବିଆଇଟି କଲେଜରେ ହେଉଥିବା ଟ୍ରେନିଂ ପ୍ଲେସ୍‌ମେଣ୍ଟ୍‌ରେ ସହଯୋଗ କରିବା ପାଇଁ ଆଲେକ୍ସ ବିଭିନ୍ନ ସମୟରେ କଲେଜକୁ ଯାଉଥିଲା। ବାଦାମବାଡ଼ିସ୍ଥିତ କୋଚିଂ ସେଣ୍ଟର୍‌ରୁ ଛାତ୍ରଛାତ୍ରୀଙ୍କୁ ନେଇ ଏବିଆଇଟି କଲେଜରେ ପାଠ ପଢ଼ିବା ନିମନ୍ତେ ଭର୍ତ୍ତି କରାଉଥିଲା। ଏ ବାବଦରେ ଛାତ୍ରଛାତ୍ରୀଙ୍କଠାରୁ ମୋଟା ଅଙ୍କର କମିସନ ନେଉଥିଲା। ଏସବୁ କାରବାର ଭିତରେ କଲେଜର ଆଡମିସନ୍ ଇନଚାର୍ଜ ତଥା ପରୀକ୍ଷା ପରିଚାଳକଙ୍କ ସହିତ ତାର ସମ୍ପର୍କ ନିବିଡ଼ ହୋଇଥିଲା ବୋଲି କୁହାଯାଉଛି। ଏହାର ସୁଯୋଗ ନେଇ ଆଲେକ୍ସ ଓସିଏସ୍ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀ ଅଭିଷେକ ରାଉତ (୨୯)ଙ୍କୁ କପି କରିବାରେ ସହଯୋଗ କରିବା ସହ ତାଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏବେ ଏସବୁ ଦିଗକୁ ପୁଲିସ ତଦନ୍ତ ପରିସରଭୁକ୍ତ କରିଛି।

ଅନ୍ୟପଟେ, ଓସିଏସ୍ ପରୀକ୍ଷାରେ ଏସ୍‌ଓପି ପାଳନ କରାଯାଇନଥିବା ଚର୍ଚ୍ଚାର ବିଷୟ ହୋଇଛି। ଏବିଆଇଟି ପରୀକ୍ଷା କେନ୍ଦ୍ରରେ ହେଉଥିବା ପରୀକ୍ଷାରେ ପରୀକ୍ଷା ନିରୀକ୍ଷକମାନେ କପି ସଂକ୍ରାନ୍ତରେ କେମିତି ଜାଣିପାରିଲେ ନାହିଁ? ପରୀକ୍ଷାରେ ପ୍ରବେଶ ଗେଟ୍ ନିକଟରେ ମେଟାଲ୍ ଓ ହ୍ୟାଣ୍ଡ ଡିଟେକ୍ଟର ଯାଞ୍ଚ ହୋଇଥିଲା କି ନାହିଁ? ଜଣେ ସାଧାରଣ ପରୀକ୍ଷାର୍ଥୀ କେମିତି ପରୀକ୍ଷା ହଲ୍‌କୁ ମୋବାଇଲ୍ ଓ ଇୟର୍-ବର୍ଡ ନେଲେ, ସେ ସଂପର୍କରେ ମର୍କତନଗର ଥାନା ପୁଲିସ ଖୋଳତାଡ଼ କରୁଛି।

ଏହି ଘଟଣାରେ ରାଜ୍ୟ ସରକାର କଟକ ଜିଲ୍ଲାପାଳଙ୍କୁ ରିପୋର୍ଟ ମାଗିଛନ୍ତି। ଏଭଳି ସାଂଘାତିକ ତ୍ରୁଟି ସାମ୍ନାକୁ ଆସିବା ପରେ ଓପିଏସ୍‌ସି ସଚିବଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ମଧ୍ୟ ଏକ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି।

ସୂଚନାନୁଯାୟୀ, ଗତ ରବିବାର ଅନୁଷ୍ଠିତ ଓସିଏସ୍ ପରୀକ୍ଷାର ଏବିଆଇଟି ଇଞ୍ଜିନିୟରିଂ କଲେଜ କେନ୍ଦ୍ରରେ ଅନିୟମିତତା ପରିଲକ୍ଷିତ ହୋଇଥିଲା। ଅଭିଷେକ ରାଉତ ନାମକ ଜଣେ ପରୀକ୍ଷାର୍ଥୀ ମୋବାଇଲ୍ ଓ ଇୟର-ବର୍ଡ ମାଧ୍ୟମରେ କପି କରୁଥିବା ବେଳେ ଧରାପଡ଼ିଥିଲେ। ଏହାସହ ବାହାରେ ରହି ତାଙ୍କୁ ସହଯୋଗ କରୁଥିବା ସୌମ୍ୟରଞ୍ଜନ ସାହୁ ଓ ରୂପେଶ ଝା’ ଏବଂ ଆଲେକ୍ସରାଜ୍ ପାଣିଙ୍କୁ ମଧ୍ୟ ପୁଲିସ ଗିରଫ କରିଥିଲା। ବର୍ତ୍ତମାନ ସେମାନେ ଚୌଦ୍ୱାର ଜେଲ୍‌ରେ ରହିଛନ୍ତି।

# ଦୁଷ୍କର୍ମ ଉଦ୍ୟମ କରି କନେଷ୍ଟବଳ ଗିରଫ

କଟକ, ୧୧।୬ (ସମିସ): କ୍ୟାଣ୍ଟନ୍‌ମେଣ୍ଟ ଥାନା ପୁଲିସ କଟକ ଗ୍ରାମାଞ୍ଚଳ ଏସପିଙ୍କ ରିଜର୍ଭ ଅଫିସ (ଆରଓ)ରେ ଜଣେ ମହିଳା ସଫେଇ କର୍ମଚାରୀଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଜଣେ କନେଷ୍ଟବଳଙ୍କୁ ଗିରଫ କରିଛି। ଅଭିଯୁକ୍ତଜଣଙ୍କ ହେଲା, କଟକ ଜିଲ୍ଲା ବଡ଼ମ୍ବାର ପରେଶ ସାମଲ (୪୬)। ଆରଓରେ କାର୍ଯ୍ୟରତ ଏହି ପୁଲିସ କନଷ୍ଟେବଳ ମହିଳା ସଫେଇ କର୍ମଚାରୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଘଟଣା ସାମ୍ନାକୁ ଆସିବା ପରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନାନୁଯାୟୀ, ଏକ ଘରୋଇ ଠିକା ସଂସ୍ଥାରେ ସୁଇପର ଥିବା ଜଣେ ୫୦ ବର୍ଷୀୟା ମହିଳା ଗତକାଲି ସକାଳ ପ୍ରାୟ ୫ଟା ବେଳେ ଆରଓ ଅଫିସରେ ଝାଡୁ ମାରୁଥିଲେ। ଏହି ସମୟରେ ରାତି ଡ୍ୟୁଟିରେ ଥିବା ପରେଶ ସେଠାରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ମହିଳାଜଣଙ୍କ ପାଟି କରିବାରୁ ଅନ୍ୟ ସଫେଇ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ସେମାନେ କନଷ୍ଟେବଳଙ୍କୁ ଧରିବା ସହ ଘଟଣା ସମ୍ପର୍କରେ ସମ୍ପୃକ୍ତ ପୀଡ଼ିତା କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ସେଠାରେ ପହଞ୍ଚି କନଷ୍ଟେବଳ ପରେଶକୁ କାବୁ କରିଥିଲା। ଗିରଫଦାରୀ ସମ୍ପର୍କରେ ଗ୍ରାମାଞ୍ଚଳ ଏସପିଙ୍କୁ ଅବଗତ କରାଯାଇଥିବା ବେଳେ ପରବର୍ତ୍ତୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଜିଲ୍ଲା ଏସପିଙ୍କ ପକ୍ଷରୁ ଗ୍ରହଣ କରାଯିବା ନେଇ ସୂଚନା ମିଳିଛି।

# ଛଉନୃତ୍ୟ ଗୁରୁ ପାଗୁଲୁ ଜେନାଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ

ବାରିପଦା,୧୧।୬(ସମିସ): ପୁଣିଥରେ ମୟୂରଭଞ୍ଜ ଛଉ ନୃତ୍ୟକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିଛି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପାଇଁ ଛଉ ନୃତ୍ୟଗୁରୁ ପାଗୁଲୁ ଜେନାଙ୍କ ନାମ ଘୋଷଣା ହୋଇଛି। ନୃତ୍ୟ, ସଙ୍ଗୀତ, ନାଟକ କ୍ଷେତ୍ରରେ ଦିଆଯାଉଥିବା ଦେଶର ଏହି ସର୍ବୋଚ୍ଚ ସମ୍ମାନ ତାଙ୍କୁ ବର୍ଷ ୨୦୨୫ ପାଇଁ ମିଳିବ। ଏନେଇ ବୁଧବାର ଘୋଷଣା କରାଯାଇଛି। ବାରିପଦା ସହରର ଯମୁନାଦେଇପୁର ନିବାସୀ ଶ୍ରୀ ଜେନାଙ୍କ ପିଲା ବେଳୁ ଛଉନୃତ୍ୟ ପ୍ରତି ରୁଚି ରହିଥିଲା। ଗତ ୪ ଦଶନ୍ଧି ଧରି ସେ ଛଉ ନୃତ୍ୟ କରିଆସୁଛନ୍ତି। ସେ ଦେଶର ବିଭିନ୍ନ ସ୍ଥାନରେ ନୃତ୍ୟ ପ୍ରଦର୍ଶନ କରି ଆସିଥିବା ବେଳେ ଭାରତ ବାହାରେ ୫ଗୋଟି ଦେଶରେ ମଧ୍ୟ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସା ସାଉଁଟି ପାରିଛନ୍ତି।



ସେ ବାରିପଦାସ୍ଥିତ ଦକ୍ଷିଣସାହି ଛଉନୃତ୍ୟ ମନ୍ଦିର ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରିଆସିଥିଲେ। ଜିଲ୍ଲାର ଅନେକ ଗ୍ରାମାଞ୍ଚଳ ଛଉନୃତ୍ୟ ଦଳଗୁଡ଼ିକର ଗୁରୁ ଭାବେ ସେ ବହୁ ନୂତନ ନୃତ୍ୟ ସଂରଚନା କରି ଆସିଛନ୍ତି। ମୟୂରଭଞ୍ଜ ଛଉ ନୃତ୍ୟର ସଂରକ୍ଷଣ ସାଙ୍ଗକୁ ଏହାର ହୃତ୍ ଗୌରବକୁ ପୁନଃସ୍ଥାପିତ କରିବା ପାଇଁ ବିଗତ ୨୦୧୬ରେ ଆରମ୍ଭ ହୋଇଥିବା ‘ପ୍ରୋଜେକ୍ଟ ଛାଉଣୀ’ ସହ ସେ ପ୍ରଥମରୁ ହିଁ ସମ୍ପୃକ୍ତ ଅଛନ୍ତି। ଶ୍ରୀ ଜେନା ଏବେ ପ୍ରୋଜେକ୍ଟ ଛାଉଣୀର ପ୍ରମୁଖ ଗୁରୁ ତଥା କେନ୍ଦ୍ର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହା ସାଙ୍ଗକୁ ଜାତୀୟ ଛଉ କେନ୍ଦ୍ରର ଉପଦେଷ୍ଟା ଓ କେନ୍ଦ୍ର ସଂସ୍କୃତି ବିଭାଗର ବିଭିନ୍ନ କମିଟିର ସଦସ୍ୟ ଅଛନ୍ତି।

୨୯ରେ ଦେବସ୍ନାନ ପୂର୍ଣ୍ଣିମା

# ହାତୀବେଶ ପାଇଁ ଚାଲିଛି ପ୍ରସ୍ତୁତି

ପୁରୀ, ୧୧।୬ (ସମିସ): ଆସନ୍ତା ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ଏହି ଦିନ ହାତୀବେଶ (ଗଜାନନ ବେଶ) ଧାରଣ କରିବେ ମହାପ୍ରଭୁ। ସ୍ନାନ ଓ ଛେରାପହଁରା ନୀତି ସମ୍ପନ୍ନ ପରେ ହାତୀବେଶରେ ସଜେଇ ହେବେ ଶ୍ରୀଜୀଉ। ତେଣୁ କାରିଗରଙ୍କ ଦ୍ୱାରା ଏହି ବେଶ ନିର୍ମାଣ ଚାଲିଛି। ରାଘବ ଦାସ ମଠ ଶ୍ରୀଜଗନ୍ନାଥ ଓ ମା’ ସୁଭଦ୍ରାଙ୍କ ପାଇଁ ଏବଂ ଗୋପାଳତୀର୍ଥ ମଠ ଶ୍ରୀବଳଭଦ୍ର ଓ ଶ୍ରୀସୁଦର୍ଶନଙ୍କ ପାଇଁ ହାତୀବେଶ ଯୋଗାଇ ଆସୁଛନ୍ତି। ଶ୍ରୀବଳଭଦ୍ର ଧଳା ହାତୀ ବେଶ ଏବଂ ଶ୍ରୀଜଗନ୍ନାଥ କଳାହାତୀ ବେଶ ଧାରଣ କରିଥା’ନ୍ତି।

ବେଶ ପ୍ରସ୍ତୁତି ସମ୍ପର୍କରେ ଶିଳ୍ପୀ ବସନ୍ତ ରଣା କୁହନ୍ତି, ହାଣ୍ଡିଆ, ତରାଶ, ଆଡକାନି, ଚନ୍ଦ୍ରସୂର୍ଯ୍ୟ, ଦୁଇଟି କାନ, ଥୋଡ, ଅଧର, ଦୁଇଟି ଦାନ୍ତ, ଚିତା, ନାକଚଣା ଏବଂ ତିଳକ ଆଦି ଲଗାଯାଇ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ବେଶ ହୋଇଥାଏ। ସେହିପରି ତରାଶ, ଛତି, ତଡ଼କି, ଚିତା ଓ ନାକଚଣା ଆଦି ଆଭୂଷଣ ସୁଭଦ୍ରାଙ୍କୁ ଲଗି ହେଉଥିବା ବେଳେ ସୁଦର୍ଶନଙ୍କୁ ଫୁଲଚୂଳ ଓ ନୀଳଚକ୍ର ଆଦି ଲାଗିଥାଏ। କନା, ଭେଲ୍‌ଭେଟ କନା, କଟକ କନା, ଜରି, ଶୋଲ, କଦଳୀ ପଟୁକା ଓ କଇଁଥ ଅଠା ଆଦି ବ୍ୟବହାର କରି ଏହି ବେଶ ପ୍ରସ୍ତୁତ ହୋଇଥାଏ। ବେଶ ପ୍ରସ୍ତୁତି ଲାଗି ଧଳା, କଳା, ନାଲି, ହଳଦିଆ ଏବଂ ନେଳି ରଙ୍ଗର ପ୍ରାୟ ୨୦ରୁ ୩୦ ମିଟର କନା ଆବଶ୍ୟକ ହୋଇଥାଏ। ପ୍ରଥମେ କଦଳୀ ପଟରେ ଫ୍ରେମ ତିଆରି ହୋଇ ତା’ପରେ କଳା, ଜରି, ଭେଲ୍‌ଭେଟ ଓ ଅନ୍ୟାନ୍ୟ ସାଜସଜ୍ଜା କରାଯାଇଥାଏ। ଦରଜି, ଚିତ୍ରକର, ଶୋଲ କାରିଗର ମିଶି ଏହି ବେଶ ପ୍ରସ୍ତୁତ କରିଛନ୍ତି।



ହାତୀବେଶ ରଖାଯିବା ନିମନ୍ତେ ବାଉଁଶ ପାତିଆରେ ସ୍ୱତନ୍ତ୍ର ଧରଣର ତାଟ ପ୍ରସ୍ତୁତ ହୋଇଥାଏ। ବେଶ ସମ୍ପୂର୍ଣ୍ଣ ହେବା ପରେ ସ୍ନାନ ପୂର୍ଣ୍ଣିମା ଦିନ ତାଟ ଧୂଆଯାଇ ସଂସ୍କାର କରାଯାଇଥାଏ। ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, କାହାଳୀ, ବଜନ୍ତରୀ ମଠରେ ପହଞ୍ଚିବା ପରେ ତାଟରେ ବେଶ ରଖାଯାଇ ପଣାଭୋଗ ହୋଇଥାଏ। ପରେ ଏହା ଶ୍ରୀମନ୍ଦିରକୁ ଯାଇଥାଏ।

# ୨୧ରେ ନିଟ୍ ପରୀକ୍ଷାର୍ଥୀଙ୍କୁ ସରକାରୀ ବସ୍‌ରେ ମାଗଣା ଯାତ୍ରା

ଭୁବନେଶ୍ୱର,୧୧।୬(ସମିସ): ଚଳିତ ମାସ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ (ୟୁଜି) ପୁନଃପରୀକ୍ଷା-୨୦୨୬ ପାଇଁ ପରୀକ୍ଷାର୍ଥୀଙ୍କୁ ମାଗଣା ବସ୍ ସେବା ପ୍ରଦାନ କରିବେ ରାଜ୍ୟ ସରକାର। ସେହିଦିନ ପରୀକ୍ଷାର୍ଥୀଙ୍କୁ ମାଗଣା ଯାତ୍ରା ସୁବିଧା ଯୋଗାଇ ଦେବାକୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପରିବହନ କମିସନର, ଓଏସଆରଟିସି ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ଚିଠିରେ ଦର୍ଶାଯାଇଛି ଯେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି କ୍ରମେ ଏହି ପଦକ୍ଷେପ ନିଆଯାଇଛି। ମୁଖ୍ୟତଃ ଅଂଶୁଘାତ ଆଶଙ୍କା, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପରୀକ୍ଷାର୍ଥୀଙ୍କ ସୁରକ୍ଷା, ଆର୍ଥିକ ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ସହାୟତା, ଯାତାୟାତ ଖର୍ଚ୍ଚ ବୋଝ ହ୍ରାସ କରିବା ଓ ପରୀକ୍ଷାର୍ଥୀମାନଙ୍କୁ ନିର୍ଦ୍ଧାରିତ ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ସହାୟତା କରିବାକୁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଯାତ୍ରା ପାଇଁ ନିଟ୍ ପୁନଃପରୀକ୍ଷା-୨୦୨୬ ବୈଧ ଆଡମିଟ୍ କାର୍ଡ ଦେଖାଇ ପରୀକ୍ଷାର୍ଥୀମାନେ ମାଗଣା ବସରେ ଯାତ୍ରା କରିପାରିବେ। ଓଡ଼ିଶାର ୧୩୪ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ତେଣୁ ରାଜ୍ୟ ପରିବହନ କମିଶନର ତୁରନ୍ତ ଜିଲ୍ଲା ପ୍ରଶାସନ, ମୋ ବସ୍ ପରିଚାଳନା ସଂସ୍ଥା କ୍ରୁଟ୍ ଓ ଉଚ୍ଚଶିକ୍ଷା ବିଭାଗ ସହ ସମନ୍ୱୟ ରଖି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଏହାକୁ “ଅତି ଜରୁରୀ” ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ

ବାଲିଗୁଡ଼ା,୧୧।୬(ସମିସ): ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ କନ୍ଧମାଳ ପୁଲିସ୍ ବାଲିଗୁଡ଼ା ଥାନା ଅନ୍ତର୍ଗତ ଗଙ୍ଗାପଦର, କୋଡାମାହା, ପାଜିମାହା, ତେଙ୍ଗେରୀ ଓ ବାଲିମାହା ଅଞ୍ଚଳରେ ଛାନଭିନ୍ କରି ଏକାଧିକ ମାଓ ଡମ୍ପ ଠାବ କରିଛି। ଏହି ଡମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ଏସ୍‌ଏଲ୍‌ଆର ରାଇଫଲ, ଦୁଇଟି ଏସବିଜିଏଲ ଗନ୍, ଗୋଟିଏ ଦେଶୀ ୟୁବିଜିଏଲ ଗନ୍, ୩୦ଟି ଇଲେକ୍ଟ୍ରିକ ଡିଟୋନେଟର୍, କୋଡେକ୍ସ ତାର, ୧୦ଟି ଏସବିଜିଏଲ ଗ୍ରେନେଡ, ଏସଏଲଆର ମାଗାଜିନ୍, ୧୬ ରାଉଣ୍ଡ ଗୁଳି, ପୋଷାକ, ଚପଲ, ପ୍ଲାଷ୍ଟିକ ଡ୍ରମ, ଛତା, ଟିଫିନ କ୍ୟାରିଅର, ଔଷଧ କିଟ୍, ପାୱାର୍ ବ୍ୟାଙ୍କ, ବ୍ୟାଟେରୀ, ଚା, ଲୁଣ, ଚିନି ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି।

ଏହି ଅପରେସନ୍‌ରେ ୯ଟି ଏସ୍‌ଓଜି ଟିମ୍ ଏବଂ ଗୋଟିଏ ଡିଭିଏଫ ଟିମ୍ ସାମିଲ ହୋଇଥିଲେ। ସେହିପରି, ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ସମସ୍ତ ସୁରକ୍ଷା ନିୟମ ଅବଲମ୍ବନ କରି ସମ୍ଭାବ୍ୟ ଆଇଇଡି ଯାଞ୍ଚ କରିଥିଲେ। ପୁଲିସ୍ ସୂଚନାନୁଯାୟୀ, ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ସାମଗ୍ରୀ ମାଓବାଦୀ ସଂଗଠନର ଥିଲା।

କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା କନ୍ଧମାଳ ଜିଲ୍ଲାକୁ ମାଓବାଦୀ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରାଯାଇଛି।



ଜାନୁଆରୀ ୨୦୨୫ରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ୧୦ ମାଓବାଦୀ ନିହତ ହୋଇଥିବା ବେଳେ ରାଜ୍ୟ କମିଟି ସଦସ୍ୟ ଶୁକ୍ରୁ ଓ ନିତୁଙ୍କ ସମେତ ୨୪ ମାଓବାଦୀ ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି।

# କେବଳ ପୀଡ଼ିତାଙ୍କ ବୟାନ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ: ହାଇକୋର୍ଟ

କଟକ, ୧୧।୬ (ସମିସ): ଯୌନ ନିର୍ଯାତନା ବିଶେଷକରି ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧ ମାମଲାରେ ଯଦି ପୀଡ଼ିତାଙ୍କ ବୟାନ ବିଶ୍ୱାସଯୋଗ୍ୟ, ସ୍ପଷ୍ଟ ଏବଂ ଦୃଢ଼ ହୋଇଥାଏ, ତେବେ କେବଳ ସେହି ଗୋଟିଏ ସାକ୍ଷ୍ୟ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଡ. ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏକ ପୋକ୍‌ସୋ ମାମଲାର ଶୁଣାଣି କରି ଆବେଦନକାରୀ ଅଭିଯୁକ୍ତ ପ୍ରଶାନ୍ତ କାମିଲାକୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ୫ ବର୍ଷର ଜେଲ ଦଣ୍ଡାଦେଶକୁ କାଏମ ରଖିବା ସହ ଏପରି ରାୟ ପ୍ରକାଶ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ବିଭିନ୍ନ ରାୟକୁ ଆଧାର କରି ହାଇକୋର୍ଟ କହିଛନ୍ତି ଯେ ଯୌନ ଅପରାଧ ମାମଲାରେ ଯଦି ପୀଡ଼ିତାଙ୍କ ବୟାନ ଦୃଢ଼ ହୋଇଥାଏ, ତେବେ ଅନ୍ୟ କୌଣସି ପାର୍ଶ୍ୱପ୍ରମାଣର ଆବଶ୍ୟକତା ପଡ଼ି ନଥାଏ।

କୋର୍ଟ କହିଛନ୍ତି ଯେ ଜଣେ ଶିଶୁ ନିର୍ଯାତନା ପରେ ଭୟ, ଲଜ୍ଜା କିମ୍ବା ଧମକ ଯୋଗୁଁ ପ୍ରାରମ୍ଭରେ ଚୁପ୍ ରହିବା ସମ୍ପୂର୍ଣ୍ଣ ସ୍ୱାଭାବିକ। କିନ୍ତୁ ଏହା ଦ୍ୱାରା ମାମଲା ମିଛ ହୋଇଯାଏନାହିଁ। ଯୌନ ଅପରାଧ କ୍ଷେତ୍ରରେ ଏତଲା ଦାୟର କରିବାରେ ହୋଇଥିବା ବିଳମ୍ବକୁ ସାଧାରଣ ଅପରାଧିକ ମାମଲା ଭଳି କଠୋର ଭାବେ ଦେଖାଯିବା ଉଚିତ ନୁହେଁ। ପରିବାରର ସମ୍ମାନ ଏବଂ ଅଭିଯୁକ୍ତର ଧମକ ଯୋଗୁଁ ଏଭଳି ମାମଲାରେ ବିଳମ୍ବ ଘଟିଥାଏ, ଯାହା ଏଠାରେ ଗ୍ରହଣଯୋଗ୍ୟ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଅକ୍ଟୋବର ୨୧ରେ ଏକ ଘରୋଇ ସ୍କୁଲର ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ୧୨-୧୩ ବର୍ଷର ଛାତ୍ରୀ ପେଟ କାଟିବା ଯୋଗୁଁ ସ୍କୁଲଗାଡ଼ିରେ ଘରକୁ ଫେରୁଥିଲେ। ଗାଡ଼ି ଚାଳକ ପ୍ରଶାନ୍ତ କାମିଲା ନାବାଳିକାଙ୍କୁ ତାଙ୍କ ଘରେ ନଛାଡ଼ି ଏକ ମନ୍ଦିର ନିକଟକୁ ନେଇ ସେଠାରେ ନାବାଳିକାଙ୍କ ସହ ଅସଦାଚରଣ କରିଥିଲା। ଏହାସହ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା। ଏହି ମାମଲାରେ କଟକର ପୋକସୋ ଅଦାଲତ (ଫାଷ୍ଟ ଟ୍ରାକ କୋର୍ଟ) ୨୦୨୪ ଅଗଷ୍ଟ ୨୨ରେ ଅଭିଯୁକ୍ତ ପ୍ରଶାନ୍ତକୁ ପୋକସୋ ଆକ୍ଟର ଧାରା ୮ ଏବଂ ଏସ୍‌ସି/ଏସ୍‌ଟି ଆକ୍ଟ ଅଧୀନରେ ୫ ବର୍ଷର ସଶ୍ରମ କାରାଦଣ୍ଡ ଶୁଣାଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ ଅଦାଲତ ଏହି ଆବେଦନକୁ ଖାରଜ କରିଦେଇଛନ୍ତି।

# ଯୌନ ଉଦ୍ଦେଶ୍ୟ ରଖି ଶାରୀରିକ ସ୍ପର୍ଶ ଅପରାଧ : ହାଇକୋର୍ଟ

କଟକ,୧୧।୬(ସମିସ): ଯୌନ ଉଦ୍ଦେଶ୍ୟ ରଖି ଜଣେ ନବାଳିକାଙ୍କୁ ଶାରୀରିକ ସ୍ପର୍ଶ କରିବାକୁ ଯୌନ ନିର୍ଯାତନା ଅପରାଧ ବିବେଚନା କରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଭଳି କାର୍ଯ୍ୟ ପୋକସୋ ଆକ୍ଟ, ୨୦୧୨ର ଧାରା ୭ ଅନୁଯାୟୀ ‘ଯୌନ ନିର୍ଯାତନା’ର ପରିସରଭୁକ୍ତ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଜଣେ ଶିଶୁକନ୍ୟାର ବୟାନରେ ଥିବା ସାମାନ୍ୟ ପରିବର୍ତ୍ତନ ବା ମତଭେଦ ଯୋଗୁଁ ସମ୍ପୂର୍ଣ୍ଣ ଅଭିଯୋଗକୁ ମିଛ ବୋଲି କହି ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ। ଶିଶୁଙ୍କ ବୟାନରେ ଏଭଳି ସାମାନ୍ୟ ପରିବର୍ତ୍ତନ ସ୍ୱାଭାବିକ ଏବଂ ଏହା ପ୍ରସଙ୍ଗର ମୂଳ ସତ୍ୟକୁ ବଦଳାଇ ଦିଏନାହିଁ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣି ଦେଇଛନ୍ତି। ନିମ୍ନ ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ଆଦେଶକୁ ଚାଲେଞ୍ଜ କରି ଅଭିଯୁକ୍ତ ବବଲୁ ବର୍ମା ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିବା ସହ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ଏହି ମାମଲାରେ କଟକ ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଗତ ୨୦୨୫ ଏପ୍ରିଲ ୩ ତାରିଖରେ ଅଭିଯୁକ୍ତକୁ ପ୍ରଦାନ କରିଥିବା ୭ ବର୍ଷ ଜେଲ୍ ଦଣ୍ଡାଦେଶ ଓ ଦୋଷୀ ସାବ୍ୟସ୍ତ ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୩ ମସିହା ଜୁଲାଇ ୯ ରେ କଟକ ଜିଲ୍ଲା ନିଆଳି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତ ଗ୍ରାଇଣ୍ଡର୍ ମେକାନିକ୍ ବବଲୁ ଘରକୁ ଘର ବୁଲି ମରାମତି କାମ କରୁଥିଲା। ଏହି ସମୟରେ ପୀଡ଼ିତା ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରେ ପ୍ରବେଶ କରିଥିଲା। ସେଠାରେ ୧୨ ବର୍ଷରୁ କମ୍ ବୟସର ଜଣେ ନାବାଳିକାକୁ ଏକାକୀ ପାଇ ସେ ତାକୁ ଜବରଦସ୍ତ ଟାଣି ନେଇ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିଲା। ପୁଲିସ ଏହି ଘଟଣାରେ ଅଭିଯୁକ୍ତକୁ ଗିରଫ କରିବା ପରେ କଟକ ସ୍ୱତନ୍ତ୍ର ପୋକସୋ କୋର୍ଟ ୭ ବର୍ଷର ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଥିଲେ।

### ବର୍ଷପୂର୍ତ୍ତି ଉତ୍ସବକୁ ନେଇ ବର୍ଷିଲା କଂଗ୍ରେସ

# ରଙ୍ଗବୋଳା ଓ ମିଛ ଆତ୍ମପ୍ରଚାର ହିଁ ଓଡ଼ିଶା ସରକାରର ସଫଳତା

ଭୁବନେଶ୍ୱର, ୧୧।୬ (ସମିସ): ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାରକୁ ୨ ବର୍ଷ ପୂରିଛି। ଏ ଦୁଇ ବର୍ଷ ଭିତରେ ଓଡ଼ିଶାର କୌଣସି ପ୍ରାନ୍ତରେ ବିକାଶର ଚିହ୍ନବର୍ଣ୍ଣ ଦେଖିବାକୁ ମିଳିଲା ନାହିଁ। ନିର୍ବାଚନ ପୂର୍ବରୁ, ୨୧ଟି ବିନ୍ଦୁ ଉପରେ ବିଜେପି ଦଳ ରାଜ୍ୟବାସୀଙ୍କ ନିକଟରେ ଯେଉଁ ସଂକଳ୍ପ କରିଥିଲା, ସେସବୁ ସଂକଳ୍ପ କେବଳ ମିଛ ଥିଲା। କେବଳ ରଙ୍ଗବୋଳା ଓ ମିଛ ଆତ୍ମପ୍ରଚାରରେ ହିଁ ଓଡ଼ିଶା ସରକାର ସଫଳତା ହାସଲ କରିଛନ୍ତି ବୋଲି ରାଜ୍ୟ କଂଗ୍ରେସ ଅଭିଯୋଗ କରିଛି।

ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ଦେବାଶିଷ ନାୟକ କହିଛନ୍ତି, ରାଜ୍ୟରେ ଏବେ ଅରାଜକତା ବିଚରଣ କରୁଛି। ଘରୁ ବାହାରିବାକୁ ଭୟ ଲାଗୁଛି। ଭିଡ଼ ହିଂସା ଓ ଘୃଣା ବହୁ ପରିମାଣରେ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ଦଳର ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ଏ ସରକାର ପାଖରେ ଦୁଇବର୍ଷର ପୂର୍ତ୍ତି ପାଳନ ପାଇଁ କୌଣସି ଉପଲବ୍ଧି ନାହିଁ। ସରକାର ସବୁ କ୍ଷେତ୍ରରେ ବିଫଳତା ଅର୍ଜନ କରିଛନ୍ତି। ଦୁଇ ବର୍ଷ ଭିତରେ, ଭାରତବର୍ଷରେ ମହିଳାମାନଙ୍କ ପ୍ରତି ହେଉଥିବା ସଂଗୀନ ଅତ୍ୟାଚାରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି। ପ୍ରତିଦିନ ୧୫ରୁ ଅଧିକ ମହିଳାମାନଙ୍କ ପ୍ରତି ସଂଗୀନ ଅପରାଧ ଘଟୁଛି। ଏପରିକି, ପ୍ରତିଦିନ କେଉଁଠି ନା କେଉଁଠି ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଘଟି ଚାଲିଛି। ଆଇନଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ନିମ୍ନସ୍ତରକୁ ଚାଲିଯାଇଛି। ଓଡ଼ିଶା ଆଜି ସାରା ବିଶ୍ୱରେ ଏଥିପାଇଁ ଘୋର ଅପମାନିତ ଓ ନିନ୍ଦିତ ହୋଇଛି। ଏହା କ'ଣ ଡବଲ ଇଞ୍ଜିନ ସରକାର ଉପଲବ୍ଧି କି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଚାନ୍ଦିପୁରରୁ ସ୍ୱତନ୍ତ୍ର କ୍ଷେପଣାସ୍ତ୍ରର ସଫଳ ଉତ୍କ୍ଷେପଣ

ବାଲେଶ୍ୱର, ୧୧।୬ (ସମିସ): ଚାନ୍ଦିପୁରସ୍ଥିତ ଆଇଟିଆରରୁ ଗୁରୁବାର ଅପରାହ୍ଣ ପ୍ରାୟ ୫ଟାରେ ଏକ ସ୍ୱତନ୍ତ୍ର କ୍ଷେପଣାସ୍ତ୍ରର ଦ୍ୱିତୀୟ ପର୍ଯ୍ୟାୟ ସଫଳ ପରୀକ୍ଷଣ ହୋଇଛି। ବୁଧବାର ଏହାର ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ସଫଳ ହେବା ପରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ଉତ୍କ୍ଷେପଣ ପ୍ରକ୍ରିୟା ଶେଷ ହୋଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି କ୍ଷେପଣାସ୍ତ୍ରର ନାମ ବା ପରିଚୟ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନଥିଲେ ମଧ୍ୟ ପାରିପାର୍ଶ୍ୱିକ ସ୍ଥିତି ଓ ବିଶେଷଜ୍ଞଙ୍କ ସୂତ୍ରରୁ ଏହା ଏକ ପରବର୍ତ୍ତୀ ପିଢ଼ିର ଅତ୍ୟାଧୁନିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବୋଲି ଅନୁମାନ କରାଯାଉଛି। ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଲଞ୍ଚ ପ୍ୟାଡ୍-୩ରୁ ୩.୫ କିଲୋମିଟର ପରିଧି ମଧ୍ୟରେ ଥିବା ସ୍ଥାନୀୟ ବାସିନ୍ଦା ଏବଂ ସେମାନଙ୍କ ଗୃହପାଳିତ ପଶୁମାନଙ୍କୁ ଦୁଇଦିନ ପାଇଁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଶାସନ ପକ୍ଷରୁ ମୋଟ ୧୧ଟି ଗ୍ରାମର ୧୧,୪୪୨ଜଣ ଲୋକଙ୍କୁ ସୁରକ୍ଷିତ ୫ଟି ସ୍ୱତନ୍ତ୍ର ଆଶ୍ରୟସ୍ଥଳୀ ଯଥା ବର୍ଦ୍ଧନପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ, ବର୍ଦ୍ଧନପୁର ହାଇସ୍କୁଲ, ଭୀମପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ତୁଣ୍ଡରା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ନିଧିପଡ଼ା ସେବାଶ୍ରମରେ ରଖାଯାଇଥିଲା। ସ୍ଥାନାନ୍ତର ଲୋକମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଇଛି।

### ସ୍ଲିପର ବସରେ ବେଆଇନ ଡ୍ରାଇଭର ପାର୍ଟିସନ ଡୋର୍

# ୭ ଦିନରେ ୩,୩୦୪ଟି ବସ୍ ଯାଞ୍ଚ, ୩୮୯ଟି ଇ-ଚାଲାଣ ଜାରି

କଟକ,୧୧।୬(ସମିସ): ସ୍ଲିପର୍ ବସ୍‌ଗୁଡ଼ିକରେ ବେଆଇନ ଭାବେ ଲାଗିଥିବା ଡ୍ରାଇଭର ପାର୍ଟିସନ୍ ଡୋର୍ ବିରୋଧରେ ସାରା ରାଜ୍ୟରେ ସ୍ୱତନ୍ତ୍ର ଯାଞ୍ଚ କରାଯାଇଛି। ୭ଦିନ ଧରି ଚାଲିଥିବା ଏହି ଅଭିଯାନରେ ମୋଟ ୩,୩୦୪ଟି ଗାଡ଼ି ଯାଞ୍ଚ ହୋଇଥିବା ବେଳେ ୩୮୯ଟି ଚାଲାଣ ଜାରି ହୋଇଛି। କଟକ ଆରଟିଓରେ ୨୮୭ଟି ବସ୍ ଯାଞ୍ଚ ହୋଇଥିବା ବେଳେ ଯାଜପୁରରେ ୨୪୧ଟି, ଗଞ୍ଜାମରେ ୧୯୧ଟି, ରାଉରକେଲାରେ ୧୭୦ଟି, ସମ୍ବଲପୁର ଓ ଦେବଗଡ଼ରେ ୧୬୮ଟି ଲେଖାଏଁ ବସ୍ ଯାଞ୍ଚ ହୋଇଛି ଏବଂ ଚଣ୍ଡିଖୋଲ ଆରଟିଓରେ ୧୪୭ଟି ବସ୍ ଯାଞ୍ଚ କରାଯାଇଛି। କଟକରେ ନିୟମ ଉଲ୍ଲଙ୍ଘନ କରୁଥିବା ସର୍ବାଧିକ ୬୦ଟି ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଥିବା ବେଳେ ନୟାଗଡ଼ରେ ୩୬ଟି, ଭୁବନେଶ୍ୱର-୨ ଆରଟିଓଙ୍କ ପକ୍ଷରୁ ଏବଂ ଗଞ୍ଜାମ ଆରଟିଓଙ୍କ ପକ୍ଷରୁ ୨୫ଟି ଲେଖାଏଁ ଚାଲାଣ ଜାରି ହୋଇଛି। ଯାଜପୁରରେ ୧୮ଟି ଏବଂ ସମ୍ବଲପୁର ଓ ମୟୂରଭଞ୍ଜରେ ୧୫ଟି ଲେଖାଏଁ ଚାଲାଣ ଜାରି ହୋଇଛି। ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଆଗକୁ ଜାରି ରହିବ। ବସ୍ ମାଲିକମାନଙ୍କୁ ସଡ଼କ ସୁରକ୍ଷା ନିୟମକୁ ପ୍ରାଧାନ୍ୟ ଦେଇ ଗାଡ଼ି ଚଳାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ଦେବାଶିଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭୁବନେଶ୍ୱର,୧୧।୬(ସମିସ): ରାଜ୍ୟସଭା ଉପ-ନିର୍ବାଚନରେ ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପ-ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଫିସର ସତ୍ୟବ୍ରତ ରାଉତ ତାଙ୍କୁ ବିଜୟ ହୋଇଥିବା ନେଇ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି। ରାଜ୍ୟସଭା ଉପ-ନିର୍ବାଚନ ପାଇଁ ସେ ବିଜେପି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଆଜି ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ତେବେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ଏହି ଉପ-ନିର୍ବାଚନ ପାଇଁ ଆଉ ଭୋଟିଂର ଆବଶ୍ୟକତା ପଡ଼ିନଥିଲା। ଫଳରେ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷଣା କରାଯାଇଛି।


**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**

**କନଷ୍ଟ୍ରକ୍ସନ୍ ଗତିଶକ୍ତି (ରତଲାମ)**

**ଇ-ଟେଣ୍ଡର ବିଜ୍ଞପ୍ତି**

ନଂ.: GS-C-RTM/NIT, ତାରିଖ: 09.06.2026। ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ପଶ୍ଚିମ ରେଳବାଇ, କନଷ୍ଟ୍ରକ୍ସନ୍ (ଗତିଶକ୍ତି), ରତଲାମ www.ireps.gov.in ୱେବସାଇଟ୍ ମାଧ୍ୟମରେ ଇ-ଟେଣ୍ଡର ପ୍ରଣାଳୀରେ ଖୋଲା ନିବିଦା (Open Tender) ଆହ୍ୱାନ କରୁଛି। ବିବରଣୀ ନିମ୍ନରୂପ: କ୍ରମିକ ସଂଖ୍ୟା – ୧ଇ-ଟେଣ୍ଡର ନଂ.: RTM-GSU-Engg-ROB-BMI-72R। କାର୍ଯ୍ୟର ନାମ: ପଶ୍ଚିମ ରେଳବାଇର ରତଲାମ ମଣ୍ଡଳ ଅନ୍ତର୍ଗତ ଗୋଧ୍ରା–ରତଲାମ ସେକ୍ସନର ବାମନିଆ ଓ ଭୈରୋନଗଡ଼ ଷ୍ଟେସନ୍ ମଧ୍ୟରେ ଅବସ୍ଥିତ ଲେଭେଲ୍ କ୍ରସିଂ ନଂ. ୭୨ ପରିବର୍ତ୍ତେ କି.ମି. ୬୦୯/୧୦–୧୨ ଠାରେ ଦୁଇ ଲେନ୍ ବିଶିଷ୍ଟ ରୋଡ୍ ଓଭର ବ୍ରିଜ୍ (୧ x ୭୨.୦୦ ମି. ବୋ-ଷ୍ଟ୍ରିଙ୍ଗ/କ୍ୟାମେଲ୍ ବ୍ୟାକ୍ ଷ୍ଟିଲ୍ ଗର୍ଡର + ୧ x ୩୬.୦୦ ମି. ଓ ୧ x ୨୪.୦୦ ମି. ସ୍ପାନ୍ କମ୍ପୋଜିଟ୍ ଷ୍ଟିଲ୍ ଗର୍ଡର) ର ରେଳବାଇ ଅଂଶର ନିର୍ମାଣ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ.24,47,62,803.16, ଜମାନତ ରାଶି (EMD): ଟ. 48,95,300.00, ଟେଣ୍ଡର ଖୋଲିବା ତାରିଖ: 06.07.2026 ବିସ୍ତୃତ ନିବିଦା ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ। ଟେଣ୍ଡର ଫର୍ମର ମୂଲ୍ୟ ଶୂନ୍ୟ (NIL)।

ADM/5/1/97

Follow us on: twitter.com/WesternRly



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MSM-TWIN-PIPE-SBP-06-26

**କାର୍ଯ୍ୟର ନାମ :** ଏୟାର ବ୍ରେକ୍ ସିଷ୍ଟମ୍ ପାଇଁ ସମସ୍ତ ୱାଗନରେ ଟ୍ୱିନ୍ ପାଇପ୍ (Twin Pipe) ରେଟ୍ରୋ-ଫିଟମେଣ୍ଟର ଯୋଗାଣ ଏବଂ ସ୍ଥାପନ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹58,92,212.00, EMD : ₹1,17,900/-, କାର୍ଯ୍ୟ ଶେଷ ହେବା ଅବଧି: 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 26.06.2026, 1500 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର (ଏଫଆରଟି), ସମ୍ବଲପୁର

PR-229/R/26-27



**AFFIDAVIT**

By virtue of an Affidavit resident before Notary Public, Malkangiri, **I, Sriti Goldar,** aged about 28 Years, W/o.: Prakash Goldar, D/o.: Dipak Rango, of Village: M.V- 104, PO.: Tarlakota, P.S.: Orkel, Dist.: Malkangiri, Odisha declare by this Affidavit No.: 797/2026, Dated: 11/05/2026, That I have changed my name from Sriti Rango to Sriti Goldar. Henceforth I shall be known as **Sriti Goldar** for all future purposes.

**AFFIDAVIT**

By virtue of an affidavit no- 2018, dated- 2/6/2026 sworn before Executive Magistrate, Banpur, declare that I, Bidulata Pradhan, aged about- 41 years, W/o- Kalia Pradhan of Address At-Kapileswarpur, College road, Po./P.s- Banpur, Dist-Khordha, Odisha, Pin-752031, declare that I have changed the name of my minor son from Sarathi Pradhan to Sai Prasad Pradhan. Henceforth, he shall be known as **Sai Prasad Pradhan** for all purposes.

**Sai Prasad Pradhan**

**AFFIDAVIT**

By virtue of an affidavit No.09, sworn before the Executive Magistrate, Keonjhar on dtd-19/05/2026, I **MD EJAJ HUSSAIN,** S/o- Mohammad Jauwad, permanent resident of Vill: Magurgadia, PO: Keonjhargarh, PS: Town, Odisha, Pin-758001, declare that I have changed my name from **IJAJ HUSEN** (old name) to **MD EJAJ HUSSAIN** (new name). Henceforth, I shall be known as **MD EJAJ HUSSAIN** for all future purposes.

**MD EJAJ HUSSAIN**

**AFFIDAVIT**

I, Moushumi Das, W/o-Sudipta Das, resident of Flat No-308, Maruti Residency Apartment, Raghunathpur, Po-Kalarahanga, Ps-Nandankanan, Dist-Khorda, Pin-751024, Odisha declare By this Affidavit No-458686, dtd-09/06/2026 that now onwards I shall be known as **MOUSUMI DAS** for all future purposes

**AFFIDAVIT**

I, Neha Agrawal, aged about 40 years, W/o- Anil Kumar Agarwal, resident of At- Flat No-2A,Y-8, Bhagwati Elite, Civil Township, Near Forum Galeria Mall, Ps-Raghunath Palli, Rourkela, Dist-Sundargarh, Odisha, PIN- 769012, do hereby declare by this affidavit No.1206, dtd- 10.06.2026, that now onwards I shall be known as **NEHA AGARWAL** for all future purposes.

**AFFIDAVIT**

I, Rasmi Rekha Mishra, W/o- Debabrata Mishra, resident of Plot No-882/1319, Friend's Colony, Mahatab Road, Old Town, Bhubaneswar, PIN-751002, Dist- Khordha, Odisha declare by this affidavit No- 85AA378012, dated- 11/06/2026, that now onwards I shall be known as **RASHMIREKHA MISHRA** for all future purposes.

**Rashmirekha Mishra**

**AFFIDAVIT**

By virtue of an affidavit sworn before Notary Public, Kesinga, dated 04/05/2026. I, **Thakur Bibhar,** S/O- Dutiya Bibhar, Address: At/Po- Rengali, Ps- Kesinga, Dist-Kalahandi (Odisha) declare that I have changed my name from **Thakur Harijan** to **Thakur Bibhar.** Henceforth, I shall be known as **Thakur Bibhar** for all purposes.

**Thakur Bibhar**


## ଅବଶିଷ୍ଟାଂଶ

### ଓଡ଼ିଶା ଏରୁଣ୍ଡି...

ବ୍ୟାପକ ବର୍ଷା ହୋଇପାରେ। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଜଳୀୟବାଷ୍ପ ଅଧିକ ସକ୍ରିୟ ଥିବାରୁ, ବର୍ତ୍ତମାନ ପୁରୀଠାରୁ ଆରମ୍ଭ କରି ଉତ୍ତରକୁ ବାଲେଶ୍ୱର ଏବଂ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସବୁଠାରୁ ଅଧିକ ଓ ବ୍ୟାପକ ବର୍ଷାର ସମ୍ଭାବନା ଦେଖାଯାଉଛି। ଯଦିଓ ଗଞ୍ଜାମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟ ଏହି ସମୟରେ ମୌସୁମୀ ପ୍ରଭାବକୁ ଆସିବେ, ତଥାପି ସେଠାରେ ବର୍ଷାର ପରିମାଣ କମ୍ ଏବଂ ବିକ୍ଷିପ୍ତ ହୋଇପାରେ। ମାଲକାନଗିରି ଏବଂ ସଂଲଗ୍ନ ଦକ୍ଷିଣ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଆରମ୍ଭ ପର୍ଯ୍ୟାୟରେ ମଧ୍ୟ ଓ ଉତ୍ତର ଉପକୂଳ ଭଳି ଅଧିକ ବର୍ଷା ନହୋଇପାରେ।

ଦ୍ୱିତୀୟ ପର୍ଯ୍ୟାୟରେ ମୌସୁମୀ ସାମୟିକ ମନ୍ଥରତା ଦେଇ ଗତି କରିପାରେ। ପ୍ରଥମ ସ୍ପେଲ୍ ପରେ ଜଳୀୟବାଷ୍ପ ଜମାଟ ବାନ୍ଧିବା ପ୍ରକ୍ରିୟା ଧୀରେ ଧୀରେ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ଭାରତ ଆଡ଼କୁ ଘୁଞ୍ଚିଯିବ। ଫଳରେ ଓଡ଼ିଶାରେ ବର୍ଷାର ପରିମାଣ ଓ ବ୍ୟାପକତା କମିଯିବ। ଏହି କାରଣରୁ ଓଡ଼ିଶାରେ ଲଗାତାର ବର୍ଷା ନହୋଇ ପାଗ କିଛି ଦିନ ପାଇଁ ସାମାନ୍ୟ ଶାନ୍ତ ରହିବ ଏବଂ କେବଳ ସ୍ଥାନେ ସ୍ଥାନେ ମଝିରେ ମଝିରେ ଘଡ଼ଘଡ଼ି ସହ ବର୍ଷା ଦେଖାଯିବ। ତୃତୀୟ ପର୍ଯ୍ୟାୟରେ ଉପକୂଳ ଓଡ଼ିଶା ତୁଳନାରେ ପଶ୍ଚିମ ଏବଂ ଉତ୍ତର-କେନ୍ଦ୍ରୀୟ ଓଡ଼ିଶାରେ ମୌସୁମୀର ଆନୁଷ୍ଠାନିକ ପ୍ରବେଶ ସ୍ପଷ୍ଟ ଜଣାପଡ଼ିବ ନାହିଁ; ଏଠାରେ ପାଗରେ ପରିବର୍ତ୍ତନ ଧୀରେ ଧୀରେ ଆସିବ। କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସୁବର୍ଣ୍ଣପୁର ସମେତ ପଶ୍ଚିମ ଓଡ଼ିଶାରେ ୧୩-୧୬ ଜୁନ୍ ମଧ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଘଡ଼ଘଡ଼ି ବର୍ଷା ବୃଦ୍ଧି ପାଇବ। ଏହି ସବୁ ଜିଲ୍ଲାରେ ୧୪-୧୮ ଜୁନ୍ ମଧ୍ୟରେ ମୌସୁମୀ ପାଗ ବିସ୍ତାରିତ ହେବ ଏବଂ ଏହାପରେ ୧୬-୨୧ ଜୁନ୍ ମଧ୍ୟରେ ଚାଷ କାର୍ଯ୍ୟ ଅନୁକୂଳ ସ୍ଥାୟୀ ବର୍ଷା ପ୍ରତିଷ୍ଠିତ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ ଏବଂ କନ୍ଧମାଳ ଭଳି ଉତ୍ତର-କେନ୍ଦ୍ରୀୟ ଜିଲ୍ଲାଗୁଡ଼ିକରେ ଏହି ପରିବର୍ତ୍ତନ ଆହୁରି ଧୀମା ହେବ।

ବର୍ତ୍ତମାନର ସ୍ଥିତି ଅନୁଯାୟୀ ଓଡ଼ିଶାରେ ଏଥର ଆନ୍ଧ୍ର ଉପକୂଳ ଦେଇ ପାରମ୍ପରିକ ଗତିରେ କିମ୍ବା ପଶ୍ଚିମବଙ୍ଗ ଆଡୁ ସିଧାସଳଖ ଉତ୍ତର ଅଭିମୁଖୀ ପ୍ରବେଶ ହେବ ନାହିଁ। ବରଂ ୧୨-୧୩ ଜୁନ୍ ମଧ୍ୟରେ ପ୍ରାୟ ସମଗ୍ର ଓଡ଼ିଶା ଉପକୂଳରେ ବ୍ୟାପକ ଭାବେ ମୌସୁମୀ ଛୁଇଁବ, ଏହାପରେ କିଛି ଦିନ ପାଇଁ ଗତି ଧୀମା ହେବ ଏବଂ ଜୁନ୍ ତୃତୀୟ ସପ୍ତାହ ଆଡ଼କୁ ଏହା କ୍ରମାଗତ ଭାବେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲା ଆଡ଼କୁ ସଂଗଠିତ ହେବ।

### ଦେଶର ବିକାଶରେ...

"ବିକଶିତ ଭାରତ ପାଇଁ ସମାବେଶୀ ମାନବ ବିକାଶ", ଯାହା କେବଳ ଭିତ୍ତିଭୂମି ଦ୍ୱାରା ନୁହେଁ, ବରଂ ସଶକ୍ତ ନାଗରିକ, ଦକ୍ଷ ଯୁବକ, ସୁସ୍ଥ ପରିବାର, ଶିକ୍ଷିତ ଶିଶୁ ଏବଂ ସମାବେଶୀ ସୁଯୋଗ ମାଧ୍ୟମରେ ଗଠନ ହୋଇପାରିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତର ଜାତୀୟ ସଂକଳ୍ପ ଦ୍ୱାରା ଅନୁପ୍ରାଣିତ ହୋଇ, ଆମେ ମାନବ ବିକାଶରେ ନିରନ୍ତର ପୁଞ୍ଜିନିବେଶ ମାଧ୍ୟମରେ 'ବିକଶିତ ଓଡ଼ିଶା' ଗଠନ କରିବାକୁ ପ୍ରତିବଦ୍ଧ। ବିକାଶ ସଂକଳ୍ପର ତିନୋଟି ମୁଖ୍ୟ ସ୍ତମ୍ଭ ମଧ୍ୟରୁ ସମାବେଶିତା ଏବଂ ସମୃଦ୍ଧି ବ୍ୟତୀତ ସ୍ୱାସ୍ଥ୍ୟ, ପୋଷଣ ଏବଂ ଶିକ୍ଷା ସହିତ ସାମଗ୍ରିକ 'ସୁସ୍ଥତା' ଅନ୍ୟତମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଆମ କୁନି ପିଲା' 'ସୁଖଦ ଲାଳନ ପାଳନ' 'ମୋ ବିକାଶ ପତ୍ର' 'ସକ୍ଷମ ଅଙ୍ଗନୱାଡ଼ି' ଏବଂ 'ବିଦ୍ୟା-ସାରଥୀ' ବିଷୟରେ ବିସ୍ତୃତ ବିବରଣୀ ରଖିଛନ୍ତି। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' 'ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା' 'ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚା ଯୋଜନା' ବିଷୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଉଚ୍ଚଶିକ୍ଷାରେ ରାଜ୍ୟ ୨୦୨୪ ମସିହାରେ ଆନୁଷ୍ଠାନିକ ଭାବରେ ଏନଇପି-୨୦୨୦ ଆଭିମୁଖ୍ୟକୁ ଗ୍ରହଣ କରିଛି ଏବଂ ଉଚ୍ଚଶିକ୍ଷା କ୍ଷେତ୍ରର ଦ୍ରୁତ ରୂପାନ୍ତରଣ କରୁଛି। କୃଷି, ସ୍ୱାସ୍ଥ୍ୟ ଏବଂ ପ୍ରଶାସନିକ ସଂସ୍କାର ମଧ୍ୟ ଓଡ଼ିସା ଅଗ୍ରଗାମୀ ରାଜ୍ୟରେ ପରିଣତ ହୋଇଛି। 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' ସଂସ୍କାର କାର୍ଯ୍ୟକାରୀ କରି ଆମେ ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛୁ, ଯାହା ଓଡ଼ିଶାକୁ ପୁଞ୍ଜିନିବେଶ ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଅଧିକ ଆକର୍ଷଣୀୟ କରିପାରିଛି। ପୁରୀ-କୋଣାର୍କ କରିଡରକୁ ଓଡ଼ିଶା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ପର୍ଯ୍ୟଟନ ହବ୍ ଭାବରେ ବିକଶିତ କରୁଛି, ଯାହା ବ୍ୟାପକ ସ୍ତରରେ ନିଯୁକ୍ତି ସୃଷ୍ଟି କରିବ, ଉଦ୍ୟୋଗିତାକୁ ପ୍ରୋତ୍ସାହିତ କରିବ। ଶିକ୍ଷା ଏବଂ ଦକ୍ଷତା ବିକାଶ ବ୍ୟବସ୍ଥା ଯେପରି ବଜାରର ଆବଶ୍ୟକତାକୁ ପୂରଣ କରିପାରିବ, ସେଥିପାଇଁ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଭାଗିତାକୁ ଅଧିକ ମଜବୁତ କରିବାକୁ ରାଜ୍ୟ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମେ ନିଶ୍ଚିତ ଯେ 'ବିକଶିତ ଭାରତ'ର ସାମୂହିକ ଆକାଂକ୍ଷା ସାକାର ହେବ, ଯେଉଁଥିରେ ଓଡ଼ିଶା ଭାରତର ବିକାଶ, ପ୍ରଗତି ଏବଂ ସମୃଦ୍ଧିର ଏକ ସୁଦୃଢ଼ ସ୍ତମ୍ଭ ଭାବରେ ଗର୍ବର ସହ ଆଗଧାଡ଼ିରେ ଠିଆ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ବାପ-ଝିଅ...

ପଟକୁ ଗଡ଼ି ଯାଇଥିଲା। ଫଳରେ ଅଟୋରେ ଥିବା ସୁରେନ୍ଦ୍ର ଓ ତାଙ୍କ ଝିଅ ଶୁଭଶ୍ରୀ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାସ୍ଥଳରେ ଥିବା ସାକ୍ଷୀଗୋପୀନାଥ ବିଜେପି ମଣ୍ଡଳ ସଭାପତି ବଳରାମ ମହାପାତ୍ର ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରିବା ସହିତ ଗୁରୁତର ଆହତ ଶୁଭଶ୍ରୀଙ୍କୁ ନିଜ ବାଇକ୍ ଯୋଗେ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ, ସୁରେନ୍ଦ୍ରଙ୍କୁ ପ୍ରଥମେ ବୁର୍ଲା ଭିମସାରକୁ ନିଆଯାଇଥିଲା, ମାତ୍ର ସେଠାରେ ଜରୁରୀକାଳୀନ ବିଭାଗରେ କୌଣସି ଡାକ୍ତର ନ ଥିବାରୁ ଚିକିତ୍ସା ପାଇଁ ବୁର୍ଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ସୁରେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଛି। ଧନୁପାଲି ଥାନାଧିକାରୀ ଆଦିତ୍ୟ ମହାକୁଡ଼ଙ୍କ ସୂଚନା ଅନୁଯାୟୀ, ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ଘଟାଇଥିବା କାର୍‌ଟିକୁ ପୁଲିସ ଜବତ କରିଥିବାବେଳେ ଅଭିଯୁକ୍ତ କାର୍ ଚାଳକ ଧନୁପାଲିର ରାହୁଲ କୁମାର ନାୟକ (୨୯) ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

### ମମତାଙ୍କ ପାଇଁ...

ସମୟରେ ସେମାନେ ମମତାଙ୍କୁ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ।

ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ଭାବେ ୧୨ ବର୍ଷ କାର୍ଯ୍ୟକାଳ ପୂରଣ କରିଥିବାରୁ ଶତ୍ରୁଘ୍ନ ସିହ୍ନା ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ସେ ଟିଏମସିର ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହେଉଥିବା ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଥିଲା। ସାଂସଦ କାକୋଲି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଗଠିତ ବିଦ୍ରୋହୀ ଶିବିରରେ ସେ ସାମିଲ ଥିବା ଖବର ବି ମିଳିଥିଲ। ତେବେ ଆଜି ସ୍ପଷ୍ଟୀକରଣ ଦେଇ ସିହ୍ନା ଏହିସବୁ ଖବରକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି, 'ମୋର ଖରାପ ସମୟରେ ମମତା ବାନାର୍ଜୀ ମୋ ସହ ଛିଡ଼ା ହୋଇଥିଲେ। ଏବେ କଠିନ ପରିସ୍ଥିତିରେ ମୁଁ ମଧ୍ୟ ତାଙ୍କ ସହ ରହିବି।' ଶତ୍ରୁଘ୍ନ ସିହ୍ନା ନିଜର ରାଜନୈତିକ ଜୀବନ ବିଜେପିରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରୀ ମଧ୍ୟ ହୋଇଥିଲେ। ପରେ ମତଭେଦ ଯୋଗୁଁ ସେ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ। ଶେଷରେ ୨୦୨୨ ମସିହାରେ ସେ ଟିଏମସିରେ ସାମିଲ ହୋଇ ଆସାନସୋଲ ଆସନରୁ ଉପ-ନିର୍ବାଚନ ଜିତିଥିଲେ ଏବଂ ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ଏହି ଆସନ ବଜାୟ ରଖିଛନ୍ତି।

ଶତ୍ରୁଘ୍ନ ସିହ୍ନାଙ୍କ ସହିତ ଅନ୍ୟ ଦୁଇ ଜଣ ଦଳୀୟ ସାଂସଦ ଦୀପକ ଅଧିକାରୀ ଏବଂ ବାବୁଲ ସୁପ୍ରିୟୋ ମଧ୍ୟ ମମତାଙ୍କ ପ୍ରତି ସମର୍ଥନ ଘୋଷଣା କରି କହିଛନ୍ତି ଯେ ଏଭଳି ସଙ୍କଟ ସମୟରେ ସେମାନେ ମମତାଙ୍କ ହାତ ଛାଡ଼ିବେ ନାହିଁ। ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଥିବା ଖବରକୁ ଖଣ୍ଡନ କରି ସେମାନେ ଏହି ମନ୍ତବ୍ୟ ଦେଇଛନ୍ତି। ଅଧିକାରୀ କହିଛନ୍ତି ଯେ ଯେଉଁପର୍ଯ୍ୟନ୍ତ ମମତା ଅଛନ୍ତି, ତାଙ୍କ ସହିତ ମୁଁ ରହିବି। ସେହିଭଳି ବାବୁଲ ସୁପ୍ରିୟୋ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ମମତା ଏବେ ସଙ୍କଟ ଦେଇ ଗତି କରୁଛନ୍ତି। ଏଭଳି ସମୟରେ ମମତାଙ୍କ ସହିତ ରହିବି।

ଏହି ତିନି ନେତାଙ୍କ ଏଭଳି ବୟାନ ପରେ କାକୋଲି ଘୋଷଙ୍କ ନେତୃତ୍ୱରେ ଗଠିତ ବିଦ୍ରୋହୀ ଟିମରେ ୧୯ ଜଣ ସାଂସଦଙ୍କ ପ୍ରକୃତ ସଂଖ୍ୟାକୁ ନେଇ ସସପେନ୍ସ ବଢ଼ି ଯାଇଛି। କାରଣ ଏହି ତିନି ସାଂସଦଙ୍କ ନାମ ବିଦ୍ରୋହୀ ଗୋଷ୍ଠୀରେ ଥିଲା ବୋଲି କାକୋଲି ଦାବି କରୁଥିଲେ। ଏସଂପର୍କରେ ଟିଏମ୍‌ସିର ଜଣେ ନେତା କହିଛନ୍ତି ଯେ ବିଦ୍ରୋହୀ ଗୋଷ୍ଠୀରେ ୧୨ରୁ କମ୍ ସଭ୍ୟ ଅଛନ୍ତି। ବିଦ୍ରୋହୀମାନେ ଯେଉଁ ୧୯ ଜଣ ତାଲିକା ଦେଇଛନ୍ତି, ତାହା ମିଛ। ସତ ହୋଇଥିଲେ ବାଚସ୍ପତି କେବେଠାରୁ ସେମାନଙ୍କୁ ମାନ୍ୟତା ଦେଇ ସାରିଥାଆନ୍ତେ। ଅନ୍ୟପକ୍ଷରେ ବିଦ୍ରୋହୀ ତାଲିକାରେ ସାୟୋନୀ ଘୋଷ ଏବଂ ମାଲା ରାୟଙ୍କ ନାମ ଥିଲେ ମଧ୍ୟ ସେମାନେ ନିରବ ରହିଛନ୍ତି। ସେମାନେ ପାଟି ଖୋଲୁନଥିବାରୁ ସେମାନଙ୍କର ଆଭିମୁଖ୍ୟ ସ୍ପଷ୍ଟ ହୋଇପାରି ନାହିଁ।

### କଲ୍ୟାଣ ବାନାର୍ଜୀଙ୍କ...

ମାମଲାରୁ ତାଙ୍କୁ ଶେଷ ମୁହୂର୍ତ୍ତରେ ଓକିଲ ପଦରୁ ହଟାଇ ଦିଆଯିବା ପରେ ସେ ଏଭଳି ଅସନ୍ତୋଷ ପ୍ରକାଶ କରିଛନ୍ତି। ୬୯ ବର୍ଷୀୟ କଲ୍ୟାଣ ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, ସେ ମାମଲା ପାଇଁ ପ୍ରସ୍ତୁତି କରୁଥିବା ବେଳେ ଗତକାଲି ମଧ୍ୟରାତ୍ରିରେ ତାଙ୍କୁ ନ ଜଣାଇ ଅନ୍ୟ ଜଣେ ଓକିଲଙ୍କୁ ନିଯୁକ୍ତ କରାଯାଇଥିଲା, ଯାହା ତାଙ୍କ ପାଇଁ ଅତ୍ୟନ୍ତ ଅପମାନଜନକ। ସେ ଦଳର ମୁଖ୍ୟ ମମତା ବାନାର୍ଜୀଙ୍କ ସାମ୍ନାରେ ସର୍ତ୍ତ ରଖିଛନ୍ତି ଯେ, 'ଆମକୁ ବାଛନ୍ତୁ ନଚେତ୍ ଅଭିଷେକଙ୍କୁ'। ଅଭିଷେକଙ୍କ ଅହଂକାର ଯୋଗୁଁ ଦଳ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେରେ ଦଳର ଅନ୍ୟତମ ସାଂସଦ କିର୍ତ୍ତି ଆଜାଦ କହିଛନ୍ତି ଯେ ମମତାଙ୍କ ସହିତ କଲ୍ୟାଣ ଅଛନ୍ତି। ତାଙ୍କ ଅଭିଯୋଗ ଉପରେ ମମତା ପଦକ୍ଷେପ ନେବେ। ମମତାଙ୍କୁ କଲ୍ୟାଣ ଛାଡ଼ିବେ ନାହିଁ ବୋଲି ସେ କହିଛନ୍ତି।

### ରାଜ୍ୟସଭାରୁ ଇସ୍ତଫା...

ରାଜ୍ୟସଭା ସାଂସଦ ପ୍ରକାଶ ଚିକ ବଡ଼ାଇକ ଆଜି ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ଚଳିତ ସପ୍ତାହ ରାଜ୍ୟସଭାରୁ ଏହାକୁ ମିଶାଇ ଟିଏମ୍‌ସିର ତିନି ଜଣ ସଭ୍ୟ ଇସ୍ତଫା ଦେଲେଣି। ଏହା ସହିତ ରାଜ୍ୟସଭାରେ ଟିଏମସିର ସଦସ୍ୟ ସଂଖ୍ୟା ୧୦କୁ ହ୍ରାସ ପାଇଛି। ଆଗାମୀ ସପ୍ତାହରେ ଆଉ ୩ ଜଣ ସାଂସଦ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରାଜ୍ୟ ବିଧାନସଭାରେ ଟିଏମ୍‌ସି ଦୁଇ ଫାଳ ହେବା ପରେ ଲୋକସଭାରେ କେତେକ ଦଳୀୟ ସାଂସଦଙ୍କ ବିଦ୍ରୋହ ମମତାଙ୍କ ପାଇଁ ରଜନୈତିକ ଅସ୍ତିତ୍ୱର ପ୍ରଶ୍ନ ସୃଷ୍ଟି କରିଛି। ପ୍ରକାଶ ଚିକ ବଡ଼ାଇକ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଇସ୍ତଫା ପରେ ବଡ଼ାଇକ କହିଛନ୍ତି ଯେ ସେ କୌଣସି ଚାପରେ ଏହି ନିଷ୍ପତ୍ତି ନେଇନାହାନ୍ତି। ବରଂ ବେଙ୍ଗଲ ଜନସାଧାରଣଙ୍କ ଜନମତକୁ ସମ୍ମାନ ଜଣାଇ ଏହା କରିଛନ୍ତି। ଏଣିକି ସେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବେ।

### ଦୁର୍ଦ୍ଦାନ୍ତ ପ୍ରଫୁଲ୍ଲକୁ...

ଭଦ୍ରକର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଥାନାରେ ୨୫ରୁ ଅଧିକ ମାମଲା ରହିଛି। ଘର ଓ ଏଟିଏମ୍ ଲୁଟ୍ ସହିତ ପୁଲିସ ଉପରକୁ ଫାୟାରିଂ ପରି ଅନେକ ସଙ୍ଗୀନ ମାମଲା ପୂର୍ବରୁ ପପୁ ନାମରେ ରହିଛି। ବୁଧବାର ପପୁ ଏକ କଳା ପଲ୍‌ସରରେ ଆରଡି ଛକ ସାତଭଉଣୀ ଅଞ୍ଚଳରେ ବୁଲୁଥିବା ପୁଲିସ ଖବର ପାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ ପପୁକୁ ପିଛା କରିଥିଲା। ପରେ ସେ ନୂଆସାହି ଜଙ୍ଗଲ ଦେଇ ଖସିଯିବାକୁ ଚେଷ୍ଟା କରିଥିଲା। ପୁଲିସ୍ ଆତ୍ମସମର୍ପଣ କରିବାକୁ କହିବା ପରେ ପୁଲିସ ଉପରକୁ ପପୁ ଗୁଳି ଚଳାଇଥିଲା। ତେଣୁ, ବାଧ୍ୟ ହୋଇ ପୁଲିସ୍ ଗୁଳି ଚଳାଇଥିଲା। ଗୁଳି ପପୁର ଡାହାଣ ଗୋଡ଼ରେ ବାଜିଥିଲା। ତାକୁ ପ୍ରଥମେ ଭଦ୍ରକ ଓ ପରେ ଚିକିତ୍ସା ପାଇଁ ଏସ୍‌ସିବିକୁ ପଠାଯାଇଛି। ଅନ୍ୟପଟେ, ପପୁ ବ୍ୟବହାର କରିଥିବା ବନ୍ଧୁକ ଆମେରିକା ନିର୍ମିତ ବୋଲି ଜଣାପଡ଼ିଛି। ଓଡ଼ିଶାର ଅପରାଧୀମାନେ ଏହି ବନ୍ଧୁକକୁ ବାଂଲାଦେଶ ମୁର୍ସିଦାବାଦରୁ ଆଣୁଥିବା ଜଣାପଡ଼ିଛି। ଏହି ବନ୍ଧୁକ କିପରି ଏମାନଙ୍କ ନିକଟରେ ପହଞ୍ଚୁଛି ତାକୁ ନେଇ ଅଧିକ ଖୋଳତାଡ଼ କରାଯିବ ବୋଲି ଭଦ୍ରକ ଏସ୍‌ପି ମନୋଜ ରାଉତ କହିଛନ୍ତି।


**OFFICE OF THE PRINCIPAL**
**TRUST FUND H.S SCHOOL, BARGARH**

E-mail – tfcbargarh@yahoo.com

Notice No. 834/TFHS/2026 Dt. 10.06.2026

**WALK-IN-INTERVIEW**

A walk-in-interview will be held in the H.S School campus for appointment of PGT in different subjects on the date and time as mentioned below. Eligible candidates may attend the interview.

**Dt. 23.06.2026, Time - 10 A.M**

Subjects: English, Odia, Physics, Chemistry, Botany, Mathematics

Guest Faculty (Remuneration on Class wise basis)

Minimum Qualification: 55% marks at PG level.

(Preference will be given to candidates having B.Ed. Qualification)

**Sd/- Principal-incharge-Cum-Secretary**
**Trust Fund H.S School, BARGARH**



13001/854/2627

CDA

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 11 ରେ ପ୍ଲଟ୍ ନଂ- 11-4C/1471 ଟିକୁ ଶ୍ରୀମତୀ ଅଞ୍ଜଳି ମେହେର, ସ୍ୱାମୀ-ଡଃ ଲଳିତ କୁମାର ମେହେର, ସା-ଟିଙ୍ଗେରବନ୍ଧ, ପୋ-ଗଙ୍ଗାସାଗର, ଥା-ପାଟଣାଗଡ଼, ଜିଲ୍ଲା- ବଲାଙ୍ଗୀର - ୭୬୭୦୨୫ ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଅଞ୍ଜଳି ମେହେର ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଡଃ ପ୍ରଜ୍ଞା ପରମିତା ଗିରି, ସ୍ୱାମୀ- ଡଃ କାଳୀ ପ୍ରସନ୍ନ ସ୍ୱାଇଁ, ସା/ପୋ-ବୋଧଙ୍ଗ, ଥା-ନିଶ୍ଚିନ୍ତକୋଇଲି, ଜିଲ୍ଲା-କଟକ-୭୫୪୨୦୭ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0051 **ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**



13001/862/2627

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୨୦୭୪ / ଭୁ.ଉ.କ., ଭୁବନେଶ୍ୱର KVH-223/96 **ସୂଚନା** ତା. ୦୪.୦୬.୨୦୨୬ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ବିହାର ହାଉସିଂ ସ୍କିମ୍, ସୁବୁପୁର, ଭୁବନେଶ୍ୱର ଅନ୍ତର୍ଗତ HIG ଗୃହ ନଂ. କେ.୫ - ୨୨୯ କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୬୩୫/AL ତା-୨୪.୦୭.୧୯୯୬ ରିଖ ଅନୁଯାୟୀ ଶ୍ରୀ ତୁଷାର ରଞ୍ଜନ ବିଶ୍ୱାଳ, ପିତା - ସ୍ୱର୍ଗତ ନୃସିଂହ ବିଶ୍ୱାଳ ଅତିର ପୋଷ୍ଟ-ବରୀ, ଥାନା-ବିଂଝାରପୁର, ଜିଲ୍ଲା-ଯାଜପୁରଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ ତୁଷାର ରଞ୍ଜନ ବିଶ୍ୱାଳ ଗତ ତା- ୧୫.୧୦.୨୦୨୦ ରିଖ ରେ ମୃତ୍ୟୁବରଣ କରିଅଛନ୍ତି (Death certificate No-7677/2020 Dated. 17.10.2020.

Legal heir certificate No- E-LHC/2020/76378) ବର୍ତ୍ତମାନ (1) ନମିତା ରାଉତରାୟ (ସ୍ତ୍ରୀ) (2) ସସ୍ମିତା ବିଶ୍ୱାଳ (ଝିଅ) (3) ଶ୍ୱେତାପଦ୍ମ ବିଶ୍ୱାଳ (ଝିଅ) ଉକ୍ତ ଗୃହର ଉତ୍ତରାଧିକାରୀ ଅଛନ୍ତି।

ଏଣୁ ଉକ୍ତ ଗୃହ ର ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣା ଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ।

**ସ୍ୱା/- ଆବଣ୍ଟନ ଅଧିକାରୀ-୧**

OIPR-13001/13033/1/26-27/0058 **ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର**



38001/20/2627

**ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ରାୟଗଡା**

ପତ୍ର ସଂଖ୍ୟା: ୯୫୦ ତାରିଖ: ୧୯.୦୫.୨୦୨୬ରିଖ

**ମୋଟର ଯାନ ନିଲାମ. ନିମନ୍ତେ ବିଜ୍ଞପ୍ତି**

ଏତଦ ଦ୍ୱାରା ନିମ୍ନଲିଖିତ ମୋଟର ଯାନର ମାଲିକ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ସେମାନଙ୍କର ଯାନ ବିରୁଦ୍ଧରେ ବେକେୟା ମୋଟୋର ଯାନ ଟିକସ ବାକି ଥିବାରୁ ସେମାନଙ୍କ ନାମରେ ଟିକସ ଅସୁଲି ମାମଲା ରୁଜୁ କରଯାଇଥିଲା। ଯଥା ସମୟରେ ସେମାନେ ଟିକସ ଅସୁଲିକାରୀଙ୍କ କାର୍ଯ୍ୟାଳୟରେ ବକେୟା ଟିକସ ପଇଠ ନ କରିବାରୁ କିମ୍ବା କୌଣସି ଉତ୍ତର ନ ରଖିବାରୁ ସେମାନଙ୍କ ଯାନ ଗୁଡିକୁ ଓଡିଶା ମୋଟୋର ଯାନ କର ଆଇନ ୧୯୭୫ ଅନୁସୂଚୀ-II ଅନୁଯାୟୀ ଜବତ କରାଯାଇ ଅଛି।

ପୁନର୍ବାର ଉକ୍ତ ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ଯାନ ମାଲିକ ମାନଙ୍କୁ ଅବଗତ କରାଯାଉଅଛି କି, ଯଦି ସେମାନେ ଆସନ୍ତା ତା ୧୭.୦୭.୨୦୨୬ ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ସେମାନଙ୍କର ବକେୟା ଅର୍ଥ ପଇଠ ନ କରନ୍ତି ତେବେ ତା ୧୯.୦୭.୨୦୨୬ ରିଖ ଅପରାହ୍ନ ୪ ଘଟିକା ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଯାନ ଗୁଡିକ ନିଲାମ କରାଯିବ।

ଅତଏବ ସମସ୍ତ ଜନସାଧାରଣ ଏବଂ ନିମ୍ନ ଲିଖିତ ଗାଡି ଗୁଡିକର ଋଣ ପ୍ରଦାନ କରି ସଂସ୍ଥା (Financier) ମାନଙ୍କୁ ଉକ୍ତ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଉଛିକି, ଇଚ୍ଛୁକ ବ୍ୟକ୍ତି ଯଦି ନିମ୍ନ ଲିଖିତ ଯାନ ଗୁଡିକର ନିଲାମି ରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ଏହି ବାବଦରେ ସମ୍ପୂର୍ଣ୍ଣ ବିବରଣୀ https://odishatransport.gov.in ୱେବସାଇଟରୁ ପ୍ରାପ୍ତ କରନ୍ତୁ।

**ନିଲାମ ହେବାକୁ ଥିବା ଗାଡି ଗୁଡିକର ପଞ୍ଜୀକରଣ ସଂଖ୍ୟା ନିମ୍ନ ରେ ପ୍ରଦାନ କରାଗଲା**

OD185937, OR18C0408, OR18C1651, OR181019, OR181438, OD188719, OR182421, OD18G6189, OR18C5698

ଟିକସ ଅସୁଲି ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ, ରାୟଗଡା

OIPR-38001/38049/1/26-27/0001

ସମ୍ପୂର୍ଣ୍ଣା
ସକାଳ THE SAKALA www.sakalaepaper.com

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିପାରେ। ନକାରାତ୍ମକ ଚିନ୍ତା ଦୂର ହେବ। ରାଜନୀତିରେ ସକ୍ରିୟ ରହିପାରନ୍ତି। ଦାନ ଧର୍ମ କରିବେ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଯାନବାହନ କିଣିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଥକ୍କା ଅନୁଭବ କରିପାରନ୍ତି।

**ମିଥୁନ:** ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେଇପାରେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ଧୈର୍ଯ୍ୟ ରଖି କାମ କରନ୍ତୁ।

**କନ୍ୟା:** ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପୁରୁଣା ନିବେଶରୁ ଲାଭ ମିଳିପାରେ।

**ତୁଳା:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ଧନୁ:** ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟାର ସମାଧାନ ହେବ। ଦୀର୍ଘ ଦିନର ଆଶା ପୂରଣ ହେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ପୁରୁଣା ନିବେଶରୁ ଲାଭ ମିଳିପାରେ। ଦୀର୍ଘ ଦିନର ଆଶା ପୂରଣ ହେବ।

## ଆଜିର ଇତିହାସ

- ୧୯୨୬- ବ୍ରାଜିଲ ଲିଗ୍ ଅଫ୍ ନେସନ୍‌ରୁ ଓହରିବା ପାଇଁ ନିଷ୍ପତ୍ତି ନେଲା।
- ୧୯୬୪- ନେଲସନ ମଣ୍ଡେଲାଙ୍କୁ ଆଜୀବନ କାରାଦଣ୍ଡ।
- ୧୯୯୮- ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷା କରିଥିବାରୁ ଜି-୮ ଦେଶଗୁଡ଼ିକ ଉଭୟ ଦେଶକୁ ଋଣ ନ ଦେବା ପାଇଁ ନିଷ୍ପତ୍ତି ନେଲେ।
- ୨୦୦୨- ବାଳ ଶ୍ରମ ନିଷେଧ ଦିବସର ଆରମ୍ଭ।

# ଅଗଷ୍ଟ ୧୪ରେ 'ବଟୱାରା ୧୯୪୭'



ବଲିଉଡ୍‌ର ଆକ୍ସନ୍ ଷ୍ଟାର୍ ସନ୍ନି ଦେଓଲ ଏବଂ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀଙ୍କ ଯୋଡ଼ି 'ବଟୱାରା ୧୯୪୭' ଫିଲ୍ମ ମାଧ୍ୟମରେ ଦୀର୍ଘ ବର୍ଷ ପରେ ପୁଣି ଥରେ ବଡ଼ ପରଦାକୁ ଫେରୁଛନ୍ତି। ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି, କାରଣ ଏଥିରେ ବଲିଉଡ୍‌ର ଅନେକ ପ୍ରତିଭାବାନ୍ କଳାକାର ଏକାଠି ନଜର ଆସିବେ। ଏଥିରେ ସନ୍ନି ଦେଓ୍ୱଲ, ପ୍ରୀତି ଜିଣ୍ଟା, ଅଲି ଫଜଲ, କରଣ ଦେଓ୍ୱଲ, ଶବାନା ଆଜମୀ ଆଦି ଦେଖାଯିବେ। ଏହାସହ ଅମିର୍ ଖାନ୍ ଏହାର ପ୍ରଯୋଜନା ଭାର ସମ୍ଭାଳିବା ସହ ଅତିଥି କଳାକାର ଭାବେ ଦେଖାଯିବେ। ଏହା ଭାରତ-ପାକିସ୍ତାନ ବିଭାଜନ ସମୟର ଏକ ସମ୍ବେଦନଶୀଳ କାହାଣୀ ଉପରେ ଆଧାରିତ। ଅନେକ ଦିନରୁ ଦର୍ଶକେ ଏହାର ଝଲକ ପାଇବାକୁ ଚାହିଁ ବସିଥିବାବେଳେ ଶେଷରେ ସନ୍ନି ନିଜ ଇନ୍‌ଷ୍ଟାଗ୍ରାମରେ ଏହି ଚଳଚ୍ଚିତ୍ରର ଫାଷ୍ଟଲୁକ୍ ସେୟାର୍ କରିଛନ୍ତି। ବଡ଼ କଥା ହେଉଛି, ଫିଲ୍ମର ଟାଇଟଲ୍ ମଧ୍ୟ ବଦଳାଇ ଦିଆଯାଇଛି ଏବଂ ଏବେ ଏହା 'ବଟୱାରା ୧୯୪୭'ନାମରେ ପ୍ରେକ୍ଷାଳୟକୁ ଆସିବ ବୋଲି ସ୍ପଷ୍ଟ ହୋଇଛି। ଫିଲ୍ମର ଫାଷ୍ଟ ଲୁକ୍ ସହିତ ନିର୍ମାତା ଏହାର ରିଲିଜ୍ ଡେଟ୍ ମଧ୍ୟ ଘୋଷଣା କରିଛନ୍ତି। ୧୪ ଅଗଷ୍ଟ, ୨୦୨୬ ରେ ଏହା ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। 'ବଟୱାରା ୧୯୪୭'ର ପ୍ରୋମୋରେ ସନ୍ନି ଦେଓ୍ୱଲ୍ ଏକ ଦମଦାର୍ ଅନ୍ଦାଜରେ ଜଳୁଥିବା ମଶାଲ ଧରିଥିବାର ଦେଖାଯାଇଛନ୍ତି। ତାଙ୍କ ପଛରେ ପ୍ରୀତି ଜିନ୍‌ଟା, କରଣ ଦେଓ୍ୱଲ ଏବଂ ଖୁସି ହଜାରେ ଠିଆ ହୋଇଥିବାର ଦେଖାଯାଇଛନ୍ତି। ସେମାନଙ୍କ ମୁହଁରେ ସ୍ପଷ୍ଟ ଭାବେ ଭୟ ଏବଂ ବ୍ୟାକୁଳତା ଦେଖାଯାଉଛି। ଏ.ଆର୍. ରେହମାନଙ୍କ ହୃଦୟଛୁଆଁ ବ୍ୟାକଗ୍ରାଉଣ୍ଡ ମ୍ୟୁଜିକ ଦୃଶ୍ୟଗୁଡ଼ିକର ଭାବପ୍ରବଣତାକୁ ଆହୁରି ଗଭୀର କରୁଛି। ଫିଲ୍ମ ନିର୍ମାତା ଟିଜର୍ ସେୟାର୍ କରି ଲେଖିଛନ୍ତି, "ଘୃଣା ଏବଂ ଭୟର ପରିବେଶରେ, ସେମାନେ ସାହସର ମାର୍ଗ ବାଛିଲେ। ୧୪ ଅଗଷ୍ଟ, ୨୦୨୬ରେ ସିନେମା ହଲ୍‌ରେ 'ବଟୱାରା ୧୯୪୭' ଦେଖନ୍ତୁ।" 'ବଟୱାରା ୧୯୪୭' ର ରିଲିଜ୍ ଦିନ ଇମ୍ରାନ୍ ହାସ୍‌ମୀଙ୍କ 'ଆୱାରପନ୍ ୨' ମଧ୍ୟ ମୁକ୍ତିଲାଭ କରିବ। ତେବେ ବକ୍ସ ଅଫିସ୍‌ରେ ସନ୍ନି କି ଇମ୍ରାନ୍ କିଏ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ମିନିଟ୍‌କରେ ୧୨୭୩ ଗ୍ରାମ୍ ମହୁ ପିଇ ଗିନିଜ୍ ରେକର୍ଡ

ଜର୍ମାନୀର ସ୍ପିଡ୍ ଇଟିଂ ଚାମ୍ପିୟନ୍ ଆଣ୍ଡ୍ରେ ଓର୍ଟୋଲ୍ଫ ପୁଣି ଥରେ ଏକ ଚମତ୍କାର କରି ଦେଖାଇଛନ୍ତି। ଏକ ମିନିଟ୍‌ରେ ସେ ୧୨୭୩ ଗ୍ରାମ୍ ମହୁ ପିଇ ଗିନିଜ୍ ବିଶ୍ୱ ରେକର୍ଡ କରିଛନ୍ତି। ସେ ଏହି ରେକର୍ଡ ୨୬ ଜୁଲାଇ, ୨୦୨୫ ମସିହାରେ ଜର୍ମାନୀର ଆଗସ୍‌ବର୍ଗରେ କରିଥିଲେ। ଏହି ରେକର୍ଡ କରି ସେ ଏବେ ବିଶ୍ୱର ସବୁଠୁ ଶୀଘ୍ର ମହୁ ଖାଉଥିବା ବ୍ୟକ୍ତି ପାଲଟି ଯାଇଛନ୍ତି। ୧୨୭୩ ଗ୍ରାମ୍‌ର ମହୁ ଜଣେ ଖାଇବା ଅସମ୍ଭବ ଲାଗିବ। କାରଣ ଏଥିରେ ୪୦୦୦ କ୍ୟାଲୋରୀରୁ ଅଧିକ ଶର୍କରା ଥାଏ। ଏହାସତ୍ତ୍ୱେ ଆଣ୍ଡ୍ରେ ଏହାକୁ ଏତେ ଜୋର୍‌ରେ ପିଇ ଚାଲିଥିଲେ ଯେକେହି ଦେଖିଲେ ଆଶ୍ଚର୍ଯ୍ୟ ପ୍ରକାଶ କରିବେ। ତାଙ୍କର ଏହି କାରନାମାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତାଙ୍କର ଏହି ରେକର୍ଡ ପରେ ଲୋକେ ତାଙ୍କୁ ହ୍ୟୁମାନ ବି, ମହୁ ରାଜା ନାମରେ ସମ୍ବୋଧନ କରୁଛନ୍ତି। ତେବେ ଆଣ୍ଡ୍ରେ ଜଣେ ପ୍ରଫେସନାଲ ରେକର୍ଡ ବ୍ରେକର୍ ଭାବେ ଜଣାଯାନ୍ତି। ସେ ଏହା ପୂର୍ବରୁ ମଧ୍ୟ ମିନଟକରେ ଅଧିକ ହଟ୍‌ସସ୍ ପିଇବା, ଦହି ଖାଇବା ଏବଂ ଅନ୍ୟାନ୍ୟ ଫୁଡ୍ ଚ୍ୟାଲେଞ୍ଜ କରି ଗିନିଜ୍ ରେକର୍ଡ କରିଛନ୍ତି। ଏନେଇ ଆଣ୍ଡ୍ରେଙ୍କ କହିବା କଥା, ସେ ଏହି ରେକର୍ଡ କରିବା ପାଇଁ ସ୍ୱତନ୍ତ୍ର ତାଲିମ ନିଅନ୍ତି। ପେଟର ଖାଦ୍ୟ କ୍ଷମତା ବୃଦ୍ଧି କରିବା, ଶ୍ୱାସକ୍ରିୟା ଧରି ରଖିବା କୌଶଳ, ଦ୍ରୁତବେଗରେ ଚୋବାଇବା ଏବଂ ଗିଳିବା ଆଦି ଅଭ୍ୟାସ ତାଙ୍କ ତାଲିମ୍‌ର ଅଂଶବିଶେଷ। ତେବେ ଗିନିଜ୍ ରେକର୍ଡ ପକ୍ଷରୁ ଏହି ରେକର୍ଡକୁ ନେଇ ସ୍ପଷ୍ଟ କରାଯାଇଛି। ତେବେ ନିୟମ ଅନୁଯାୟୀ, ମହୁକୁ ଘରୋଇ ତାପମାତ୍ରାରେ ରଖାଯାଇଥିଲା ଏବଂ ଆଣ୍ଡ୍ରେ କୌଣସି ସାହାଯ୍ୟ ବିନା ତାହାକୁ ଖାଇଥିଲେ। ରେକର୍ଡ କରିବା ପରେ ସେ ଏନେଇ ବେଶ୍ ଖୁସି ହୋଇଥିଲେ। ଅବଶ୍ୟ ଏତେ ମାତ୍ରାରେ ମହୁ ଖାଇବା ପରେ ତାଙ୍କ ମୁହଁ ଏବଂ ପୋଷାକ ଚିପ୍‌ଚିପା ହୋଇଯାଇଥିଲା। ତେବେ ଏହି ରେକର୍ଡ କରିବା ପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ନେଇ ସତର୍କ କରିଛନ୍ତି। ଏକାସାଥିରେ ଏତେମାତ୍ରାରେ ମହୁ ଖାଇଲେ ଏହା ଶରୀରକୁ ଭାରାକ୍ରାନ୍ତ କରିପାରେ। ଏପରିକି ଶରୀରରେ ରକ୍ତ ଶର୍କରା ମାତ୍ରା ଅଚାନକ ବଢ଼ିବା ଏବଂ ପେଟ ସହ ଦାନ୍ତରେ ସମସ୍ୟା ହେବାର ଆଶଙ୍କା ଥାଏ। ଏନେଇ ଆଣ୍ଡ୍ରେଙ୍କ କହିବା କଥା, ଏହି ଚ୍ୟାଲେଞ୍ଜ ପାଇଁ ସେ ନିଜକୁ ପ୍ରସ୍ତୁତ କରି ରଖିଥାନ୍ତି ଓ ରେକର୍ଡ ପରେ ସେ ଏଦିଗରେ ବେଶ୍ ଯତ୍ନ ନିଅନ୍ତି।



# କମୁଛି ମଣିଷଙ୍କ ଗରମ ସହିବା ଶକ୍ତି



ଏବେ ଭୀଷଣ ଗରମ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହୁଛି। ଏଭଳି ପରିସ୍ଥିତିରେ ଗରମରୁ ଆଶ୍ୱସ୍ତି ପାଇବା ଲାଗି ଏସି ରୁମ୍‌ରେ ଲୋକେ ରହିବାକୁ ପସନ୍ଦ କରୁଛନ୍ତି। ତେଣୁ ଏବେ ଅଫିସ୍ ହେଉ କି ଘର ହେଉ ବିନା ଏସିରେ ରହିବା ଲୋକଙ୍କ ପକ୍ଷେ ଏକପ୍ରକାର କଷ୍ଟକର ହୋଇ ପଡ଼ିଛି। ଲୋକଙ୍କର ଏଭଳି ଅଭ୍ୟାସକୁ ଦେଖି ଡାକ୍ତର ତଥା ଗବେଷକଙ୍କ କହିବା କଥା, ଲଗାତାର ଏସିରେ ରହିବା ଅଭ୍ୟାସ ଧୀରେ ଧୀରେ ମଣିଷର ଗରମ ସହିବାର ପ୍ରାକୃତିକ କ୍ଷମତାକୁ ଦୁର୍ବଳ କରିପାରେ। ମଣିଷର ଶରୀର ବଦଳୁଥିବା ପାଗ ଅନୁସାରେ ସେଭଳି ନିଜକୁ ପ୍ରସ୍ତୁତ କରିଥାଏ। ଯେତେବେଳେ ଜଣେ ଗରମ ପରିବେଶରେ ରୁହେ, ଶରୀରରୁ ଝାଳ ବହେ। ଏହିପରି ଭାବେ ମଣିଷ ଶରୀର ପ୍ରାକୃତିକ ଭାବେ ଥଣ୍ଡା ରଖିଥାଏ। ହେଲେ ଜଣେ ଯେତେବେଳେ ଅଧିକ ସମୟ ଏୟାର୍ କଣ୍ଡିସନର ରୁମ୍‌ରେ ଅତିବାହିତ କରନ୍ତି, ଏହି ପ୍ରାକୃତିକ କୁଲିଂ ସିଷ୍ଟମ ଦୁର୍ବଳ ହୋଇଯାଏ। ଏହାର ଅର୍ଥ ହେଉଛି, ଜଣେ ବ୍ୟକ୍ତି ଯେଉଁ ତାପମାତ୍ରାରେ ଅଧିକ ସମୟ ଅତିବାହିତ କରନ୍ତି, ଶରୀର ସେହି ତାପମାତ୍ରାରେ ରହିବାରେ ଅଭ୍ୟସ୍ତ ହୋଇଯାଏ। ଜଣେ ସବୁବେଳେ ଏସିରେ ରହିଲେ, ଅଳ୍ପ ଗରମ ବି ଅସହନୀୟ ଲାଗିବ। ଏହି କାରଣ ଯୋଗୁଁ ଏବେ ଲୋକେ ଅଳ୍ପ ସମୟ ପାଇଁ ବିଦ୍ୟୁତ୍ କାଟ୍ ହେଲେ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ସେହିପରି ଡାକ୍ତରଙ୍କ ମତରେ ଆବଶ୍ୟକତାଠାରୁ ଅଧିକ ଏସି ବ୍ୟବହାର ଯୋଗୁଁ ଶରୀର ଶୁଷ୍କ ହୋଇ ଯାଉଛି। ଦୀର୍ଘ ସମୟ ଧରି ଏସିରେ ରହୁଥିବା ଲୋକଙ୍କଠାରେ ଶୁଷ୍କ ତ୍ୱଚା, ଆଖି ଜଳାପୋଡ଼ା, ଗଳା ଶୁଖିଯିବା ଭଳି ସମସ୍ୟା ଦେଖା ଦିଏ। ସେହିଭଳି ଅନେକ ଗବେଷଣାରୁ ଜଣାପଡ଼ିଛି, ଯେଉଁ ଅଫିସ୍‌ଗୁଡ଼ିକରେ ପ୍ରାକୃତିକ ଆଲୋକ ଓ ପବନ ପଶିପାରୁନାହିଁ ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଶ୍ୱାସକ୍ରିୟା ଜନିତ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ।

# ଖାଆନ୍ତୁନି ଏକ୍ସପାଏରୀ ଔଷଧ



ଶାରୀରିକ ସମସ୍ୟାରୁ ମୁକ୍ତି ପାଇଁ ବିଭିନ୍ନ ଚିକିତ୍ସା ପଦ୍ଧତି ଅବଲମ୍ବନ କରିବାକୁ ପଡ଼ିଥାଏ। ପ୍ରଥମତଃ ଆଶୁ ଆରୋଗ୍ୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ। ଔଷଧ ସେବନ କରି ଲୋକେ ସୁସ୍ଥ ହୋଇଥାଆନ୍ତି। ହେଲେ ଅନେକ ସମୟରେ ଲୋକେ ଅଜାଣତରେ ଏକ୍ସପାଏରୀ ଔଷଧ ଖାଇ ଦେଇଥାନ୍ତି। ଏଥିଯୋଗୁଁ ବିଭିନ୍ନ ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତେଣୁ ଏକ୍ସପାଏରୀ ହୋଇଯାଇଥିବା ଔଷଧ ଖାଇବା ଅନୁଚିତ।

ସାଧାରଣତଃ ପ୍ରତ୍ୟେକ ଔଷଧରେ କମ୍ପାନୀ ତରଫରୁ ତାର ଏକ୍ସପାଏରୀ ତାରିଖର ସୁରକ୍ଷା ସୀମା ରଖାଯାଏ। ହେଲେ ଔଷଧ ଯଦି ଏକ୍ସପାଏରୀ ହୋଇଯାଏ ଏହାକୁ ଖାଇଲେ ଶରୀରରେ କିଛି ପାର୍ଶ୍ୱ ପତିକ୍ରିୟା ଦେଖାଯାଇଥାଏ। ସେହିଭଳି ପ୍ରତ୍ୟେକ ଔଷଧର ଭିନ୍ନ ଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ରହିଥାଏ।

## ଏକ୍ସପାଏରୀ ଔଷଧର କାମ କରିବା କ୍ଷମତା ହ୍ରାସ ପାଏ

କିଛି ଲୋକ ଅଜାଣତରେ ଏକ୍ସପାଏରୀ ଔଷଧ ଖାଇଥାନ୍ତି। ଏକ୍ସପାଏରୀ ତାରିଖ ସରି ଯାଇଥାଇଥିବାରୁ ଔଷଧ କାମ ଦିଏ ନାହିଁ। କାରଣ ଯେକୌଣସି ନିର୍ଦ୍ଦିଷ୍ଟ ଔଷଧ ଖାଇବାର ତାହାର ମାତ୍ରା ବା ଡୋଜ୍ ରହିଥାଏ। ହେଲେ ଏକ୍ସପାଏରୀ ତାରିଖ ପରେ ସମାନ ଔଷଧରେ ମାତ୍ରା ଓ କାମ କରିବାର କ୍ଷମତା ହ୍ରାସ ପାଏ। ପ୍ରତ୍ୟେକ ଔଷଧ ସେବନର ପାର୍ଶ୍ୱ ପ୍ରତିକ୍ରିୟା ଭିନ୍ନ ଭିନ୍ନ ହୋଇଥାଏ। ତେଣୁ ଔଷଧ କିଣିବା ଏବଂ ଖାଇବା ପୂର୍ବରୁ ତାର ଏକ୍ସପାଏରୀ ତାରିଖ ଯାଞ୍ଚ କରିବା ନିହାତି ଜରୁରି। ଏକ୍ସପାଏରୀ ଔଷଧକୁ ଫିଙ୍ଗି ଦିଅନ୍ତୁ। ଭୁଲ୍‌ରେ ଏକ୍ସପାଏରୀ ଔଷଧ ଖାଇଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ।

- ଡାକ୍ତର ଦୀପକ ରଞ୍ଜନ ଦାସ
ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମ ମେଡିକାଲ କଲେଜ ଏଣ୍ଡ ହସ୍‌ପିଟାଲ, କଟକ

## ଏକ୍ସପାଏରୀ ଔଷଧ ଖାଇବା ଅନୁଚିତ

ଔଷଧର ମାତ୍ରା ବୟସ, ଓଜନ, ରୋଗର ଗମ୍ଭୀରତା ଏବଂ ସ୍ୱାସ୍ଥ୍ୟଗତ ଅବସ୍ଥା ଉପରେ ନିର୍ଭର କରିଥାଏ। ହେଲେ ଔଷଧର ଯେତିକି ମାତ୍ରା ଥାଏ, ଉଦାହରଣ ସ୍ୱରୂପ ୫ ମିଲି ଗ୍ରାମ୍ କିମ୍ବା ଅନ୍ୟାନ୍ୟ ମାତ୍ରା ତାହା ଏକ୍ସପାଏରୀ ଔଷଧରେ ବେଶ୍ କମ୍ ରହିବାର ଆଶଙ୍କା ଥାଏ। ଏହି ଔଷଧର ଗୁଣବତ୍ତା ଓ ତାହାର ନିର୍ଦ୍ଦିଷ୍ଟ ମାନକ ମାତ୍ରା ହ୍ରାସ ପାଇଥାଏ। ଫଳରେ ଜଣେ ବ୍ୟକ୍ତି ଜ୍ୱର, କର୍କଟ, ସଂକ୍ରମଣ ତଥା ଅନ୍ୟାନ୍ୟ ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ଔଷଧ ସେବନ କରୁଥିଲେ ସେଥିରେ ଉପଶମ ମିଳେନାହିଁ। ଏହାଦ୍ୱାରା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇପାରେ। ସେଥିପାଇଁ ସର୍ବଦା ଏକ୍ସପାଏରୀ ତାରିଖ ଦେଖି ଔଷଧ କିଣିବା ଓ ଖାଇବା ଆବଶ୍ୟକ।

ପ୍ରଫେସର ଡା. ଚିରରଞ୍ଜନ ଖାଡ଼ଙ୍ଗା,
ସିନିୟର କନ୍‌ସଲଟାଣ୍ଟ, ରେଡିଏସନ୍ ଅଙ୍କୋଲୋଜି
ସମ୍ ଅଲ୍ଟିମେଟ୍ ମେଡିକେୟାର, ଭୁବନେଶ୍ୱର

## ସଞ୍ଜୀବନୀ



# ପିକା ଡିଜ୍‌ଅର୍ଡର



ଅଧିକାଂଶ ପିଲାମାନେ ଚକ୍, ଇଟାଗୁଣ୍ଡ, ପାଉଁଶ, କାଗଜ କିମ୍ବା ମାଟି ଖାଇ ଦିଅନ୍ତି। ପିଲାଙ୍କ ଏହି ଅଭ୍ୟାସକୁ ଅନେକ ସାଧାରଣ ଭାବିଥାନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଶରୀରରେ ଲୌହସାର ଅଭାବରୁ ଏହି ସମସ୍ୟା ଦେଖାଯାଏ। ଏହାକୁ ପିକା ଡିଜ୍‌ଅର୍ଡର କୁହାଯାଏ। ବେଳେ ବେଳେ ଗର୍ଭବତୀ ମହିଳା ଏବଂ ରକ୍ତହୀନତା ପୀଡ଼ିତଙ୍କଠାରେ ଏହି ଲକ୍ଷଣ ଦେଖାଯାଏ।

ଲୌହସାର ଅଭାବରୁ ଶରୀର ଏବଂ ମସ୍ତିଷ୍କର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥାଏ। ଫଳରେ ପିଲା ମାଟି, ଚକ୍, ପାଉଁଶ, କାଗଜ ଆଦି ଖାଇବାକୁ ଇଚ୍ଛା କରନ୍ତି। ପିକା ଡିଜ୍‌ଅର୍ଡର ଯୋଗୁଁ ଶରୀରରେ ରକ୍ତହୀନତା ଲକ୍ଷଣ ଦେଖାଯାଏ। ତେଣୁ ପିଲାଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଦେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଆବଶ୍ୟକ। ଏପରିସ୍ଥିତିରେ ଡାକ୍ତର ଲୌହସାର ପରୀକ୍ଷା କରିବାକୁ ପରାମର୍ଶ ଦିଅନ୍ତି। ଏହାସହ ପିତାମାତା ପିଲାଙ୍କ ଖାଦ୍ୟଶୈଳୀରେ ପରିବର୍ତ୍ତନ ଆଣି ପାରିବେ। ପିଲାଙ୍କୁ ଲୌହସାରଯୁକ୍ତ ଖାଦ୍ୟ ଯଥା- ସବୁଜ ପନିପରିବା, ଚଣା ଡାଲି, ଗୁଡ଼, ଶସ୍ୟ, କିସ୍‌ମିସ୍, ଖଜୁରୀ, ସୋୟାବିନ୍, ଅଣ୍ଡା, ମାଂସ ଏବଂ ମାଛ ଆଦି ଖାଇବାକୁ ଦେବା ଏକାନ୍ତ ଆବଶ୍ୟକ।

# ନିୟନ୍ତ୍ରଣରେ ରହିବ କୋଲେଷ୍ଟ୍ରଲ୍



ବିଶୃଙ୍ଖଳିତ ଜୀବନଶୈଳୀ, ଲଗାତାର ବସି ରହି କାମ କରିବା, ଶାରୀରିକ ନିଷ୍କ୍ରିୟତା ଆଦି କାରଣରୁ କମ୍ ବୟସରୁ ଲୋକଙ୍କର କୋଲେଷ୍ଟ୍ରଲ୍ ମାତ୍ରା ଅଧିକ ରହୁଛି। ଶରୀରରେ ଖରାପ କୋଲେଷ୍ଟ୍ରଲ ବଢ଼ିଲେ ଧମନୀରେ ପ୍ଲାକ୍ ଜମା ହୁଏ। ଏହାଦ୍ୱାରା ହୃଦ୍‌ଘାତ ଏବଂ ମସ୍ତିଷ୍କାଘାତ ଆଶଙ୍କା ବଢ଼ିଯାଏ। ଏହି ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଖାଦ୍ୟରେ ସବୁଜ ପନିପରିବା ସାମିଲ କରି ପାରିବେ। କୋଲେଷ୍ଟ୍ରଲ୍ ଅଧିକ ରହୁଥିଲେ ଖାଦ୍ୟରେ ବ୍ରୋକୋଲି, ଫୁଲକୋବି, ଗାଜର, କଦଳୀ, ସହିତ ତଟକା ଫଳ, ଓଟ୍ସ, ଅଖରୋଟ ଖାଇବା ହିତକର। ଏଥିରେ ଭିଟାମିନ୍ ଏ, ସି, କେ, ପୋଟାସିୟମ୍, ଫାଇବର, ଆଣ୍ଟି-ଅକ୍ସିଡାଣ୍ଟ ଆଦି ଥିବାରୁ ଏହା ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଭଲ। ହୃଦୟ ଚର୍ବି ମୁକ୍ତ ରୁହେ। କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରୁହେ। ସକାଳୁ ଖାଲି ପେଟରେ କ୍ୱିୱି ଖାଇବା ଦ୍ୱାରା କୋଲେଷ୍ଟ୍ରଲସ୍ତର ନିୟନ୍ତ୍ରିତ ରହିଥାଏ। ଦୈନିକ ୩୦ ମିନିଟ୍ ଚାଲିବା ବା ଯୋଗାସନ କରି ପାରିବେ। ଲିପିଡ୍ ପ୍ରୋଫାଇଲ୍ ରକ୍ତ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା ଆବଶ୍ୟକ।

## ଘର ବଇଦ

### ଯାଦୁର ଉପଚାର

- ଚାକୁଣ୍ଡା ମଞ୍ଜି, ଗନ୍ଧକ ଲେମ୍ବୁରସରେ ଉତ୍ତମ ରୂପେ ମର୍ଦ୍ଦନ କରି ଯାଦୁରେ ଦିନ ମଧ୍ୟରେ ୫ଥର ଲଗାଇଲେ ଦୁଇ ଦିନରେ ଯାଦୁ ଭଲ ହୁଏ।
- ଝୁଣା, ଟାଙ୍ଗଣା, ଗନ୍ଧକ, ଫିଟିକିରି ସମଭାଗ କରି ପାଣିରେ ବାଟି ପ୍ରଲେପ ଦେଲେ ଅଳ୍ପ ଦିନରେ ଯାଦୁ ଭଲ ହୁଏ।
- ମନଃଶିଳା, ରାଶିତେଲ, ଅରଖ କ୍ଷୀର ସମଭାଗ ବାଟି ଲଗାଇଲେ ଯାଦୁ ଭଲ ହୋଇଥାଏ।
- ଚାକୁଣ୍ଡା ମଞ୍ଜି ଓ କୁଡ଼ ସମଭାଗ ଗୋମୂତ୍ରରେ ବାଟି ଲେପ ଦେବା ଫଳପ୍ରଦ।

କେବଳ ଚାକୁଣ୍ଡାଚେରକୁ ବାଟି କିଛି ଦିନ ଲଗାଇଲେ ଯାଦୁ ଭଲ ହୋଇଯାଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

---

ଅତ୍ୟାଧୁନିକ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ଚିନ୍ତା ଆଦି ବିଭିନ୍ନ କାରଣରୁ ହାଡ଼ ଜନିତ ସମସ୍ୟା ଦେଖାଯାଉଛି। ବୟସ ବଢ଼ିଲେ ହାଡ଼ରେ ଛିଦ୍ର ହୋଇ ଫମ୍ପା ହୋଇଯାଏ। ହାଡ଼ ଦୁର୍ବଳ ହୋଇଥାଏ। ସାମାନ୍ୟ ଆଘାତ ଲାଗିଲେ ବି ହାଡ଼ ଭାଙ୍ଗିବାର ଆଶଙ୍କା ଥାଏ। ଏହାକୁ ଅଷ୍ଟିଓପୋରୋସିସ୍ କୁହାଯାଏ। ମହିଳାଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ। ମୁଖ୍ୟତଃ ହାଡ଼ ଦୁର୍ବଳ ହେଉଛି କି ନାହିଁ, ଏହା ଭାଙ୍ଗିବାର ଆଶଙ୍କା ଅଛି କି ନାହିଁ, ଅସ୍ଥିର ଘନତ୍ୱ, ମିନେରାଲ୍ ଏବଂ ଏହାର ସ୍ଥିତିକୁ ଆକଳନ କରିବାକୁ ବୋନ୍ ମିନେରାଲ ଡେନ୍‌ସିଟି (ବିଏମ୍‌ଡି) ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା। ଏହି ପରୀକ୍ଷା ଅସ୍ଥି ମଧ୍ୟରେ କ୍ୟାଲସିୟମ୍ ଏବଂ ଅନ୍ୟ ମିନେରାଲ୍‌କୁ ମାପିଥାଏ। ବିଏମ୍‌ଡି ପରୀକ୍ଷାରେ କମ୍ ତୀବ୍ରତା ଏକ୍ସରେ ବ୍ୟବହାର କରି ମେରୁଦଣ୍ଡ, ହାତର ହାଡ଼, ନିତମ୍ବ ଅସ୍ଥି ପରୀକ୍ଷା କରାଯାଏ। ଏହା ଏକ ଯନ୍ତ୍ରଣାମୁକ୍ତ ପରୀକ୍ଷା। ପରୀକ୍ଷାରେ ଟିସ୍କୋର -୧ ଏବଂ -୨.୫ ମଧ୍ୟରେ ରହିବା ଅଷ୍ଟିଓପେନିଆକୁ ଦର୍ଶାଉଥିବାବେଳେ -୨.୫ରୁ -୫ରୁ କମ୍ ରହିବା ଅଷ୍ଟିଓପୋରୋସିସ୍‌କୁ ସୂଚାଇଥାଏ। ମେନୋପଜ ପରେ ମହିଳାମାନେ ଅଷ୍ଟିଓପୋରୋସିସ୍‌ରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। ଡାକ୍ତରଙ୍କ ପରାମର୍ଶରେ ଏହି ପରୀକ୍ଷା କଲେ ହାଡ଼ ଭାଙ୍ଗିବା ଆଶଙ୍କା ହ୍ରାସ ପାଏ। ସାମାନ୍ୟ ଆଘାତରେ ଅସ୍ଥି ଭାଙ୍ଗୁଥିଲେ, ବାରମ୍ବାର ଫ୍ରାକ୍‌ଚର ହେଉଥିଲେ, ଷ୍ଟେରଏଡ୍ ସେବନ କରୁଥିବା ବ୍ୟକ୍ତି ଏହି ଟେଷ୍ଟ କରିବା ଆବଶ୍ୟକ। ପୂର୍ବରୁ ହାଡ଼ ସମସ୍ୟା ଥିଲେ ସତର୍କତା ଅବଲମ୍ବନ ଓ ନିୟମିତ ପରୀକ୍ଷା ଆବଶ୍ୟକ। ଖାଦ୍ୟରେ କ୍ୟାଲସିୟମ୍, ଭିଟାମିନ୍ ଡି, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କରି ପାରିବେ।



# ସର୍ବବୃହତ୍ ବିଶ୍ୱକପ୍

# ୪୮ ଟିମ୍, ୧୦୪ ମ୍ୟାଚ୍ ୧୨୪୮ ଖେଳାଳି

**ମେକ୍ସିକୋ ସିଟିରେ ଆଜି ଆରମ୍ଭ ହୋଇଛି ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ। ଏହି ବିଶ୍ୱକପ୍‌କୁ ପ୍ରଥମଥର ୩ଟି ଦେଶ ଯଥା ଆମେରିକା, ମେକ୍ସିକୋ ଓ କାନାଡା ଆୟୋଜନ କରୁଛନ୍ତି। ଫୁଟବଲକୁ ଅଧିକ ଲୋକପ୍ରିୟ କରାଇବା ଲାଗି ଏଥର ବିଶ୍ୱକପ୍‌ରେ ୪୮ ଟି ଦେଶ ଅଂଶଗ୍ରହଣ କରୁଥିଲାବେଳେ ୧୨୪୮ ଜଣ ଖେଳାଳି ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବେ। ଏଥର ମୋଟ ୧୦୪ଟି ମ୍ୟାଚ୍ ୩୯ ଦିନରେ ଖେଳାଯିବ। ୧୯୯୮ରୁ ୨୦୨୨ ମଧ୍ୟରେ ଆୟୋଜିତ ବିଶ୍ୱକପ୍‌ରେ ସର୍ବାଧିକ ୬୪ଟି ମ୍ୟାଚ୍ ଖେଳାଯାଇଥିଲା। ଫଳରେ ଏସବୁ କ୍ଷେତ୍ରରେ ନୂଆ ରେକର୍ଡ ସୃଷ୍ଟି ହୋଇସାରିଛି। ଚଳିତ ବିଶ୍ୱକପ୍ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ଏସବୁ ସଂଖ୍ୟା ପୂର୍ବରୁ କେବେ ବିଶ୍ୱକପ୍‌ରେ ହୋଇ ନ ଥିଲା। ଫଳରେ ଫିଫା ବିଶ୍ୱକପର ଚଳିତ ସଂସ୍କରଣକୁ ସର୍ବବୃହତ୍ ବିଶ୍ୱକପ୍ ବୋଲି ବିବେଚନା କରାଯାଉଛି।**

ବିଶ୍ୱଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କଠାରୁ ଆରମ୍ଭ କରି ଲିଓନେଲ ମେସିଙ୍କ ପର୍ଯ୍ୟନ୍ତ ଇତିହାସ ସୃଷ୍ଟି ଅପେକ୍ଷାରେ ରହିଛନ୍ତି। ଏଥର ଗୋଟିଏ ଟିମ୍ ୭ଟି ମ୍ୟାଚ୍ ଖେଳିବାର ସମ୍ଭାବନା ଥିବାରୁ ଫିଫା ବିଶ୍ୱକପ୍‌ର ଅନେକ ରେକର୍ଡ ଏଥର ଭାଙ୍ଗିଯିବ। ଏଥର ୧୨୪୮ ଜଣ ଖେଳାଳି ୭୧ଟି ଦେଶରେ ଥିବା ୪୪୯ଟି କ୍ଲବ୍‌ରୁ ଆସିଛନ୍ତି।

ଏଥର ବିଶ୍ୱକପ୍ ୩ଟି ଦେଶର ୧୬ଟି ଭେନ୍ୟୁରେ ଖେଳାଯିବ। ଏହା ମଧ୍ୟରୁ ଆମେରିକାରେ ସର୍ବାଧିକ ୧୧ଟି, ମେକ୍ସିକୋରେ ୩ଟି ଓ କାନାଡାରେ ୨ଟି ଭେନ୍ୟୁ ରହିଛି। ମୋଟ ୧୦୪ଟି ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଆମେରିକାରେ ସର୍ବାଧିକ ୭୮ଟି, ମେକ୍ସିକୋ ଓ କାନାଡାରେ ୧୩ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଆମେରିକାରେ କ୍ୱାର୍ଟର, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଆୟୋଜିତ ହେବ।

### ୮୯୧ ନୂଆ ଖେଳାଳି

ଏଥର ୧୨୪୮ ଜଣ ଖେଳାଳି ଭାଗନେଉଥିଲାବେଳେ ପ୍ରଥମଥର ୮୯୧ଜଣ ଖେଳାଳି ପ୍ରଥମଥର ବିଶ୍ୱକପ୍ ଖେଳିବେ। ୩୫୭ଜଣ ଗତ ବିଶ୍ୱକପ୍‌ରେ ଭାଗନେଇଥିଲେ। ଇଂଲଣ୍ଡରେ ଖେଳାଯାଉଥିବା କ୍ଲବ୍ ଫୁଟବଲରୁ ସର୍ବାଧିକ ୨୦୦, ଜର୍ମାନୀରୁ ୧୦୯, ଫ୍ରାନ୍ସ ଓ ସ୍ପେନ୍‌ରୁ ୮୬ଜଣ ଲେଖାଏଁ, ଇଟାଲୀରୁ ୭୧, ସାଉଦି ଆରବରୁ ୪୯ ଓ ଆମେରିକାରେ ମେଜର ଲିଗ୍ ଖେଳୁଥିବା ୪୪ଜଣ ଖେଳାଳି ଏଥର ବିଶ୍ୱକପ୍‌ରେ ଭାଗନେଉଛନ୍ତି।

### ମାଞ୍ଚେଷ୍ଟରରୁ ସର୍ବାଧିକ ୧୯ ଜଣ

ଇଂଲଣ୍ଡ ପ୍ରିମିୟର ଲିଗ୍‌ର ଶକ୍ତିଶାଳୀ ଟିମ୍ ମାଞ୍ଚେଷ୍ଟର ୟୁନାଇଟେଡ ସର୍ବାଧିକ ୧୯ଜଣ ଖେଳାଳି ବିଶ୍ୱକପ୍ ପଠାଇଛି। ଜର୍ମାନୀର ବିୟର୍ଣ୍ଣ ମ୍ୟୁନିକ୍‌ରୁ ୧୮, ପ୍ୟାରିସ୍ ସେଣ୍ଟ ଜର୍ମେନ ଓ ଆର୍ସେନଲରୁ ୧୬ଜଣ ଲେଖାଏଁ, ବାର୍ସିଲୋନାରୁ ୧୫ଜଣ ଖେଳାଳି ଏଥର ବିଶ୍ୱକପ୍‌ରେ ଖେଳୁଛନ୍ତି।

### ସର୍ବାଧିକ ମ୍ୟାଚ୍ ଓ ବିଶ୍ୱକପ୍

ପର୍ତ୍ତୁଗାଲର ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ସର୍ବାଧିକ ୨୨୬ଟି ଅନ୍ତର୍ଜାତୀୟ ମ୍ୟାଚ୍‌ର ଅଭିଜ୍ଞତା ଥାଇ ଏଥର ବିଶ୍ୱକପ୍ ଖେଳୁଛନ୍ତି। ୪୧ବର୍ଷୀୟ ରୋନାଲ୍ଡୋ ଓ ୩୯ ବର୍ଷୀୟ ମେସି ଏଠାରେ ଷଷ୍ଠ ବିଶ୍ୱକପ୍ ଖେଳିବେ। ରୋନାଲ୍ଡୋ ପ୍ରଥମ ଖେଳାଳିଭାବେ ୫ଟି ବିଶ୍ୱକପ୍‌ରେ ଗୋଲ ଦେବାର ରେକର୍ଡ କରିଛନ୍ତି। ଅନ୍ୟପକ୍ଷରେ ମେସି ସର୍ବାଧିକ ୨୬ଟି ବିଶ୍ୱକପ୍ ମ୍ୟାଚ୍ ଖେଳିବାର ରେକର୍ଡର ଅଧିକାରୀ।




### ବିପଦରେ କ୍ଲୋଜ୍‌ଙ୍କ ରେକର୍ଡ

ବିଶ୍ୱକପ୍ ଇତିହାସରେ ଜର୍ମାନୀର ଷ୍ଟ୍ରାଇକର ମିରୋସ୍ଲାଭ୍ କୋଜ୍ ସର୍ବାଧିକ ୧୬ଟି ଗୋଲ ଦେଇ ରେକର୍ଡ କରିଛନ୍ତି। ଏଥର ଦୁଇ ସୁପରଷ୍ଟାର ଯଥା ୧୩ଟି ଗୋଲ ଦେଇଥିବା ମେସି ଓ କିଲିଆନ୍ ଏମ୍‌ବାପେ ୧୨ଟି ଗୋଲ ଦେଇ ଏହି ରେକର୍ଡକୁ ଅତିକ୍ରମ କରିବେ ବୋଲି ଆଶା କରାଯାଉଛି। ଏଥର ଜଣେ ଖେଳାଳି ସର୍ବାଧିକ ୭ଟି ମ୍ୟାଚ୍ ଖେଳିବାକୁ ଥିବାରୁ କ୍ଲୋଜ୍‌ଙ୍କ ରେକର୍ଡ ପ୍ରତି ବିପଦ ସୃଷ୍ଟି ହୋଇଛି।

### ୨୫ ବର୍ଷ ଫରକ

ଚଳିତ ବିଶ୍ୱକପ୍‌ରେ ଭାଗନେଇଥିବା ବୟୋଜ୍ୟେଷ୍ଠ ଓ ସର୍ବକନିଷ୍ଠ ଖେଳାଳିଙ୍କ ମଧ୍ୟରେ ୨୫ବର୍ଷର ଫରକ ରହିଛି। ସ୍କଟଲାଣ୍ଡ ଗୋଲରକ୍ଷକ କ୍ରେଗ୍ ଗର୍ଡନ ୪୩ବର୍ଷ ୧୬୨ ଦିନରେ ବିଶ୍ୱକପ୍‌ର ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ସେହିପରି ସର୍ବକନିଷ୍ଠ ଖେଳାଳି ଭାବେ ମେକ୍ସିକୋର ରାଇଜିଂଷ୍ଟାର ଗିଲବର୍ଟ ମୋରାଙ୍କ ବୟସ ୧୭ବର୍ଷ ଓ ୨୪୦ ଦିନ ରହିଛି।







## ଏଥର ବିଶ୍ୱକପ୍‌ର ପ୍ରମୁଖ ନୂଆ ନିୟମ

**ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବିଶ୍ୱକପ୍ ପାଇଁ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ଅନେକ ନୂତନ ନିୟମ ଘୋଷଣା କରିଛି। ଏହି ନିୟମଗୁଡ଼ିକ ଚଳିତ ସଂସ୍କରଣରେ ପଦାର୍ପଣ କରିବ। ତେଣୁ ଏହି ନିୟମଗୁଡ଼ିକ ଉପରେ ନଜର ପକାଇବା।**

- ଯଦି କୌଣସି ଖେଳାଳି ମୁହଁରେ ହାତ ରଖି ପ୍ରତିପକ୍ଷ ଖେଳାଳିଙ୍କୁ କିଛି କହୁଥିବା ଦେଖାଯାଏ, ତେବେ ତାଙ୍କୁ ଲାଲ କାର୍ଡ ଦିଆଯାଇପାରିବ।
- ଯଦି କୌଣସି ଖେଳାଳି ମ୍ୟାଚ ଅଫିସିଆଲଙ୍କ ନିଷ୍ପତ୍ତିର ପ୍ରତିବାଦ କରି ପଡ଼ିଆ ଛାଡ଼ନ୍ତି ତେବେ ତାଙ୍କୁ ମଧ୍ୟ ଲାଲ କାର୍ଡ ମଧ୍ୟ ଦିଆଯାଇପାରେ।
- ରେଫରୀଙ୍କ ନିଷ୍ପତ୍ତି ଯୋଗୁଁ ଖେଳାଳିଙ୍କୁ ପଡ଼ିଆ ଛାଡିବାକୁ ପ୍ରୋତ୍ସାହିତ କରୁଥିବା ଦଳର ଯେକୌଣସି ଅଧିକାରୀଙ୍କୁ ଲାଲ କାର୍ଡ ଦିଆଯାଇପାରେ।
- ଯଦି ରେଫରି ନିର୍ଣ୍ଣୟ କରନ୍ତି ଯେ ଗୋଲ କିକ୍ ବିଳମ୍ବ ହୋଇଛି, ତେବେ ପାଞ୍ଚ ସେକେଣ୍ଡର ଭିଜୁଆଲ୍ କାଉଣ୍ଟଡାଉନ୍ ଆରମ୍ଭ ହେବ। ଯଦି ପାଞ୍ଚ ସେକେଣ୍ଡ ମଧ୍ୟରେ ଖେଳ ଆରମ୍ଭ ନ ହୁଏ ତେବେ ଗୋଲ କିକ୍ ବିପକ୍ଷ ଦଳ ପାଇଁ ଏକ କର୍ଣ୍ଣରରେ ପରିଣତ ହେବ।
- ଥ୍ରୋ-ଇନ୍ ପାଇଁ ସମାନ ପାଞ୍ଚ ମିନିଟ୍ କାଉଣ୍ଟଡାଉନ୍ ପ୍ରୟୋଗ ହେବ।
- ଯଦି ଜଣେ ଖେଳାଳିଙ୍କୁ ବଦଳାଯାଏ, ତେବେ ତାଙ୍କୁ ୧୦ ସେକେଣ୍ଡ ମଧ୍ୟରେ ପଡ଼ିଆ ଛାଡିବାକୁ ପଡିବ। ଯଦି ଖେଳାଳି ଏପରି କରିବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କୁ ପଡ଼ିଆ ଛାଡିବାକୁ ପଡିବ। କିନ୍ତୁ ବଦଳ ଖେଳାଳିଙ୍କୁ ଗୋଟିଏ ମିନିଟ୍ ପରେ ପଡ଼ିଆରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ।
- ଯଦି ଜଣେ ଖେଳାଳି ଆଘାତ ପାଆନ୍ତି, ଯାହା ଫଳରେ ମ୍ୟାଚ୍ ବନ୍ଦ ହୁଏ, ତେବେ ତାଙ୍କୁ ପଡ଼ିଆ ଛାଡିବାକୁ ପଡିବ। ଖେଳ ପୁନର୍ବାର ଆରମ୍ଭ ହେବାପରେ ଗୋଟିଏ ମିନିଟ୍ ପାଇଁ ସେହି ଖେଳାଳିଙ୍କୁ ବାହାରେ ରହିବାକୁ ପଡ଼ିବ।

## ଫିଫା ବିଶ୍ୱକପ୍ ୨୦୨୬

## ଫୋକସ୍‌ରେ ୫ ତାରକା ଡିଫେଣ୍ଡର

**ବିଶ୍ୱ ଫୁଟବଲ୍‌ର ମହାକୁମ୍ଭ ଫିଫା ବିଶ୍ୱକପ୍ ୨୦୨୬ ଆଜି ଆରମ୍ଭ ହୋଇଛି। ଆମେରିକା, ମେକ୍ସିକୋ ଓ କାନାଡାରେ ଆରମ୍ଭ ହେବାକୁ ଥିବା ଏହି ବିଶ୍ୱକପ୍‌ରେ ୪୮ ଟି ଦଳ ଖେଳିବେ ଓ ମୋଟ୍ ଉପରେ ୧୦୪ଟି ମ୍ୟାଚ୍ ଖେଳାଯିବ। ସାଧାରଣତଃ ଗୋଲ୍ ସ୍କୋରର ଓ ମିଡ଼ଫିଲ୍ଡରମାନେ ଅଧିକ ଚର୍ଚ୍ଚାରେ ରହୁଥିବାବେଳେ, ଆଧୁନିକ ଫୁଟବଲ୍‌ରେ ରକ୍ଷକମାନଙ୍କ ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଏଥର ବିଶ୍ୱକପ୍‌ରେ କିଛି ଡିଫେଣ୍ଡର ନିଜ ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରନ୍ତି।**




### ଗାବ୍ରିଏଲ୍ ମାଗାଲହାଏସ୍ (ବ୍ରାଜିଲ୍)

ବ୍ରାଜିଲ୍‌ର ଏହି ମଧ୍ୟଭାଗ ରକ୍ଷକ ଗତ ଋତୁରେ ନିଜ କ୍ଲବ୍ ପାଇଁ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏୟାରରେ ବଲ୍‌କୁ ନିୟନ୍ତ୍ରଣ କରିବା ଓ ବିପକ୍ଷ ଆକ୍ରମଣକୁ ରୋକିବାରେ ସେ ଦକ୍ଷ। ବ୍ରାଜିଲ୍‌ର ଷଷ୍ଠ ବିଶ୍ୱକପ୍ ସ୍ୱପ୍ନ ପୂରଣରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ।




### ୱିଲିୟମ୍ ସାଲିବା (ଫ୍ରାନ୍ସ)

ଫ୍ରାନ୍ସର ରକ୍ଷଣଭାଗର ମୁଖ୍ୟ ଭରସା ହେଉଛନ୍ତି ସାଲିବା। ଦୃଢ଼ ରକ୍ଷଣ ଓ ଖେଳକୁ ବୁଝିବାର କ୍ଷମତା ତାଙ୍କୁ ବିଶ୍ୱର ଶ୍ରେଷ୍ଠ ରକ୍ଷକମାନଙ୍କ ମଧ୍ୟରେ ସ୍ଥାନ ଦେଇଛି। ଆହତଜନିତ ସମସ୍ୟାରୁ ସୁସ୍ଥ ହୋଇ ସେ ବିଶ୍ୱକପ୍‌ରେ ଫେରୁଛନ୍ତି।




### ଭର୍ଜିଲ୍ ଭାନ୍ ଡାଇକ୍ (ନେଦରଲାଣ୍ଡସ)

ଅଭିଜ୍ଞ ଭାନ୍ ଡାଇକ୍ ଏବେ ବି ନେଦରଲାଣ୍ଡସ ଦଳର ମେରୁଦଣ୍ଡ। ତାଙ୍କ ନେତୃତ୍ୱ, ଶାରୀରିକ ଦକ୍ଷତା ଓ ସଠିକ୍ ସ୍ଥାନ ଚୟନ କ୍ଷମତା ଦଳକୁ ବଡ଼ ସଫଳତା ଦେଇପାରେ। ନେଦରଲାଣ୍ଡକୁ ପ୍ରଥମଥର ବିଶ୍ୱକପ୍ ଚାମ୍ପିଅନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି।



### ଆଶ୍ରାଫ୍ ହାକିମି (ମରୋକ୍କୋ)

ଦ୍ରୁତଗତି ଓ ଆକ୍ରମଣାତ୍ମକ ଖେଳ ପାଇଁ ପରିଚିତ ହାକିମି ୨୦୨୨ ବିଶ୍ୱକପ୍‌ରେ ମରୋକ୍କୋକୁ ସେମିଫାଇନାଲ୍‌ରେ ପହଞ୍ଚାଇବାରେ ବଡ଼ ଭୂମିକା ନିଭାଇଥିଲେ। ଡାହାଣ ପାର୍ଶ୍ୱରୁ ତାଙ୍କ ଦ୍ରୁତ ଆକ୍ରମଣ ବିପକ୍ଷ ଦଳ ପାଇଁ ସବୁବେଳେ ବିପଦ ସୃଷ୍ଟି କରିଥାଏ। ତେଣୁ ହାକିମିଙ୍କ ପ୍ରଦର୍ଶନ ଉପରେ ଏଥର ସମସ୍ତଙ୍କ ନଜର ରହିଛି।




### ନୁନୋ ମେଣ୍ଡେସ୍ (ପର୍ତ୍ତୁଗାଲ୍)

ବାମ ପାର୍ଶ୍ୱର ଏହି ଯୁବ ଡିଫେଣ୍ଡର ଗତି, ଶକ୍ତି ଓ ସଠିକ୍ କ୍ରସ୍ ପାଇଁ ଜଣାଶୁଣା। ଶାନ୍ତ ଭାବେ ନିଜ କାମ କରୁଥିବା ମେଣ୍ଡେସ୍ ପର୍ତ୍ତୁଗାଲ୍‌ର ବିଶ୍ୱକପ୍ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତି। ଏଥର ଫିଫା ବିଶ୍ୱକପ୍‌ରେ ଗୋଲ୍ ସ୍କୋରରମାନଙ୍କ ସହ ଏହି ଡିଫେଣ୍ଡରମାନେ ମଧ୍ୟ ନିଜ ଦକ୍ଷତାର ଛାପ ଛାଡ଼ିବାକୁ ପ୍ରସ୍ତୁତ। ଦଳର ସଫଳତାରେ ରକ୍ଷଣଭାଗର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଏହି ତାରକା ଖେଳାଳିମାନେ ପୁଣିଥରେ ପ୍ରମାଣ କରିବାକୁ ଚେଷ୍ଟା କରିବେ।

### ଚର୍ଚ୍ଚାରେ ନରୱେ ଦଳ

## ସାଥିରେ ଆଣିଛି ୩ କ୍ୱିଣ୍ଟାଲ ମାଛ; ୬ ହଜାର କମଳା

ଫିଫା ବିଶ୍ୱକପର ୨୩ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ପ୍ରଥମଥର ଲାଗି ମୋଟ ୪୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ୨୮ ବର୍ଷ ପରେ, ନରୱେ ଦଳ ମଧ୍ୟ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆମେରିକାରେ ପହଞ୍ଚି ସାରିଥିବା ନରେୱେ ଦଳ ନିଜର ଖାଦ୍ୟ ପାଇଁ ମଧ୍ୟ ଖବର ଶିରୋନାମାରେ ରହିଛି। ରିପୋର୍ଟ ଅନୁଯାୟୀ ନରୱେ ଦଳ ସହିତ ୩୦୦ କିଲୋଗ୍ରାମ ଲାଲ ମାଛ ସମେତ ଅନେକ ଟନ୍ ସାମଗ୍ରୀ ପହଞ୍ଚିଛି। ଉତ୍ତର କାରୋଲିନାର ଗ୍ରୀନ୍ସବୋରୋରେ ନରୱେ ଫୁଟବଲ୍ ଦଳର ଶିବିର ପଡ଼ିଛି। ନରୱେ ଏହାର ଜାତୀୟ ଦଳ ସହିତ ଯୁକ୍ତରାଷ୍ଟ୍ରକୁ ଯଥେଷ୍ଟ ପରିମାଣର ଖାଦ୍ୟ ପଠାଇଛି। ରିପୋର୍ଟ ଅନୁସାରେ, ଟୁର୍ଣ୍ଣାମେଣ୍ଟ




ସମୟରେ ଖେଳାଳିମାନଙ୍କୁ ଘରେ ଥିବା ଅନୁଭବ କରାଇବା ପାଇଁ ୩୦୦ କିଲୋଗ୍ରାମ ଲାଲ ମାଛ, ୬ ହଜାର କମଳା ଏବଂ ୧୧୬ କିଲୋଗ୍ରାମ ପାରମ୍ପରିକ ନରୱେ ପନିର ଆମେରିକାରେ ପହଞ୍ଚିଛି। ସେହିଭଳି ନରୱେର ବ୍ୟକ୍ତିଗତ ରୋଷେୟା ମଧ୍ୟ ଦଳ ସହିତ ଆମେରିକା ଯାଇଛନ୍ତି। ୨୦୨୦ ମସିହାରେ ଅନ୍ତର୍ଜାତୀୟ ରୋଷେୟା ପ୍ରତିଯୋଗିତା, କୁଲିନାରୀ ଅଲିମ୍ପିକ୍ସରେ ଏସ୍ପେଲାଣ୍ଡ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଏସ୍ପେଲାଣ୍ଡ କହିଛନ୍ତି, "ଯୁକ୍ତରାଷ୍ଟ୍ରକୁ ଏତେ ପରିମାଣର ଖାଦ୍ୟ ଆଣିବା ଏକ ଚ୍ୟାଲେଞ୍ଜିଂ ଥିଲା। ସେ ଆଶା କରୁଛନ୍ତି ଯେ ଖେଳାଳିମାନେ ଟୁର୍ଣ୍ଣାମେଣ୍ଟ ସମୟରେ ମୋଟ ୩୦୦ କିଲୋଗ୍ରାମ ମାଛ ଖାଇବେ। ନରୱେ ଇରାକ, ସେନେଗାଲ ଏବଂ ଫ୍ରାନ୍ସ ସହିତ ଫିଫା ବିଶ୍ୱକପ୍ ୨୦୨୬ର ଗ୍ରୁପ୍ ଓ ରେ ଅଛି। ଦଳର ପ୍ରଥମ ମ୍ୟାଚ୍ ଜୁନ୍ ୧୭ ତାରିଖରେ ଇରାକ୍ ବିପକ୍ଷରେ।




ସକାଳ
THE SAKALA
www.sakalaepaper.com

# ଫିଫା ବିଶ୍ୱକପ୍ ଉଦ୍‌ଘାଟିତ

ମେକ୍ସିକୋ ସିଟି,୧୧।୬(ଏଜେନ୍ସି): ବର୍ଷ ବର୍ଷ ଧରି ପ୍ରତୀକ୍ଷାର ଅନ୍ତଃ ଶେଷ ହୋଇଛି। ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଫିଫା ବିଶ୍ୱକପ୍‌ର ଆଉ ଏକ ବା ୨୩ତମ ସଂସ୍କରଣ ଏହାର ସଭାପତି ଗିଆନି ଇନ୍‌ଫାଣ୍ଟିନୋଙ୍କ ଦ୍ୱାରା ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଯାଇଛି। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନ୍‌ବାମ ଉଦ୍‌ଘାଟନୀ ଉତ୍ସବକୁ ଆସି ନ ଥିଲେ। ମେକ୍ସିକୋ ଓ ବିଶ୍ୱର ନେତୃବୃନ୍ଦ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଖେଳାଳି ଓ ଦର୍ଶକଙ୍କ ଉପସ୍ଥିତିରେ ସର୍ବବୃହତ୍ ବିଶ୍ୱକପ୍‌ର ଶୁଭ ଉଦ୍‌ଘାଟନ ହୋଇଛି। କିଂବଦନ୍ତୀ ଫୁଟବଲ ତାରକା, ପ୍ରଶାସକ, ସମର୍ଥକଙ୍କ ଉପସ୍ଥିତିରେ ଫୁଟବଲ ଖେଳର ମହାକୁମ୍ଭ ଆରମ୍ଭ ହୋଇଛି। ଏଥର ବିଶ୍ୱକପ୍‌ରେ ସର୍ବାଧିକ ୪୮ଟି ଟିମ୍ ଭାଗନେଇଥିଲ ବେଳେ ୩୯ ଦିନରେ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ। ପ୍ରଥମଥର ଲାଗି ୩ଟି ଦେଶ ଯଥା ଆମେରିକା, ମେକ୍ସିକୋ ଓ କାନାଡାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏଭଳି ସ୍ଥିତିରେ ଚଳିତ ବିଶ୍ୱକପ୍ ସମସ୍ତ ରେକର୍ଡକୁ ଅତିକ୍ରମ କରିବ ବୋଲି କୁହାଯାଉଛି। ଆର୍ଜେଣ୍ଟିନା ଏଠାରେ ଟାଇଟଲ ରକ୍ଷା କରିବାକୁ ଯୋଜନା କରୁଥିଲାବେଳେ ଏହାର ତାରକା ଖେଳାଳି ଲିଓନେଲ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ୬ଷ୍ଠ ଥର ଲାଗି ବିଶ୍ୱକପ୍‌ରେ ଭାଗନେଇ ଇତିହାସ ସୃଷ୍ଟି କରିଛନ୍ତି। ଏଥର ଅଧିକ ମ୍ୟାଚ୍ ଖେଳାଯାଉଥିବାରୁ ବିଶ୍ୱକପ୍‌ର ଏକାଧିକ ରେକର୍ଡ ଭାଙ୍ଗିଯିବ ବୋଲି ଅନୁମାନ କରାଯାଇଛି।

### ଆକର୍ଷଣୀୟ ଉଦ୍‌ଘାଟନୀ ଉତ୍ସବ

ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ମେକ୍ସିକୋର କଳା, ସଂସ୍କୃତି, ଆଧୁନିକ ବିଜ୍ଞାନର ଉନ୍ନତି ଉପରେ ଉଦ୍‌ଘାଟନୀ ଉତ୍ସବରେ ପ୍ରଦର୍ଶିତ ହୋଇଥିଲା। ବିଶ୍ୱର ପ୍ରସିଦ୍ଧ ପପ୍ ଗାୟିକା ସାକିରା ଓ ଆଲଜେରିଆର ଖ୍ୟାତନାମା ଗାୟକ ବୁର୍ଣ୍ଣା ବୟ ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକଙ୍କୁ ଉଲ୍ଲସିତ କରିବାରେ ସମର୍ଥ ହୋଇଥିଲେ। ବିଶ୍ୱକପ୍ ସଙ୍ଗୀତ ଦାଏ ଦାଏ ପରିବେଷଣ କରିବା ସହ ନୃତ୍ୟରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ଇଟାଲୀର ମାର୍କୋ ବାଲିଚ୍ ଏହି ଉତ୍ସବର କ୍ରିଏଟିଭ୍ ମୁଖ୍ୟ ରହିଥିଲେ। ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରି ମାର୍କୋ ବାଲିଚ୍ ଖ୍ୟାତି ଲାଭ କରିଥିଲେ। ମେକ୍ସିକୋରେ କଲିମ୍ବିଆ ଷ୍ଟାର ଜେ ବାଲଭିନ୍ ଓ ଦକ୍ଷିଣ ଆଫ୍ରିକା ଗାୟିକା ତାଇଲା ଦର୍ଶକଙ୍କୁ ଉତ୍ତେଜନାରେ ଭରିଦେଇଥିଲେ। ଅନ୍ୟ ତାରକାମାନଙ୍କ ମଧ୍ୟରେ ଆଲେଜାଣ୍ଡ୍ରୋ ଫର୍ଣ୍ଣାଣ୍ଡିଜ୍, ବେଲିଣ୍ଡା, ଡାନ୍ନି ଓସେନ୍, ଜେ. ବାଲଭିନ୍, ଲିଳା ଡାଉନ୍ସ, ଲସ୍‌ଏଞ୍ଜେଲ୍ସ ଆଜୁଲେସ୍, ମାନା ଓ ଟିଲା ମଧ୍ୟ ଅଫିସିଆଲ ଫିଫା ସଙ୍ଗୀତ ପରିବେଷଣରେ ସହଯୋଗ କରିଥିଲେ।













## ଭାରତୀୟ ଜୁନିଅର ଦଳରେ ଦ୍ରାବିଡ୍‌ଙ୍କ ପୁଅ ଅନ୍ୱୟ



ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): କିମ୍ବଦନ୍ତୀ ଭାରତୀୟ କ୍ରିକେଟର୍ ରାହୁଲ ଦ୍ରାବିଡ୍‌ଙ୍କ ସାନ ପୁଅ ଅନ୍ୱୟ ଦ୍ରାବିଡ୍ ଭାରତୀୟ ଜୁନିଅର ଦଳରେ ସ୍ଥାନ ପାଇଛନ୍ତି। ଆଗାମୀ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ ଲାଗି ଗୁରୁବାର ବିସିସିଆଇ ପକ୍ଷରୁ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଘୋଷିତ ୧୫ ଜଣିଆ ଦଳରେ ୱିକେଟ୍‌କିପର ବ୍ୟାଟର୍ ଅନ୍ୱୟଙ୍କୁ ସୁଯୋଗ ମିଳିଛି। ଯଶବର୍ଦ୍ଧନ ସିଂହ ଚୌହାନଙ୍କୁ ଏହି ଦଳର ନେତୃତ୍ୱ ଭାର ଦିଆଯାଇଛି। ୧୭ ବର୍ଷୀୟ ଅନ୍ୱୟ ଗତବର୍ଷ ବିସିସିଆଇର ବିନୁ ମଙ୍କଡ଼ ଟ୍ରଫିରେ କର୍ଣ୍ଣାଟକ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ କର୍ଣ୍ଣାଟକ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ପ୍ରବେଶ କରିପାରିଥିଲା। ଅନ୍ୱୟ ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ମ୍ୟାଚ ଖେଳି ୨୨୦ ରନ ସଂଗ୍ରହ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଏଥିପୂର୍ବରୁ ଦ୍ରାବିଡଙ୍କ ବଡ଼ ପୁଅ ସମିତ ୨୦୨୪ରେ ଭାରତୀୟ ୧୯ ବର୍ଷରୁ କମ୍ ଦଳରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ସେହିଭଳି ରାହୁଲ ଦ୍ରାବିଡ ୯୦ ଦଶକର ପ୍ରାରମ୍ଭରେ ଭାରତୀୟ ଜୁନିଅର ଦଳରୁ ଖେଳି ଜାତୀୟ ଦଳରେ ସୁଯୋଗ ପାଇଥିଲେ।

## ୱିମ୍ବଲଡନ୍ ବିଜେତା ପାଇବେ ୪୬ କୋଟି

ଲଣ୍ଡନ, ୧୧।୬ (ଏଜେନ୍ସି): ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୧୩୯ତମ ସଂସ୍କରଣ ଜୁନ ୨୯ରୁ ଲଣ୍ଡନରେ ଆରମ୍ଭ ହେବାକୁଯାଉଛି। ଏଥିଲାଗି ୱିମ୍ବଲଡନ ଆୟୋଜକ ଅଲ୍‌ଇଂଲଣ୍ଡ ଲନ୍ ଟେନିସ କ୍ଲବ (ଏଇଏଲ୍‌ଟିସି) ପକ୍ଷରୁ ଆଗାମୀ ସଂସ୍କରଣ ଲାଗି ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ଗତ ସଂସ୍କରଣ ଅପେକ୍ଷା ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ହୋଇଛି। ଏଥର ପୁରସ୍କାର ବାବଦକୁ ମୋଟ୍ ୬୨.୨ ପାଉଣ୍ଡ (ଭାରତୀୟ ମୁଦ୍ରାରେ ପ୍ରାୟ ୮୨୧ କୋଟି) ପ୍ରଦାନ କରାଯିବ। ଅର୍ଥାତ୍ ଗତ ସଂସ୍କରଣଠାରୁ ଏଥର ୧୩୭ କୋଟି ଟଙ୍କା ଅଧିକ ପୁରସ୍କାର ରାଶି ରହିଛି। ଏଥର ୱିମ୍ବଲଡନରେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ହେବାକୁ ଥିବା ଖେଳାଳିଙ୍କୁ ୩.୬ ମିଲିୟନ ପାଉଣ୍ଡ (୪୫ କୋଟି ୯୮ ଲକ୍ଷ ଟଙ୍କା) ଅର୍ଥରାଶି ଦିଆଯିବ। ସେହିଭଳି ଯେଉଁ ଖେଳାଳି ପୁରୁଷ ଓ ମହିଳା ସିଙ୍ଗଲ୍ସରେ ରନର୍ସଅପ୍ ହେବେ ତାଙ୍କୁ ପାଖାପାଖି ୨୩ କୋଟି ଟଙ୍କା ମିଳିବ। ଅପରପକ୍ଷରେ ସିଙ୍ଗଲ୍ସ ବିଭାଗର ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଥିବା ଖେଳାଳି ଏକ କୋଟି ୨ ଲକ୍ଷ ଟଙ୍କା ସାଥୀରେ ଘରକୁ ନେଇ ଆସିବ।

■ ଅଷ୍ଟ୍ରେଲିଆର ଭୟଙ୍କର ବିପର୍ଯ୍ୟୟ

## ବାଂଲାଦେଶର ଐତିହାସିକ ସିରିଜ ବିଜୟ

ମିରପୁର, ୧୧।୬ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ଦଳ ଏହାର ଦିନିକିଆ ଇତିହାସରେ ସବୁଠାରୁ ସ୍ମରଣୀୟ ସିରିଜ ବିଜୟ ସ୍ୱାଦ ଚାଖିଛି। ଗୁରୁବାର ଏଠାରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆକୁ ବାଂଲାଦେଶ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ବିଜୟୀ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚରେ ମଧ୍ୟ ଅଷ୍ଟ୍ରେଲିଆ ଡିଏଲ୍ ପଦ୍ଧତିରେ ୮୬ ରନରେ ହାରିଥିଲା। ଫଳରେ ଗୋଟିଏ ମ୍ୟାଚ ବାକିଥାଇ ଘରୋଇ ବାଂଲାଦେଶ ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ଫଳରେ ବାଂଲାଦେଶ ଦିନିକିଆ ଇତିହାସରେ ପ୍ରଥମଥର ଲାଗି ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟୀ ହୋଇଛି। ଏଥିପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୪ଥର ଦିନିକିଆ ସିରିଜ ଖେଳି ବାଂଲାଦେଶ ସବୁଯାକ ପରାସ୍ତ ହୋଇଥିଲା।

ଗୁରୁବାର ବର୍ଷା ବାଧାପ୍ରାପ୍ତ ୪୨ ଓଭରବିଶିଷ୍ଟ ଦ୍ୱିତୀୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ୧୮୭ ରନ କରିଥିଲା। ମାର୍ନସ ଲାବୁଶେନ ୫୫ ଓ ଜାଭିଅର ବାର୍ଟଲେଟ ୫୨ ରନ କରିଥିଲେ। ଅଧିନାୟକ ଜୋଶ୍ ଇଂଲିଶ ୩୪ ଓ କାମେରନ ଗ୍ରୀନ ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ବାଂଲାଦେଶର ତାସକିନ ଅହମ୍ମଦ ଓ ମୁସ୍ତାଫିଜୁର ରହମାନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ବାଂଲାଦେଶ ଇନିଂସରେ ପୁନର୍ବାର ବର୍ଷା ହେବାରୁ ଦଳ ସମ୍ମୁଖରେ ୪୧ ଓଭରରେ ୧୯୨ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଏହାକୁ ବାଂଲାଦେଶ ୩୫ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା। ତୌହିଦ ହ୍ରିଦୟ ୪୦, ନାଜମୋଲ ହୋସେନ ସାଣ୍ଟୋ ୪୧ ଓ ସୌମ୍ୟ ସର୍କାର ୪୨ ରନ କରିଥିଲେ।

## ଟି-୨୦ ଓ ଦିନିକିଆରେ ଭାରତ ନମ୍ବର ୧

ଦୁବାଇ,୧୧।୬(ଏଜେନ୍ସି)

ଆଇସିସି ପକ୍ଷରୁ ନିକଟରେ ପ୍ରକାଶିତ ଦିନିକିଆ ଟିମ୍ ର୍‌ୟାଙ୍କିଂରେ ଭାରତ ନମ୍ବର-୧ ସ୍ଥାନ ବଜାୟ ରଖିଛି। କିନ୍ତୁ ଦଳ ଗୋଟିଏ ପଏଣ୍ଟ ହରାଇଥିଲାବେଳେ ନ୍ୟୁଜିଲାଣ୍ଡ ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ତଫାତ୍ ୫ ପଏଣ୍ଟକୁ କମିଆସିଛି। ଅଷ୍ଟ୍ରେଲିଆ ପୂର୍ବପରି ତୃତୀୟ ସ୍ଥାନରେ ରହିଛି। ପୂର୍ବରୁ ଭାରତ ମଧ୍ୟ ଟି-୨୦ରେ ନମ୍ବର-୧ ରହିଛି। ଅଷ୍ଟ୍ରେଲିଆ ଟେଷ୍ଟରେ ନମ୍ବର-୧ ଥିଲାବେଳେ ମହିଳା ଟି-୨୦ ଓ ଦିନିକିଆରେ ଅଷ୍ଟ୍ରେଲିଆ ନମ୍ବର-୧ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଛି।

## ଭାରତ-ଏ’କୁ ହରାଇଲା ଆଫଗାନିସ୍ତାନ-ଏ

ଡାମ୍ବୁଲା, ୧୧।୬ (ଏଜେନ୍ସି)

ତ୍ରି-ରାଷ୍ଟ୍ରୀୟ ସିରିଜ




ଶ୍ରୀଲଙ୍କାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ଭାରତ-ଏ ଗୁରୁବାର ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏଠାରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଆଫଗାନିସ୍ତାନ-ଏ ଡିଏଲ୍ ପଦ୍ଧତିରେ ୪ ରନରେ ତିଳକ ବର୍ମାଙ୍କ ନେତୃତ୍ୱାଧୀନ ଭାରତ-ଏ’କୁ ପରାସ୍ତ କରିଛି। ପୂର୍ବରୁ ଭାରତ-ଏ ଉଦ୍‌ଘାଟନୀ ମ୍ୟାଚରେ ୮ ରନରେ ଶ୍ରୀଲଙ୍କା-ଏ’କୁ ହରାଇଥିଲା। ଏବେ ଦୁଇଟି ମ୍ୟାଚରୁ ୨ ପଏଣ୍ଟ ପାଇ ଭାରତ-ଏ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ତିଳକ ବର୍ମାଙ୍କ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ଜୁନ ୧୫ରେ ଶ୍ରୀଲଙ୍କା-ଏ’କୁ ଭେଟିବ।

ଗୁରୁବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ୪୯ ଓଭରବିଶିଷ୍ଟ ମ୍ୟାଚରେ ଭାରତ-ଏ ୯ ୱିକେଟରେ ୩୪୯ ରନ କରିଥିଲା। ପ୍ରଭସିମରନ ସିଂହ ୮୪, ଋତୁରାଜ ଗାଏକୱାଡ ଓ ତିଳକ ୬୬ ରନ ଲେଖାଏ, ବୈଭବ ସୂର୍ଯ୍ୟବଂଶୀ ୨୨ ବଲରେ ୪୪ ଓ ସୂୟାଶ ହେଡଗେ ୪୦ ରନ କରିଥିଲେ। ପ୍ରତିପକ୍ଷ ବୋଲର ଅବଦୁଲ୍ଲା ଅହମଦାଜାଇ ୫ଟି ୱିକେଟ୍ ନେଇଥିଲେ। ଜବାବରେ ଆଫଗାନିସ୍ତାନ-ଏ ୨୫.୫ ଓଭରରେ ୨ ୱିକେଟ୍ ହରାଇ ୧୭୭ ରନ କରିଥିବାବେଳେ ବର୍ଷା ହୋଇଥିଲା। ଫଳରେ ଡିଏଲ୍ ପଦ୍ଧତିରେ ଆଫଗାନିସ୍ତାନକୁ ୪ ରନରେ ବିଜୟୀ ଘୋଷିତ କରାଯାଇଥିଲା।

## ଅଷ୍ଟ୍ରେଲିଆ ଟି-୨୦ ଦଳରେ ଭାରତ ଜନ୍ମିତ ନିଖିଳ ଚୌଧୁରୀ



ନୂଆଦିଲ୍ଲୀ,୧୧।୬(ଏଜେନ୍ସି): ଭାରତ ବା ନୂଆଦିଲ୍ଲୀରେ ଜନ୍ମିତ ଏବଂ ପଞ୍ଜାବ ପାଇଁ ୧୪ଟି ଲିଷ୍ଟ-ଏ’ ମ୍ୟାଚ୍ ଖେଳିଥିବା ଅଲରାଉଣ୍ଡର ନିଖିଳ ଚୌଧୁରୀଙ୍କୁ ଅଷ୍ଟ୍ରେଲିଆ ଟି-୨୦ ଦଳରେ ସାମିଲ କରାଯାଇଛି। ସେ ଯଦି ବାଂଲାଦେଶ ବିପକ୍ଷ ସିରିଜ୍‌ରେ ଡେବ୍ୟୁ କରନ୍ତି, ତାହା ହେଲେ ଦୀର୍ଘ ୬୦ ବର୍ଷ ପରେ କୌଣସି ଭାରତୀୟ ଜନ୍ମିତ ପୁରୁଷ କ୍ରିକେଟର ଅଷ୍ଟ୍ରେଲିଆ ପକ୍ଷରୁ ଖେଳିବେ। ଅଷ୍ଟ୍ରେଲିଆ-ବାଂଲା ଟି-୨୦ ସିରିଜ୍ ଜୁନ୍ ୧୭ରୁ ୨୧ ମଧ୍ୟରେ ଖେଳାଯିବ। ନିଖିଳଙ୍କ ପୂର୍ବରୁ ଦୁଇଜଣ ଭାରତୀୟ ଜନ୍ମିତ ଖେଳାଳି ଅଷ୍ଟ୍ରେଲିଆ ପକ୍ଷରୁ ଖେଳିଛନ୍ତି। ସେମାନେ ହେଲେ ପୁରୁଷ ବିଭାଗରେ ଗୁଜରାଟ ଜନ୍ମିତ ଲେଗ୍ ସ୍ପିନର ରେକ୍ସ ସେଲାର ୧୯୬୪ କୋଲକାତା ଟେଷ୍ଟରେ ଅଷ୍ଟ୍ରେଲିଆ ପକ୍ଷରୁ ଖେଳିଥିଲେ। ଏହା ପରେ ମହିଳା ବିଭାଗରେ ପୁଣେ ଜନ୍ମିତ ଲିସା ଷ୍ଟାଲକାର ୨୦୦୩ରୁ ୨୦୧୩ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଦଳର ପ୍ରଭାବୀ ସଦସ୍ୟ ରହିଥିଲେ। ଏବେ ଗୁରିନ୍ଦର ସାନ୍ଧୁ ଓ ତନ୍‌ବୀର ସାଙ୍ଗା ଅଷ୍ଟ୍ରେଲିଆରେ ଜନ୍ମିତ ଖେଳାଳିଭାବେ ଦଳରେ ସ୍ଥାନ ପାଇଛନ୍ତି। ୨୦୧୯ରେ ନିଜ ମାମୁଁଙ୍କ ପାଖକୁ କ୍ୱିନ୍ସଲାଣ୍ଡ ଯାଇଥିଲାବେଳେ କୋଭିଡ୍ ସ୍ଥିତି ଯୋଗୁ ସ୍ୱଦେଶ ଫେରି ପାରି ନ ଥିଲେ। ଏହା ପରେ ଜେମ୍ସ ହୋପ୍ସ ତାଙ୍କ ପ୍ରତିଭା ଦେଖିବା ପରେ ଅଷ୍ଟ୍ରେଲିଆ ବିଗ୍‌ବାଶ ଲିଗ୍‌ରେ ଜଣେ ପ୍ରଭାବଶାଳୀ ଖେଳାଳି ହୋଇପାରିଛନ୍ତି।

# ଆଜିଠୁ ମହିଳା ଟି-୨୦ ବିଶ୍ୱକପ୍

### ଇଂଲଣ୍ଡ-ଶ୍ରୀଲଙ୍କା ଉଦ୍‌ଘାଟନୀ ଲଢ଼େଇ

ଏଜବାଷ୍ଟନ, ୧୧।୬ (ଏଜେନ୍ସି)




ଫୁଟ୍‌ବଲର ମହାକୁମ୍ଭ ଫିଫା ବିଶ୍ୱକପ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହାର ଠିକ୍ ଦିନକ ପରେ ଆଉ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଇଂଲଣ୍ଡରେ ଆରମ୍ଭ ହେବାକୁଯାଉଛି। ମହିଳା ଟି-୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣ ଶୁକ୍ରବାରଠାରୁ ଖେଳାଯିବ। ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଏଜବାଷ୍ଟନରେ ରାତି ୧୧ଟାରେ ଅନୁଷ୍ଠିତ ହେବ।

ମହିଳା ଟି-୨୦ ବିଶ୍ୱକପ୍‌ର ଏହି ସଂସ୍କରଣରେ ମୋଟ୍ ୧୨ଟି ଦଳ ଭାଗନେଉଛନ୍ତି। ଇଂଲଣ୍ଡର ୭ଟି ଭେନ୍ୟୁରେ ବିଶ୍ୱକପ୍‌ର ମ୍ୟାଚଗୁଡ଼ିକ ଖେଳାଯିବ। ଜୁଲାଇ ୫ରେ ଫାଇନାଲ ସହ ଏଥର ବିଶ୍ୱକପ୍‌ରେ ମୋଟ୍ ୩୩ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଅଂଶଗ୍ରହଣକାରୀ ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗକରାଯାଇଛି। ରେକର୍ଡ ୬ଥରର ବିଜେତା ଅଷ୍ଟ୍ରେଲିଆ ସହ ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ନେଦରଲାଣ୍ଡସ ଗ୍ରୁପ୍-ଏ’ରେ ସ୍ଥାନ ପାଇଛନ୍ତି। ସେହିଭଳି ଗ୍ରୁପ୍-ବି’ରେ ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ସହ ଆୟୋଜକ ଇଂଲଣ୍ଡ, ଆୟର୍ଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ସ୍କଟଲାଣ୍ଡ ରହିଛି। ଗ୍ରୁପ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ପ୍ରତି ଗ୍ରୁପ୍‌ର ଦୁଇ ଶୀର୍ଷ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଜୁନ ୩୦ରେ ପ୍ରଥମ ଓ ଜୁଲାଇ ୨ରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାପରେ କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଜୁଲାଇ ୫ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

● ଚାମ୍ପିଅନ ଦଳକୁ ମିଳିବ ୨୨.୪୧ କୋଟି

ଏଥର ମହିଳା ଟି-୨୦ ବିଶ୍ୱକପ୍ ଲାଗି ଆଇସିସି ମୋଟ୍ ୮.୭୬ ମିଲିୟନ ଡଲାର ପୁରସ୍କାର ରଖିଛି। ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୮୩ କୋଟି ୯୧ ଲକ୍ଷ ଟଙ୍କା ହେବ। ସେହିଭଳି ଚାମ୍ପିଅନ ଦଳ ଏଥର ୨୨.୪୧ କୋଟି ଟଙ୍କା ସାଙ୍ଗରେ ନେଇ ଘରକୁ ଯିବ। ରନର୍ସଅପ୍ ହୋଇଥିବା ଦଳକୁ ୧୧.୨୦ କୋଟି ଟଙ୍କା ମିଳିବ। ଅପରପକ୍ଷରେ ସେମିଫାଇନାଲରେ ହାରି ବିଦାୟନେଇଥିବା ଦୁଇଟି ଦଳ ୬.୪୬ କୋଟି ଲେଖାଏ ପାଇବେ। ସେହିଭଳି ପ୍ରତି ମ୍ୟାଚରେ ବିଜୟୀ ହୋଇଥିବା ଦଳକୁ ୨୯ ଲକ୍ଷ ୮୩ ହଜାର ଟଙ୍କା ଆଇସିସି ପକ୍ଷରୁ ପ୍ରଦାନ କରାଯିବ।

**ଭାରତର କାର୍ଯ୍ୟସୂଚୀ**

| ତାରିଖ | ପ୍ରତିପକ୍ଷ | ଭେନ୍ୟୁ |
|---|---|---|
| ଜୁନ ୧୪ | ପାକିସ୍ତାନ | ବର୍ମିଂହାମ |
| ଜୁନ ୧୭ | ନେଦରଲାଣ୍ଡସ | ଲିଡ୍ସ |
| ଜୁନ ୨୧ | ଦ.ଆଫ୍ରିକା | ମାଞ୍ଚେଷ୍ଟର |
| ଜୁନ ୨୫ | ବାଂଲାଦେଶ | ମାଞ୍ଚେଷ୍ଟର |
| ଜୁନ ୩୦ | ଅଷ୍ଟ୍ରେଲିଆ | ଲଣ୍ଡନ |

● ଭାରତୀୟ ଦଳ:

ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଭାରତୀ ଫୁଲମଣି, ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡୀ, ରିଚା ଘୋଷ, ଯଷ୍ଟିକା ଭାଟିଆ (ଉଭୟ ୱିକେଟ୍‌କିପର), ରେଣୁକା ସିଂ ଠାକୁର, ନନ୍ଦିନୀ ଶର୍ମା, କ୍ରାନ୍ତି ଗୌଡ଼, ଶ୍ରେୟଙ୍କା ପାଟିଲ, ରାଧା ଯାଦବ ଓ ଶ୍ରୀଚରଣୀ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS